

## ମୁସ୍ତାଫାବାଦର ନୂଆ ନାଁ ହେଲା କବୀରଧାମ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 214 | ଭାଗ ୩୩ | ସଂଖ୍ୟା ୨୧୪ | Tuesday 28 October 2025 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୮ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଛନକା ବଢ଼ାଉଛି ମୋନ୍ଥା: ଆଜି ରାତିରେ ଲ୍ୟାଣ୍ଡ୍‌ଫଲ୍

- ଗୋପାଳପୁରଠାରୁ ୭୯୦ କିମି ଦୂରରେ ବାତ୍ୟା
- ଘଣ୍ଟା ପ୍ରତି ୧୮ କିମି ବେଗରେ ଗତି କରୁଛି
- ଓଡ଼ିଶାରେ ପହଞ୍ଚିବା ବେଳକୁ ଦୁର୍ବଳ ହେବ
- ୮ ଜିଲ୍ଲା ହେବ ପ୍ରଭାବିତ, ଛୁଟି ବାତିଲ୍
- ଓଡ଼ିଶା ଦେଇ ଛତିଶଗଡ଼ମୁହାଁ ହେବ
- ଆଜି ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ମୁକାବିଲା ସମୀକ୍ଷା




ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବାତ୍ୟା 'ମୋନ୍ଥା' ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୧୮ କିମି ବେଗରେ ଗତି କରୁଛି। ଏହା ଆସନ୍ତାକାଲି ସକାଳ ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଆନ୍ଧ୍ରପ୍ରଦେଶ ଉପକୂଳ ମଛଲିପଟନମ୍-କଳିଙ୍ଗ ପଟନମ୍ ମଧ୍ୟରେ ଅତିକ୍ରମ କରିବା ସହ କାକିନାଡ଼ାଠାରେ ଲ୍ୟାଣ୍ଡ୍‌ଫଲ୍ କରିବ। ସେତେବେଳେ ଭୀଷଣ ବେଗରେ ପବନ ବହିବ ଅର୍ଥାତ୍ ଘଣ୍ଟା ପ୍ରତି ପବନର ବେଗ ୯୦ରୁ ୧୧୦ କିମି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଓଡ଼ିଶାର ୮ଟି ଜିଲ୍ଲା ସମ୍ପୂର୍ଣ୍ଣ ପ୍ରଭାବିତ ହେବ। ସେଗୁଡ଼ିକ ହେଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର। ତେଣୁ ଏହିସବୁ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଦିଆଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରେଳବାଇ ପକ୍ଷରୁ ୪୩ଟି ଟ୍ରେନ୍ ଚଳାଚଳକୁ ବାତିଲ୍ କରିଦିଆଯାଇଛି। ଏହାଛଡ଼ା କେତେକ ବିମାନ ଚଳାଚଳକୁ ମଧ୍ୟ ବନ୍ଦ କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଆନ୍ଧ୍ରପ୍ରଦେଶ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଇଥିବା ବେଳେ ପ୍ରସ୍ତୁତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ➪ପୃଷ୍ଠା-୬

## ସିଜେଆଇ ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ୍



ନୂଆଦିଲ୍ଲୀ,୨୭।୧୦: ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ହୋଇପାରନ୍ତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ। ପୂର୍ବରୁ ଏହି ପଦରେ ନିଯୁକ୍ତି ପାଇଁ ତାଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ଆଜି ଏହା ଆଉ ପାଦେ ଆଗେଇଛି। କାରଣ ଆଜି ବର୍ତ୍ତମାନ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଥିବା ଜଷ୍ଟିସ୍ ବିଆଇ ଗଭାଇ ତାଙ୍କ ନାମ ସୁପାରିସ୍ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଜଷ୍ଟିସ୍ ଗଭାଇଙ୍କ ପରେ ସର୍ବାଧିକ ଅଭିଜ୍ଞ ବିଚାରପତି ଥିବାରୁ ସେ ପରବର୍ତ୍ତୀ ସିଜେଆଇ ହେବା ଏକରକମ ନିଶ୍ଚିତ ବୋଲି କୁହାଯାଉଛି। ଆଜି ଜଷ୍ଟିସ୍ ଗଭାଇ ଏ ସଂକ୍ରାନ୍ତ ସୁପାରିସ୍ ପତ୍ର କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଦେଶରେ ସିଜେଆଇ ନିଯୁକ୍ତି, ବଦଳି ଓ ବହିଷ୍କାର ଆଦି ପ୍ରକ୍ରିୟା ପରିଚାଳନା କରୁଥିବା ମେମୋରାଣ୍ଡମ୍ ଅଫ୍ ପ୍ରୋସେଜିଓର୍ (ଏମ୍‌ଓପି) ପରବର୍ତ୍ତୀ ସିଜେଆଇ ନିଯୁକ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବ। ଯଦି ଆଇନ ମନ୍ତ୍ରଣାଳୟ ସିଜେଆଇ ଗଭାଇଙ୍କ ସୁପାରିସ୍‌କୁ ଗ୍ରହଣ କରେ, ତା'ହେଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର ୫୩ତମ ପ୍ରଧାନ ବିଚାରପତି ହେବେ। କେନ୍ଦ୍ର ସରକାର ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କଲେ, ଆସନ୍ତା ନଭେମ୍ବର ୨୩ ତାରିଖରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କାର୍ଯ୍ୟଭାର ଗ୍ରହଣ କରିବେ ଏବଂ ଆସନ୍ତା ୨୦୨୭ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହରିଆଣାର ହିସାରର ➪ପୃଷ୍ଠା-୬

### ୧୪୦ ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ଦଳ ମୁତୟନ

## ଜିରୋ କାଜୁଆଲ୍‌ଟିକୁ ପ୍ରାଥମିକତା: ରାଜସ୍ୱ ମନ୍ତ୍ରୀ



ବାତ୍ୟା 'ମୋନ୍ଥା'ର ଉପଯୁକ୍ତ ମୁକାବିଲା ସକାଶେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବାତ୍ୟା ଆକଳନ ପରଠାରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା। ଇତିମଧ୍ୟରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ ➪ପୃଷ୍ଠା-୬

### ଓଡ଼ିଶାର ନୌବାଣିଜ୍ୟ ଭବିଷ୍ୟତର ରୂପରେଖ ଦେଲେ ମୁଖ୍ୟମନ୍ତ୍ରୀ

## ନୀଳ ଅର୍ଥନୀତି ବିକାଶ ପାଇଁ ରୋଡମ୍ୟାପ୍

- ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହେବାକୁ ନିବେଶକଙ୍କୁ ଆହ୍ୱାନ
- ଦୃଢ଼ ବନ୍ଦରଭିତ୍ତିକ ଅର୍ଥନୀତି ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ
- ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନ୍ ପଣ୍ୟ କାରବାର ଲକ୍ଷ୍ୟ



ମୁମ୍ବାଇ,୨୭।୧୦(ସଂଚାର ବ୍ୟୁରୋ): ଓଡିଶାକୁ ଏକ ବନ୍ଦରଭିତ୍ତିକ ଅର୍ଥନୀତି ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ବନ୍ଦରଗୁଡିକ ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତିର ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧିରେ ଓଡିଶାର ବନ୍ଦର ଶିଳ୍ପ ଏକ ପ୍ରମୁଖ ଭୂମିକା ନେବା। ମୁମ୍ବାଇଠାରେ ଆୟୋଜିତ ନୌବାଣିଜ୍ୟ ସପ୍ତାହ-୨୦୨୫ର ଉଦଘାଟନୀ ଉତ୍ସବରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ନୌବାଣିଜ୍ୟ ସପ୍ତାହକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉଦଘାଟନ କରିଥିଲେ।

କେନ୍ଦ୍ର ବନ୍ଦର, ବାଣିଜ୍ୟ ମନ୍ତ୍ରଣାଳୟ ଓ ଭାରତୀୟ ବନ୍ଦର ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଦେଶର ଶିଳ୍ପ ନେତୃତ୍ୱ, ଶିଳ୍ପ ବିଶେଷଜ୍ଞ ଓ ନିବେଶକ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବହୁ ନିବେଶକଙ୍କ ସହ ରାଜ୍ୟରେ ନୀଳ ଅର୍ଥନୀତିର ବିକାଶ ନେଇ ଆଲୋଚନା କରିବା ସହ ସେମାନଙ୍କୁ ରାଜ୍ୟରେ ନିବେଶ ପାଇଁ ଆମନ୍ତ୍ରଣ କରିଥିଲେ। ➪ପୃଷ୍ଠା-୬

## ପୁଣି ବିଜେଡି ମାର୍କା ଅଫିସରଙ୍କୁ ନିର୍ବାଚନ ମନା

### ଛୁଟିରେ ଗଲେ କନଓ୍ୱର ବିଶାଳ ସିଂ



**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ପୁଣି ଥରେ ବିଜେଡି ମାର୍କା ଅଫିସରଙ୍କ ଉପରେ ପଡ଼ିଛି ଛାଟ। ନୂଆପଡା ଉପନିର୍ବାଚନ ସମୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଳ ସିଂଙ୍କୁ ବ୍ୟକ୍ତିଗତ କାରଣରୁ ଛୁଟିରେ ଯିବାକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ସେ ଛୁଟିରେ ରହିବେ ବୋଲି ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଦକ୍ଷିଣ ପଶ୍ଚିମାଞ୍ଚଳ ଡ଼ିଆଇଜିଙ୍କ ରେଞ୍ଜରେ ଆସୁଛି ନୂଆପଡା ଜିଲା। ସେଠି ପୁଣି ଉପନିର୍ବାଚନ ଚାଲିଛି। ସେ ଭିତରେ ଡ଼ିଆଇଜିଙ୍କ ଛୁଟିରେ ଯିବାକୁ ଅନୁମତି ଦିଆଗଲା ନା ଜାଣିଶୁଣି ହଟାଗଲା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚର୍ଚ୍ଚା ହେଉଛି କନଓ୍ୱର ବିଶାଳ ସିଂ ଜଣେ ବିଜେଡି ମାର୍କା ଅଫିସର ଥିଲେ ଆଉ ଉପନିର୍ବାଚନରେ ବିଜେଡିକୁ ସହଯୋଗ କରୁଥିଲେ। ଯେଉଁଥିପାଇଁ ତାଙ୍କୁ ସେଠାରୁ ହଟେଇ ଦିଆଯାଇଛି। ସେ ନଭେମ୍ବର ୧୫ ଅର୍ଥାତ ଭୋଟ ପରେ ଛୁଟିରୁ ଫେରିବେ। ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ

ଦାୟିତ୍ୱ ଦିଆଯାଇଛି। ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମଧ୍ୟ କିଛି ଅଫିସରଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆସିଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ନିର୍ବାଚନ କାର୍ଯ୍ୟରୁ ହଟେଇ ଦିଆଯାଇଥିଲା। ସେମଧ୍ୟରେ କନଓ୍ୱର ବିଶାଳ ସିଂଙ୍କ ନାଁ ବି ଥିଲା। ସେତେବେଳେ ସେ ସୁନ୍ଦରଗଡ଼ ଏସ୍ପି ଭାବେ ଦାୟିତ୍ୱ ତୁଲାଉଥିଲେ।

### ମୁନ୍ନାକୁ ସହଯୋଗ କଲେ ପାଣ୍ଡିଆନ |

## ସଚ୍ଚୋଟ କର୍ମୀଙ୍କୁ ହାତଛଡ଼ା କରନ୍ତିନି ଭିକେ




ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ସବୁବେଳେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହୋଇ କାମ କରୁଥିବା ସଦସ୍ୟ ଶିବାନୀକାନ୍ତ ଦାସ ଏବେ ମୃତ୍ୟୁ ସହ ଲଢ଼ୁଛନ୍ତି। ଗୁରୁତ୍ର ଅବସ୍ଥାରେ ହସ୍ପିଟାଲ ବେଡ଼ରେ ପଡିଛନ୍ତି ସେ। ଦିନେ ବିଜେଡି ପାଇଁ ସାମାଜିକ ଗଣମାଧ୍ୟମରେ ଏକ ବଡ଼ ପ୍ରଚାରକ ଭୂମିକା ତୁଲାଉଥିବା ମୁନ୍ନା ଅସୁସ୍ଥ ହୋଇଯିବା ପରେ ତାଙ୍କ ପାଖରେ ପହଞ୍ଚି ଆହା ଟିକେ କହିବାକୁ କେହି ନାହାନ୍ତି। କିନ୍ତୁ ଏକଥା ଶୁଣି ସହଯୋଗରେ ହାତ ବଢ଼ାଇଛନ୍ତି ପୂର୍ବତନ ପ୍ରଶାସନିକ ଅଧିକାରୀ ଭିକେ ପାଣ୍ଡିଆନ। ଇଏ ସେଇ ମୁନ୍ନା ଯିଏ ସାମାଜିକ ଗଣମାଧ୍ୟମରେ ପ୍ରଥମେ ପାଣ୍ଡିଆନ ଫ୍ୟାନ କ୍ଲବ କରି ବିଜେଡିର ପ୍ରଚାର କରୁଥିଲେ। ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କ ସବୁ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରୁଥିଲେ ସେ। ବିଜେଡିର ଜଣେ ଅନ୍ଧ ଭକ୍ତ ଓ ପ୍ରଶଂସକ ହୋଇଥିଲେ ବି ଆଜି ସେ ନିଃସ୍ୱ। ଗୁରୁତର କିଡନୀ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଛନ୍ତି। ଦେଖାଶୁଣା କରିବାକୁ ତାଙ୍କ ପତ୍ନୀ ➪ପୃଷ୍ଠା-୬

### ଚୌଦ୍ୱାର ଜେଲରୁ କଏଦୀ ଚମ୍ପଟ୍ (ଏପିସୋଡ୍-୫)

## ବିହାରୀଙ୍କୁ ଖସାଇଦେବାକୁ ହୋଇଥିଲା ପ୍ଲାନ୍!




### ଆଖି ଖୋଲନ୍ତୁ ଜେଲ୍ ଡିଜି

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀଙ୍କୁ ଖସାଇଦେବାକୁ ହୋଇଥିଲା ସୁଚିନ୍ତିତ ଯୋଜନା। ଏଥିପାଇଁ ଦୁଇ ମାସ ପୂର୍ବରୁ ହୋଇଥିଲା ପ୍ଲାନ। ବଡ଼ବଡ଼ିଆ ଅଫିସରଙ୍କ ହାତବାରିସୀ ସାଜିଥିଲେ ୱାର୍ଡର ଓ ଚିଫ ୱାର୍ଡର। ବିଭିନ୍ନ ଘଟଣାକ୍ରମକୁ ନେଇ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

ଦୁଇ ମାସ ତଳେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିବା ଦୁଇ ବିହାରୀ ହାର୍ଡକୋର କ୍ରିମିନାଲ ଥିଲେ। ତେଣୁ ସେମାନଙ୍କୁ ସେଲରେ ରଖାଯାଇଥିଲା। ହେଲେ ଦଶହରା ପୂଜା ସମୟରେ କଏଦୀଙ୍କ ପାଖରେ କେମିତି ଆରି ପହଞ୍ଚିଲା, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଆରି ଜେଲ ଭିତରକୁ ଯାଉଛି, ସେଠି ୱାର୍ଡର ଓ ଜେଲର କ'ଣ କରୁଥିଲେ ବୋଲି ପୂର୍ବତନ ଜେଲ ଅଧିକାରୀ ପ୍ରଶ୍ନ କରୁଛନ୍ତି।

ସେହିଭଳି ବିହାରୀ କଏଦୀଙ୍କ ସେଲ ଭିତରେ ଯେଉଁ ସିସିଟିଭି ଲାଗିଛି, ତାହା ସେଲ ଦୁଆର ଉପରେ ଲାଗିଥିଲା। ସିସିଟିଭିରେ ସେଲର ଭିତର ଦୃଶ୍ୟ ଦିଶୁଥିଲା, କିନ୍ତୁ ସିସିଟିଭିର ଡାର୍କ ଏରିଆ ଅର୍ଥାତ ସେଲରେ ଲାଗିଥିବା ଗ୍ରୀଲରେ କ'ଣ ହେଉଛି, ତାହା ଦିଶୁନଥିଲା। ଏଭଳି ସିସିଟିଭି କିଏ ଓ କେଉଁ ଉଦ୍ଦେଶ୍ୟରେ ଲଗାଇଥିଲା? ସେପଟେ ବିହାରୀ କଏଦୀ ରହୁଥିବା ସେଲ ବାହାରେ ଥିବା ସିସିଟିଭି ବି କାମ କରୁନଥିଲା। ତେଣୁ ଫେରାର ବେଳର ଚିତ୍ର ଜେଲ କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ।

ସେପଟେ ଘଟଣା ଦିନ ରାତି ➪ପୃଷ୍ଠା-୬

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଗୁରୁତର

### ଝିଆରୀ ମୃତ, ୩ ଜଣଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ



ଜୟପୁର,୨୭।୧୦ (ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ପରିବାରରେ ବିଷକ୍ରିୟା ଯୋଗୁଁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନିଜେ ପଦ୍ମିନୀ ମଧ୍ୟ ସାମିଲ୍ ଅଛନ୍ତି। ସୋମବାର ରାତିରେ ସମସ୍ତେ ଅଚେତ ଅବସ୍ଥାରେ ଉଦ୍ଧାର ହେବା ପରେ ସେମାନଙ୍କୁ ହସ୍ପିଟାଲ୍‌କୁ ନିଆଯାଇଥିଲା। କିନ୍ତୁ ସେଠାରେ ପଦ୍ମିନୀଙ୍କ ଝିଆରୀ ପାର୍ବତୀ ମାଝୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପଦ୍ମିନୀ ବିଜେଡିର ଜଣେ ବରିଷ୍ଠ ନେତ୍ରୀ ହୋଇଥିବା ବେଳେ ସେ ଗତ ୨୦୧୯ରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବୟନ ଶିଳ୍ପ, ହସ୍ତତନ୍ତ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ମିଳିଥିବା ସୂଚନାନୁସାରେ, ପରିବାରର ଅନ୍ୟ ସଦସ୍ୟମାନେ ➪ପୃଷ୍ଠା-୬

### ଡିଜିଟାଲ ଆରେଷ୍ଟ ମାମଲା

## ସିବିଆଇ ତଦନ୍ତ ସପକ୍ଷରେ ସୁପ୍ରିମକୋର୍ଟ



ସବୁ ରାଜ୍ୟକୁ ମାଗିଲେ ରିପୋର୍ଟ

ନୂଆଦିଲ୍ଲୀ,୨୭।୧୦: ସାମ୍ପ୍ରତିକ ସମୟରେ ଟେକ୍‌ନୋଲୋଜିର ବ୍ୟାପକ ବ୍ୟବହାର ପରିପ୍ରେକ୍ଷୀରେ ଡିଜିଟାଲ ଆରେଷ୍ଟ ମାମଲାଗୁଡ଼ିକ ଚିନ୍ତାର କାରଣ ହୋଇଛି। ପୁଲିସ୍ ଓ ନ୍ୟାୟିକ ଅଧିକାରୀଙ୍କ ପରିଚୟ ଦେଇ ସାଧାରଣ ଲୋକଙ୍କୁ ଭୟଭୀତ କରୁଛନ୍ତି ଛଦ୍ମବେଶୀ। ଏଥିସହ ବ୍ଲାକମେଲିଂ କରି ଆକାଉଣ୍ଟରୁ ହଡ଼ପ କରିନେଉଛନ୍ତି କୋଟି କୋଟି ଟଙ୍କା। ଏଭଳି ମାମଲା ଉପରେ ଅଙ୍କୁଶ ଲଗାଇବା ସହ ଅପରାଧୀଙ୍କୁ ତୁରନ୍ତ ଧରିବା ଉପରେ ସୁପ୍ରିମ୍‌କୋର୍ଟ ➪ପୃଷ୍ଠା-୬



### କାନ ଡେରିଥା

ବାତ୍ୟା ଆସିଲାଣି
ମାଡ଼ ବି କରିବ
ଚାଷ ଯିବ ସବୁ ଉଭେଇ
ଚାଷୀଙ୍କର ଏଠି ଅଣ୍ଟା
ଭାଙ୍ଗିବାକୁ
ଅକଟୋବର ଆସେ ସଜେଇ
ଅନ୍ୟ ମାସ କାନ୍ଦେ
ଦେଖାଇ...
ଅକ୍ଟୋବର ମାସ
ମନେ ରହିଯାଏ
କୃଷକଙ୍କୁ ମାରେ ଧସେଇ।

■ *ଦେବାଶିଷ*

# ନୂଆପଡ଼ା ଭୋଟ ପାଇଁ ରାଜଧାନୀରେ ତାତି

### ତିନି ଦଳ ନେତାଙ୍କ ଧାଁ ଦଉଡ

### ସିଇଓ ଅଫିସରେ ଫର୍ଦ୍ଦ ଫର୍ଦ୍ଦ ଅଭିଯୋଗ



ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ନୂଆପଡା ଭୋଟ ପାଇଁ ରାଜଧାନୀରେ ଚାଲିଛି ଧାଁଦଉଡ଼। ତିନି ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଟିମ୍ ଏଠାରେ ଆଗପଛ ହୋଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦପ୍ତରକୁ ଯିବା ସହ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ ଲାଗିଛନ୍ତି।

ଉପନିର୍ବାଚନ ଭୋଟ ପାଇଁ ରାଜଧାନୀରେ ଏବେ ତିନି ଦଳ ପରସ୍ପରକୁ ପଛରେ ପକାଇବାକୁ ଅଣ୍ଟା ଭିଡିଛନ୍ତି। ବିଶେଷକରି ଗଣମାଧ୍ୟମରେ ଯେଭଳି ରହିବେ ଓ ଆଇନ୍‌ଗତ ଫେରାଦି ହେବେ, ସେଥିପାଇଁ ଲାଗିପଡିଛନ୍ତି। ଏଥିପାଇଁ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜର ଟିମ୍‌କୁ ରାଜଧାନୀରେ ପ୍ରସ୍ତୁତ କରୁଛନ୍ତି। ଏହି ଟିମ୍ ନୂଆପଡାରେ ଥିବା ନିଜ ନିଜ ଦଳର ନେତାଙ୍କ ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି। ସେଠାରେ ଯଦି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଭଳି କୌଣସି ଘଟଣା ଘଟୁଛି ତୁରନ୍ତ ଅଭିଯୋଗ ପ୍ରସ୍ତୁତ କରି ସିଇଓଙ୍କ ଦପ୍ତରକୁ ଧାଉଁଛନ୍ତି। ସେଠାରେ ଫଟୋ ଉଠାଇ ତାକୁ ତୁରନ୍ତ ଗଣମାଧ୍ୟମରେ ଛାଡୁଛନ୍ତି। ଗୋଟିଏ ଦଳ ସିଇଓ ଦପ୍ତର ଛାଡିଲା ପୂର୍ବରୁ ଆଉ ଗୋଟିଏ ରାଜନୈତିକ ଦଳ ସେଠାରେ ହାଜର ହୋଇଯାଉଛନ୍ତି। ପ୍ରଥମେ ବିଜେପି ଓ ବିଜେଡି ନେତାମାନେ ଏହି ଦୌଡରେ ଥିବାବେଳେ ଏବେ କଂଗ୍ରେସ ସେଥିରେ ସାମିଲ ହୋଇଛି।

କେବଳ ସିଇଓଙ୍କ ନିକଟରେ ଫେରାଦ ହେଉନାହାନ୍ତି, ତିନି ଦଳ ଏବେ ଘଡକି ଘଡି ନିଜ ନିଜ ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରିବାରେ ଲାଗିଛନ୍ତି। ଏବେଠାରୁ ନିର୍ବାଚନ ପର୍ଯ୍ୟନ୍ତ ସବୁଦିନ ସାମ୍ବାଦିକ ସମ୍ମିଳନୀ କରିବ ବୋଲି କଂଗ୍ରେସ ଘୋଷଣା କରିବା ସହିତ ତାହାର ଅଭିଯାନ ଆରମ୍ଭ କରିଛନ୍ତି। ଦଳର ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀର ମଙ୍ଗ ଧରିଛନ୍ତି। ବିଜେପି ଓ ବିଜେଡିର ମୁଖପାତ୍ରମାନେ ବି ସାମ୍ବାଦିକ ସମ୍ମିଳନୀ ପାଇଁ ରାଜଧାନୀରେ ପୂରା ପ୍ରସ୍ତୁତ ହୋଇ ରହିଛନ୍ତି। ନିର୍ଦ୍ଦେଶ ପାଇବା ମାତ୍ରେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେଉଛି।

ରାଜଧାନୀରେ ଏଭଳି ଅଭିଯାନ ପାଇଁ ଏବେ ତିନି ଦଳର କିଛି ବରିଷ୍ଠ ଓ କନିଷ୍ଠ ନେତାଙ୍କୁ ମୁତୟନ କରାଯାଇଛି। ରାତି ପାହିଲେ ଏମାନେ ଦଳୀୟ କାର୍ଯ୍ୟାଳୟରେ ହାଜର ହେଉଛନ୍ତି। ଏହାପରେ ପ୍ରସ୍ତୁତ ହୋଇଯାଉଛି ଅଭିଯୋଗ ରଣନୀତି। ନୂଆ ନୂଆ ଅଭିଯୋଗ ପ୍ରସ୍ତୁତ ସହିତ ଏହା କିଭଳି ଗଣମାଧ୍ୟମରେ ପ୍ରକାଶ ପାଇବ ତାହାର ବନ୍ଦୋବସ୍ତ ହେଉଥିବାବେଳେ ଏହି ମଉକାରେ କିଛି ନେତା ବି ବିଭିନ୍ନ ଟିଭିରେ ମୁହଁ ଦେଖାଇବାପାଇଁ ପ୍ରତିଯୋଗିତା ଚଳାଇଛନ୍ତି।

ଏହାଛଡା ରାଜଧାନୀରେ ଏବେ ତିନି ଦଳ ପକ୍ଷରୁ ସୋସିଆଲ ମିଡିଆ ଯୁଦ୍ଧ ➪ପୃଷ୍ଠା-୬

## ଜିଲ୍ଲା ସମବାୟ ବିଭାଗରେ ବ୍ୟାପକ ଦୁର୍ନୀତି

# ପଦୋନ୍ନତି ତାଲିକାରେ ବହୁ ଅଯୋଗ୍ୟ

**କେନ୍ଦ୍ରାପଡ଼ା,୨୭।୧୦ (ସଂଚାର ବ୍ୟୁରୋ):** କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗ୍ରାମାଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତିମାନ ଖୋଲାଯାଇ ଆନ୍ଦୋଳନକୁ ବ୍ୟାପକ କରାଯାଉଛି । ମାତ୍ର କେନ୍ଦ୍ରାପଡା ଜିଲ୍ଲାରେ କେତେକ ଅସାଧୁ ଅଧିକାରୀଙ୍କ ପାଇଁ ଏହି ଯୋଜନା ବାଟବଣା ହେଉଛି । ସମବାୟ ବିଭାଗକୁ ଅଧିକ ସୁଦୃଢ଼ କରିବା ପାଇଁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘ ବର୍ଷ ହେବ କାର୍ଯ୍ୟରତ ଥିବା ସମ୍ପାଦକ ଓ ସହ ସମ୍ପାଦକଙ୍କୁ ପଦୋନ୍ନତି ଦେବା ପାଇଁ କେନ୍ଦ୍ରପଡା ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ଚୁଡାନ୍ତ ଗ୍ରେଡେସନ(ପଦକ୍ରମ) ତାଲିକା ପ୍ରସ୍ତୁତ କରିଛି। ଗତ ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ପଦୋନ୍ନତି ପ୍ରକ୍ରିୟା ତାଲିକାରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଯୋଗ୍ୟ ଓ ଅଯୋଗ୍ୟ ମାପକାଠିକୁ ସଠିକ ଭାବରେ ଦେଖିନାହାନ୍ତି ବା ସବୁ କିଛି ଜାଣି ମଧ ନଜାଣିବାର ଅଭିନୟ କରିଛନ୍ତି।

ଗତ ମଙ୍ଗଳବାର ପ୍ରକାଶ ପାଇଥିବା ଏହି ଚୁଡାନ୍ତ ତାଲିକାରେ ବହୁ ଯୋଗ୍ୟ ସମ୍ପାଦକ ଓ ସହ ସମ୍ପାଦକଙ୍କ ନାମ ଚୁଡାନ୍ତ ତାଲିକାର ବହୁ ତଳେ ରହିଛି । ଏଥିସହିତ କେତେକ ଯୋଗ୍ୟ ସମ୍ପାଦକ ଓ ସହସମ୍ପାଦକ ନାମ ତାଲିକାରୁ ବାଦ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟଙ୍କ ନାମକୁ ସେହି ତାଲିକାର ସଂଯୋଗ କରାଯାଇ ଉପରେ ରଖାଯାଇଥିବା ଦେଖିବାକୁ ମିଳିଛି । ତେବେ ଏହି ତାଲିକା କେଉଁ ଆଧାରରେ ଓ କାହା ସ୍ୱାର୍ଥରେ ପ୍ରକାଶ କରାଯାଇଛି ତାହା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି । ସମବାୟବିତ ବିଜୟ କୁମାର ପରିଡା କହିଛନ୍ତି ଦୀର୍ଘ ବର୍ଷ ହେଲା ସମବାୟ ସମିତିରେ କାର୍ଯ୍ୟ କରି ଆସୁଥିବା କେତେଜଣ ସହ ସମ୍ପାଦକଙ୍କ ସମସ୍ତ ଯୋଗ୍ୟତା ଥାଇ ମଧ ସେମାନଙ୍କୁ ପଦୋନ୍ନତି ତାଲିକାରୁ ବାଦ ଦିଆଯିବା କିମ୍ବା ବେଆଇନ ଭାବେ କ୍ରମ ଅନୁସାରେ ବହୁ ତଳେ ରଖାଯିବା ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସେହିପରି ପନ୍ନୋନତି ତାଲିକାରେ ଯୋଗ୍ୟତା ନଥାଇ ଗ୍ରେଡ -୧ ଓ ଗ୍ରେଡ-୨ରେ ଥିବା ମିନିବ୍ୟାଙ୍କ ନାମ କିପରି ତାଲିକା ଭୁକ୍ତ କରାଗଲା ଏବଂ ବିଭାଗୀୟ ମାର୍ଗଦର୍ଶିକା ଓ ବିଧି ବ୍ୟବସ୍ଥାକୁ ସମବାୟ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ନେଇ ଶ୍ରୀ ପରିଡା ଅଭିଯୋଗ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଯୋଗ୍ୟତା ଭିତିରେ ସମ୍ପୂର୍ଣ୍ଣ ସଠିକ ତାଲିକା ପ୍ରକାଶ କରିବାକୁ ଶ୍ରୀ ପରିଡା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରାଜ୍ୟ ସମବାୟ ବିଭାଗ ନିକଟରେ ଦାବି କରିଛନ୍ତି। ସମବାୟବୀତ ସରୋଜକାନ୍ତ ନାୟକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ପ୍ରକାଶ ପାଇଥିବା ଚୁଡାନ୍ତ ତାଲିକାରେ ସମବାୟ ବିଭାଗ ଓ ସମବାୟ କର୍ତ୍ତୃପକ୍ଷ ଯୋଗ୍ୟତାକୁ ଗୁରୁତ୍ୱ ନଦେଇ କିପରି ଏଭଳି ତାଲିକା ପ୍ରସ୍ତୁତ କଲେ ସେଥିପାଇଁ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି।



## ଡେରାଢ଼ିହରେ ଗିରିଗୋବର୍ଦ୍ଧନଙ୍କ ପୂଜା

**ଡେରାବିଶ,୨୭।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଡେରାଢ଼ିହ ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହେଉଛି ଗିରିଗୋବର୍ଦ୍ଧନଙ୍କ ପୂଜା ଉତ୍ସବ। ଡେରାଡିହ ଗ୍ରାମବାସୀଙ୍କ ଦ୍ୱାରା ଦୀର୍ଘ ୧୫ ବର୍ଷ ହେବ ଅନୁଷ୍ଠିତ ହୋଇ ଆସୁଥିବାବେଳେ କାର୍ତ୍ତିକ ଶୁକ୍ଳ ପ୍ରତିପଦ ତିଥି ଠାରୁ ଆରମ୍ଭ ହୋଇଥି ଏହି ପୂଜା ଉତ୍ସବର ଆଜି ଥିଲା ଷଷ୍ଠ ତଥା ଶେଷ ସନ୍ଧ୍ୟା। ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଉଥିବା ପୂଜା କମିଟିର ସଭ୍ୟ ମଳୟ କାମିଳା, ବ୍ରଜବନ୍ଧୁ ସାହୁ ପ୍ରକାଶ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ମୋହରିର ଗୁରୁତର

**ସାଲେପୁର,୨୭।୧୦ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନେ ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ମୀ ଛକ ନିକଟରେ ସାଲେପୁର କୋର୍ଟର ମୋହରିର ଭାବେ କାର୍ଯ୍ୟ କରୁଥିବା ନିଶ୍ଚିନ୍ତକୋଇଲି ଅଞ୍ଚଳର ଧରଣୀଧର ପୃଷ୍ଟି (୫୮) ନିଜଘରକୁ ଯାଉଥିବାବେଳେ ଦ୍ରୁତଗତିରେ ପଛପଟୁ ଏକ କାର ଆସି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ଦୁର୍ଘଟଣାଗ୍ରସ୍ତ କାରକୁ ପୁଲିସ ଜବତ କରିଥିବା ଜଣାଯାଇଛି।

## ପ୍ରଜ୍ଞାନ ମିଶନ ତରଫରୁ ଗୀତା ଆବୃତି ପ୍ରତିଯୋଗିତା



**ଡେରାବିଶ,୨୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଶିଶୁ ମନ୍ଦିର ପରିସରରେ ଆଜି ପ୍ରଜ୍ଞାନ ମିଶନ ତରଫରୁ ବ୍ଲକ ସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧାପକ ନିଶିକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ତୃତୀୟ ଶ୍ରେଣୀର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତିନିଗୋଟି ବର୍ଗରେ ବିଭକ୍ତ କରାଯାଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଭୂତି ରଞ୍ଜନ ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଅଧାପକ ରମେଶ ଚନ୍ଦ୍ର ଶତପଥି ଓ ମୁଖ୍ୟ ବକ୍ତା ଭାବରେ ଅଧାପକ ପ୍ରକାଶ ଚନ୍ଦ୍ର କର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଶତପଥି ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିବା ସହ ଏହି ୯ ଜଣ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ପ୍ରଦାନ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ



**ପଟ୍ଟାମୁଣ୍ଡାଇ,୨୭।୧୦(ସଂଚାର ବ୍ୟୁରୋ):** ଯୁବକ ହେଉଛନ୍ତି ରାଷ୍ଟ୍ରର ପ୍ରକୃତ ଶକ୍ତି। ଯୁବକ ମାନଙ୍କ ମଧରେ ରାଷ୍ଟ୍ରପ୍ରୀତି ଜାଗ୍ରତ ହେଲେ ରାଷ୍ଟ୍ରକୁ ଉନ୍ନତିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇବାକୁ କୌଣସି ଶକ୍ତି ଅଟକାଇ ପାରିବନାହିଁ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସତବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ପ୍ରେକ୍ଷ୍ୟାଳୟ ଠାରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓ ପଟ୍ଟାମୁଣ୍ଡାଇ ଖଣ୍ଡ, ପଟ୍ଟାମୁଣ୍ଡାଇ ନଗରର ଯୁବକ ମାନଂକୁ ନେଇ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଯୋଗ ଦେଇ ବିଶିଷ୍ଟ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି । ଅନୁଷ୍ଠିତ ଯୁବ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ବିଭାଗ କାର୍ଯ୍ୟାବାହ ଶରତ ସେନ ଅତିଥି ଭାବେ ଯୋଗଦେଇ ଯୁବକ ମାନଙ୍କୁ ରାଷ୍ଟ୍ର ପ୍ରେମରେ ନିମଗ୍ନ ହେବାକୁ ପ୍ରେରଣା ଦେଇଥିଲେ । ଏଥିରେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଘ ଚାଳକ ଆଡଭୋକେଟ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା କାର୍ଯ୍ୟାବାହ ବିନୋଦ ବିହାରୀ ଦାସ, ସହ କାର୍ଯ୍ୟାବାହ ସୁରେଶ ନାୟକ, ଜିଲ୍ଲା ସମରସତା ପ୍ରମୁଖ ପ୍ରଦୀପ ମଲ୍ଲିକ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ପ୍ରିୟବ୍ରତ ପରିଜା, ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ଗୋକୁଳ ଚନ୍ଦ୍ର ଦାଶଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗଦେଇ ଜାତିଭେଦରୁ ଉର୍ଦ୍ଧ୍ୱରେ ରହି ଦେଶ ମାତୃକାର ସେବା କରିବାକୁ ଶପଥ ନେଇଥିଲେ ।

# ଅଙ୍ଗନବାଡ଼ି ଜମି ଲିଜ୍‌କୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ



**କେନ୍ଦ୍ରାପଡା,୨୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଂଚାୟତର ଦଳିତ ସାହି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଜମିକୁ ଅନ୍ୟ ଗ୍ରାମର ବାସନ୍ତୀ ସେଠୀ ନାମ୍ନୀ ଜଣେ ମହିଳାଙ୍କୁ ଲିଜ୍ ଦିଆଯାଇଥିବା ଜଣାପଡିବା ପରେ ସ୍ଥାନୀୟ ଅଂଚଳରେ ଏହାର ତୀବ୍ର ବିରୋଧ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ କପାଳେଶ୍ୱର ଗ୍ରାମର ୧୬ ନମ୍ବର ୱାର୍ଡରେ ଥିବା ଖାତା ନମ୍ବର-୫୫୫/୧୪୦୮, ପ୍ଲଟ ନମ୍ବର-୧୩୭୮/୨୬୪୯ ର ଜମିକୁ ମହିଳାଙ୍କୁ ଲିଜ୍ ଦିଆଯାଇ ଏହି ଟ୍ରକ ଉପରେ ଅଙ୍ଗନୱାଡୀ କେନ୍ଦ୍ର ଓ ପିଲା ଖେଳିବାପାଇଁ ପଡିଆ ରହିଛି । ଏହାକୁ କେନ୍ଦ୍ରାପଡା ତହସିଲ୍ କାର୍ଯ୍ୟାଳୟ କିଭଳି ଲିଜ୍ ଦେଲେ ସେ ସଂପର୍କରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରି ତୁରନ୍ତ ଏହି ଲିଜ୍‌କୁ ବାତିଲ୍ କରିବା ସହିତ ଅଙ୍ଗନୱାଡୀ କେନ୍ଦ୍ରକୁ ଜମି ଫେରେଇବା ପାଇଁ ଦାବି କରିଛନ୍ତି । ଗ୍ରାମର ଶହ ଶହ ମହିଳା ଏହାକୁ ବିରୋଧ କରି ସ୍କୁଲ ଆଗରେ ଧାରଣାରେ ବସି ରହିଥିଲେ । କପାଳେଶ୍ୱର ପଂଚାୟତର ସରପଂଚଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଶରତ କୁମାର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ଗଙ୍ଗା ମଲ୍ଲିକ, ପ୍ରମୋଦ ମଲ୍ଲିକ, ରମେଶ ମଲ୍ଲିକ, ମମତା ମଲ୍ଲିକ, ଅଶୋକ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ରମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।



## ରୋଧପୁର ମା'କାଳୀପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ପାଳିତ

**ସାଲେପୁର,୨୭।୧୦ (ସଂଚାର ବ୍ୟୁରୋ):** ଆଜି ରୋଧପୁର ମା' ଶାରଳା କାଳୀପୂଜା କମିଟି ପକ୍ଷରୁ ମା'କାଳୀଙ୍କର ଭସାଣୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ବାହାର କରି ଘଣ୍ଟ, ଘଣ୍ଟା ଓ ବିଭିନ୍ନ ବାଦ୍ୟରେ ସାଲେପୁର ବଜାର ପରିକ୍ରମା କରିବା ସହ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ମଧରେ ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଭାଇମାନେ ଏକତ୍ରିତ ହୋଇ ଏହି ଭସାଣୀ ଉତ୍ସବରେ ସାମିଲ ହେବା ସହ ଭାଇଚାରାର ଉଦାହରଣ ସୃଷ୍ଟି କରିଥିଲେ। ରୋଧପୁର ଶାରଳା ମଣ୍ଡପରେ ମା'ଙ୍କର ପୂଜାର୍ଚ୍ଚନା ପରେ ଠାକୁରାଣୀଙ୍କର ବିସର୍ଜନ କାର୍ଯ୍ୟକ୍ରମ କରାଯାଇ ଠାକୁରାଣୀଙ୍କୁ ବିରାଟ ଶୋଭାଯାତ୍ରାରେ ସାଲେପୁର ବଜାର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶଙ୍ଖ, ବାଜା, ଘଣ୍ଟ, ଘଣ୍ଟା ଓ ନୃତ୍ୟ ଗୀତ ମଧରେ ମା'ଙ୍କର ଭସାଣୀ ଶୋଭାଯାତ୍ରାରେ ଶହ ଶହ ଲୋକ ଭାଗନେଇଥିଲେ। ମା' ଶାରଳା ପୂଜା କମିଟି ପକ୍ଷରୁ ମା'କାଳୀଙ୍କ ଭସାଣୀ ଉତ୍ସବରେ ପୂଜା କମିଟି ସଭାପତି ଜୟନ୍ତ କୁମାର ଦାସ, ସଞ୍ଜୟ କୁମାର ନାୟକ, ସାମ୍ବାଦିକ ହୃଷିକେଶ ମଲ୍ଲିକ, ଗୁଲରେଜ ଅଲ୍ଲି, ବୁବୁଲ କାଣ୍ଡି, ନିତ୍ୟାନନ୍ଦ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ସୁରେଶ କାଣ୍ଡି, ସରୋଜ ଦାସଙ୍କ ସମେତ ରୋଧପୁର ସମସ୍ତ ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିଥିଲେ। ସାଲେପୁର ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ସାମାଜିକ ଗଣମାଧମ ସଂଯୋଜକ ହିମାଂଶୁ କଂଗ୍ରେସର ଷ୍ଟାର କ୍ୟାମ୍ପେନର

**କେନ୍ଦ୍ରାପଡ଼ା,୨୭।୧୦ (ସଂଚାର ବ୍ୟୁରୋ):** ନୂଆପଡା ବିଧାନସଭା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ କଂଗ୍ରେସ ସାମାଜିକ ଗଣମାଧମର ସଂଯୋଜକ ହିମାଂଶୁ ଭୂଷଣ ନନ୍ଦଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧମର ଜାତୀୟ ମୁଖ୍ୟ ମନୁ ଜୈନ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଷ୍ଟାର କ୍ୟାମ୍ପେନର ଶ୍ରୀ ନନ୍ଦ ଦଳୀୟ ପ୍ରାର୍ଥୀଙ୍କ ପାଇଁ କ୍ୟାମ୍ପେନ କରିବା ସହିତ ଭିଡିଓ ଏଡିଟର ଭାବେ କଂଗ୍ରେସ ଦଳୀୟ ପ୍ରାର୍ଥୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଭିଡିଓ ଏଡିଟିଂ କରି ସାମାଜିକ ଗଣମାଧମରେ ପ୍ରଚାର ପ୍ରସାର କରିବେ ।



ଏହି ନିଯୁକ୍ତି ପାଇଥିବାରୁ ଶ୍ରୀ ନନ୍ଦ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାର୍ଜ୍ଜୁନ ଖଡଗେ, ଜାତୀୟ କଂଗ୍ରେସର ପ୍ରିୟ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ, ଯୁବ କଂଗ୍ରେସର ଦାୟୀତ୍ୱରେ ଥିବା ମନିଶ ଶର୍ମାଜୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବଜୀ, ରାଷ୍ଟ୍ରୀୟ ସାମାଜିକ ଗଣମାଧମ ଅଧକ୍ଷ ମନୁ ଜୈନ, ସାମାଜିକ ଗଣମାଧମ ପ୍ରଭାରୀ ଦୁଲାଲ ଶର୍ମା,ଓଡିଶା ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ଯୁବ କଂଗ୍ରେସ ସାମାଜିକ ଗଣମାଧମ ଆବାହକ ବୁଲେଟିନ ମନୋଜ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ, କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା, ପୂର୍ବତନ ବିଦାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଐତିହାସିକ ବାଲିଯାତ୍ରା ପାଇଁ ପୁସ୍ତକ ପ୍ରଦାନ



**ସାଲେପୁର,୨୭।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ କରି ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ପ୍ରଚାର ପ୍ରସାର ପାଇଁ ଆମ ଭାଷା ସାହିତ୍ୟର ବିଶିଷ୍ଟ ଲେଖକମାନଙ୍କର ଲକ୍ଷାଧିକ ପୁସ୍ତକ ଗୁଡ଼ିକୁ ମାଗଣାରେ ବାଲିଯାତ୍ରାରେ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଥିବାରୁ ଏହାକୁ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

ଏହି ଅବସରରେ ସାଲେପୁର ସାହିତ୍ୟ ମହୋତ୍ସବର ଆବାହକ ଅକ୍ଷୟ କୁମାର ଦାଶ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ପୁସ୍ତକ ପ୍ରଦାନ କେନ୍ଦ୍ରରେ ଉପସ୍ଥିତ ଥିବା ଅଧିକାରୀ ପୀତବାସ ବିନ୍ଧାଣୀ ଓ ସନ୍ତୋଷ କୁମାର ଖୁଣ୍ଟିଆଙ୍କ ହସ୍ତରେ ତାଙ୍କ ଦ୍ୱାରା ଲିଖିତ "ଅପରେସନ୍ ସିନ୍ଦୂର", "ଜହ୍ନ ରାଇଜ କଥା", "ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ" ୧୬ଖଣ୍ଡ ପୁସ୍ତକ ଦାନ କରିଛନ୍ତି। ଏହାକୁ ନେଇ ଜିଲ୍ଲାପାଳ ଶ୍ରୀ ସିନ୍ଦେ ତାଙ୍କ ଦ୍ୱାରା ଲିଖିତ ମାନପତ୍ର ପ୍ରଦାନ କରିଛନ୍ତି। ସେହିପରି ସାଲେପୁର ସାରସ୍ୱତ ସମାରୋହ ସମିତିର ଉପସଭାପତି ବିଷ୍ଣୁଚରଣ ମିଶ୍ର, ଗୁରୁପୂଜନ ସମିତିର ସମ୍ପାଦକ ଡଃ ଗୌତମ ମହାରଣା, ବିଶିଷ୍ଟ ପଣ୍ଡିତ ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ସାହିତ୍ୟିକ ଚିତ୍ତରଞ୍ଜନ ପଣ୍ଡା ସୋମବାର ଦିନ ବାଲିଯାତ୍ରା ପାଇଁ ସାଲେପୁର ହାଇସ୍କୁଲରେ କରାଯାଇଥିବା ପୁସ୍ତକ ସଂଗ୍ରହ କେନ୍ଦ୍ରରେ ସେମାନଙ୍କର ଦ୍ୱାରା ଲିଖିତ ଏବଂ ଅନ୍ୟାନ୍ୟ ପୁସ୍ତକ ଗୁଡିକ ସାଲେପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ାଙ୍କ ହସ୍ତରେ ବାଲିଯାତ୍ରାରେ ବଣ୍ଟନ ପାଇଁ ପ୍ରଦାନ କରିଛନ୍ତି।

# କେନ୍ଦ୍ରାପଡ଼ା ପୌରପରିଷଦ ବୈଠକ



**କେନ୍ଦ୍ରାପଡ଼ା,୨୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରପରିଷଦ ବୈଠକ ସୋମବାର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୌରପାଳ ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଛି । କାରଣ ପୌରାଳର ସୀମିତ ଅଳରେ ଥିବା ଜମିରେ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ସ୍ଥାନାଭାବ ରହିଛି । ଅପରପକ୍ଷରେ ଗ୍ରାମାଳରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବାରୁ କାର୍ଯ୍ୟାଳୟ ଏବଂ ବାସଗୃହ ନିର୍ମାଣ ହୋଇପାରିବା ସହ ସେହି ଅଳରେ ବ୍ୟବସାୟ ନିମନ୍ତେ ଦୋକାନ ଗୃହ ନିର୍ମାଣ କରାଯାଇ ପୌର ପରିଷଦର ଆୟ ମଧ ବୃଦ୍ଧି ହୋଇପାରିବ। ଏହି ସବୁ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରାପଡ଼ା ପୌରାଳ ଚତୁପାର୍ଶ୍ୱର୍ରେ ଥିବା ଶ୍ୟାମସୁନ୍ଦରପୁର, ଜମଧର, ଗୁଲନଗର, କପାଳେଶ୍ୱର, ଓସ୍ତପୁର ପାୟତ ସମେତ ଶ୍ୟାମଗୁଡିଆକୁ ପୌରାଳରେ ମିଶ୍ରଣ କରିବାକୁ ଏହି ପୌରପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଛି। ଏହାବ୍ୟତୀତ ପୌରାଳରେ ନୂତନ ଭାବେ ୩ଶହ ଦୋକାନ ଗୃହ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଦୋକାନଗୃହ ଇଚ୍ଛାପୁର, ବଡ଼ମଙ୍ଗଳା, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣୀ ଠାରେ ନିର୍ମାଣ କରାଯିବ । ପୁରାତନ ପାର୍କ ଗୁଡିକର ଉନ୍ନତିକରଣ କରାଯିବା ସହିତ ଗୋପ ଠାରେ ବଳଦେବଜୀଉ ପାଠାଗାର ନିର୍ମାଣ ଓ ପୌରାଳର ସମସ୍ତ ଗଳିକନ୍ଦି ରାସ୍ତା ନିର୍ମାଣ ହେବ । ତିନିମୁହାଣୀ-ନୂଆବସଷ୍ଟାଣ୍ଡ ରାସ୍ତାର ଦୋହରୀକରଣ କରାଯିବା ସହ ଉଦୟନଗରସ୍ଥିତ କଲ୍ୟାଣ ମଣ୍ଡପର ଉନ୍ନତିକରଣ କରାଯିବ । ଗୋପବନ୍ଧୁ ପାଠାଗାର ଓ ଉର୍ଦ୍ଧ୍ୱ ପାଠାଗାରର ଉନ୍ନତିକରଣ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର

● ୧୧୬ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



**ପଟ୍ଟାମୁଣ୍ଡାଇ,୨୭।୧୦(ସଂଚାର ବ୍ୟୁରୋ):** ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଉପଜିଲ୍ଲାପାଳ ଅରୁଣ ନାୟକ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡ଼ିଓ ଶୀତଲ ଅଗ୍ରୱାଲ, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ଅଳଭା ଠାରୁ ଶାସନ ପର୍ଯ୍ୟନ୍ତ ୪କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଓ ଶାସନ ସରପଞ୍ଚ ସଂଗ୍ରାମ ବାରିକ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ-ବାଟିପଡ଼ା ଅଙ୍ଗନବାଡି କେନ୍ଦ୍ରର ଉନ୍ନତିକରଣ, ନପଙ୍ଗ-କାଚରାଗଡା ସ୍ମଶାନ ଓ ୧୪ନଂ କେନାଲ ଉପରେ କଂକ୍ରିଟ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମାଳିପୁର ଛକରୁ ଜବରଦଖଲ ହଟାଇବା ପାଇଁ ଶ୍ରୀରାମପୁର ଶ୍ରୀରାମ ଫାଉଣ୍ଡେସନ ଅଧକ୍ଷ ଉତ୍ତମ ଖୁଣ୍ଟିଆ,ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ ଓ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ କୃଷି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବା, ସ୍କୁଲ କଲେଜରେ ଖାଲିଥିବା ଶିକ୍ଷକ ଅଧାପକ ପଦବୀ ପୂରଣ କରିବା, ପୌରାଞ୍ଚଳରେ ନିର୍ମାଣ ହୋଇ ନଥିବା ଅଙ୍ଗନବାଡି ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ମିଳିତ ଜନଶୁଣାଣୀ ଶିବିରରେ ଆଗତ ୧୧୬ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା ।

## ହରିବଂଶ ପାରାୟଣ ପ୍ରବଚନରେ ଝୁମିଲେ ଶ୍ରଦ୍ଧାଳୁ

**ମହାକାଳପଡ଼ା,୨୭।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ ହରିବଂଶ ପୂଜା କମିଟି ତରଫରୁ ଦୀର୍ଘ ୧୧ ବର୍ଷ ଧରି ପଞ୍ଚ ଦିବସୀୟ ହରିବଂଶ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଚଳିତ ବର୍ଷ ମଧ ଏହି କାର୍ଯ୍ୟକ୍ରମ ଶୁକ୍ରବାର ଠାରୁ ଅନୁଷ୍ଠିତ ହୋଇ ଆସୁଅଛି। ଗ୍ରାମବାସୀମାନଙ୍କ ମଧରେ ଆଧାତ୍ମିକ ଭାବନା ଜାଗରଣ ଓ ପୌରାଣିକ ପରିବେଶ ସୃଷ୍ଟି କରିବା ନିମନ୍ତେ ଅନୁଷ୍ଠିତ ହୋଇ ଆସୁଥିବା ହରିବଂଶ ପାରାୟଣ କାର୍ଯ୍ୟକ୍ରମର ତୃତୀୟ ଓ ଚତୁର୍ଥ ସନ୍ଧ୍ୟାରେ ବରେଣ୍ୟ ପ୍ରବକ୍ତା ବ୍ରହ୍ମଚାରୀ ହିମାଂଶୁ ଚୈତନ୍ୟ ଯୋଗଦାନ କରି "ଭଗବାନଙ୍କ କଥାମୃତ" ପ୍ରବଚନ ମାଧମରେ ଶ୍ରଦ୍ଧାଳୁ ମାନଙ୍କୁ ଶ୍ରବଣ କରାଇଥିଲେ। ଜୀବନର ମୋକ୍ଷ ପ୍ରାପ୍ତି ବିଷୟବସ୍ତୁ ଉପରେ ଆଧାରିତ ଏହି ଆଲୋଚନାରେ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ହରି କଥା ଶୁଣିଥିଲେ। ଆଧାତ୍ମିକ ଭାବନା ଜାଗରଣ ପାଇଁ ଏହି ପ୍ରୟାସ ପଞ୍ଚାୟତବାସୀଙ୍କ ମଧରେ ବେଶ୍ ଗ୍ରହଣୀୟ ହୋଇ ପାରିଛି।

## ଜଜାଙ୍ଗ ଉ.ପ୍ରା ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ




**କେନ୍ଦ୍ରାପଡା,୨୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜଜାଙ୍ଗ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସି.ଆର୍. ସି.ସି ତଥା ଶିକ୍ଷୟିତ୍ରୀ ସ୍ନେହଲତା ପରିଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି, ସବିତା ପଣ୍ଡା ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଗୁଲନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇ, କ୍ଷେତ୍ରମଣୀ ଦେଇ, ପ୍ରମଦା କୁମାରୀ ବିଶ୍ୱାଳ, ପରିଦର୍ଶିକା ଜ୍ୟୋସ୍ନାରାଣୀ ଦାସ, ସନ୍ଧ୍ୟାରାଣୀ ମହାପାତ୍ର, ନିରଜ ନଳିନୀ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଝାଙ୍ଗ କ୍ଲଷ୍ଟରର ୧୫ଟି ସ୍କୁଲର ପ୍ରାୟ ଦୁଇଶହ ଛାତ୍ର ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ଜଝାଙ୍ଗ ସ୍କୁଲର ୪ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ କାର୍ଯ୍ୟକ୍ରମରେ ୧୫ଟି ସ୍କୁଲର ୩୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସେକ୍ ରିଜୱାନ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୧ରୁ କେନ୍ଦ୍ରାପଡ଼ାରେ ଅନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିଅନସିପ୍

**କେନ୍ଦ୍ରାପଡା,୨୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଚେସ ଆସୋସିଏସନ୍ ଅନୁକୁଲ୍ୟ ରେ ଏବଂ ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ଓ ଓଡ଼ିଶା ସରକାର ଙ୍କ କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗ ର ସହଯୋଗ ରେ ଅନ୍ତଃ ରାଜ୍ୟ ମହିଳା ଚେସ ଚାମ୍ପିଅନସିପ- ୨୦୨୫ , ଚଳିତ ମାସ ଅକ୍ଟୋବର ୩୧ ତାରିଖ ରୁ ନଭେମ୍ବର ୩ ତାରିଖ ୪ଦିନ ବ୍ୟାପୀ ସ୍ଥାନୀୟ ଗରପୁର ଛକ ଠାରେ ଥିବା ସ୍ୱୟଂସିଦ୍ଧା ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସବୁ ଜିଲ୍ଲାର ମହିଳା ବର୍ଗର ଖେଳାଳି ଭାଗ ନେଇ ପାରିବେ। ଏଠାରୁ ଚୟନ ହୋଇ ଥିବା ଶ୍ରେଷ୍ଠ ୪ ଜଣ ଖେଳାଳି ସର୍ବ ଭାରତୀୟ ସ୍ତରରେ ହେବାକୁ ଥିବା ମହିଳା ଚେସ ପ୍ରତିଯୋଗିତାରେ ଭାଗ ନେବେ। ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଖେଳାଳିମାନେ ୩୦ ତାରିଖ ସକାଳ ୧୦ଟା ମଧରେ ସେମାନଙ୍କର ନାମ ୯୯୩୭୪୬ ୬୭୫୫ (ନାରାୟଣ ଦାସ) ମାଧମରେ ପଞ୍ଜୀକୃତ କରିପାରିବେ। ୮ରାଉଣ୍ଡ ବିଶିଷ୍ଟ ଏହି ୪ ଦିନିଆ ମ୍ୟାଚ୍‌ରେ ନାମ ପଞ୍ଜିକରଣ କରିବା ପାଇଁ ଖେଳାଳି ମାନଙ୍କୁ ୫୦୦ ଟଙ୍କା ଓ କେନ୍ଦ୍ରାପଡ଼ା ର ସ୍ଥାନୀୟ ଖେଳାଳି ମାନଙ୍କୁ ୩୦୦ ଟଙ୍କା ପ୍ରବେଶିକା ଶୁଳ୍କ ଦେବାକୁ ପଡିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୦,୦୦୦ ଟଙ୍କା ନଗଦ ପୁରସ୍କାର ରାଶି ସହ କେଟି ଗ୍ଲୋବାଲ ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ୪୧ ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରିବାର ବ୍ୟବସ୍ଥା ରହିଛି।

ଏହି ୪ ଦିନ ବ୍ୟାପୀ ହେବାକୁ ଥିବା ମ୍ୟାଚ୍‌ରେ ଅଧିକ ସାଂଖ୍ୟରେ ଖେଳାଳି ମାନେ ଯୋଗ ଦେବାକୁ ଗଣମାଧମ ସଂଯୋଜକ ହିମାଂଶୁ ଶେଖର ନାୟକ ଏବଂ ନେହେରୁ ସାହୁ ଏକ ପ୍ରେସ ବାର୍ତ୍ତା ମାଧମ ରେ ଜଣାଇଛନ୍ତି।

## କୁଶିଆପାଳ ସରକାରୀ ଉଚ୍ଚବିଦ୍ୟାଳୟ କ୍ଲଷ୍ଟରରେ ସୁରଭି



**ଡେରାବିଶ,୨୭।୧୦(ସଂଚାର ବ୍ୟୁରୋ):** ଡେରାବିଶ ଶିକ୍ଷା ସର୍କଲ ସରକାରୀ ଉଚ୍ଚ ମୌଳିକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କୁଶିଆପାଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ମୌଳିକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ପୂର୍ବାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରାଲିନ୍ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶଚ୍ଚିକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ କୁଶିଆପାଳ ସରପଞ୍ଚ ଦୟାନିଧି ଦାସ ଯୋଗଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ହରେକୃଷ୍ଣ କରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଶିଶୁ ଉତ୍ସବରେ ସାଧନକେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ସୁବାଷ କୁମାର ସାହୁ, ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ତପନ କୁମାର ସାହୁ ଓ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଫଗୁଚରଣ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

# ଓଡ଼ିଶାର ଇତିହାସ ଓ ପରମ୍ପରା ଜାଣନ୍ତିନି ଉପମୁଖ୍ୟମନ୍ତ୍ରୀ: ବର୍ଷା

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଓଡ଼ିଶାର ଇତିହାସ, ସଂସ୍କୃତି ଓ ପରମ୍ପରା ଜଣାନାହିଁ। ମାଗୁଣି ଇତିହାସରେ ଭଣଜାଭାଣିଜୀଙ୍କୁ ଈଶ୍ୱର ସମାନ ବିବେଚନା କରାଯାଏ। ତାଙ୍କ ପାଦ ଧୋଇ ପାଦୁକା ଭାବେ ପିଆଯାଏ। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ମା' କିମ୍ବା ଭଣଜାଭାଣିଜୀଙ୍କୁ କେହି ପର ବୋଲି ବିବେଚନା କରିନଥାନ୍ତି। ଭଣଜାଭାଣିଜୀଙ୍କୁ ପର ବୋଲି କହିବା କେଉଁଠିକାର ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି ପଦମପୁର ବିଜେଡି ବିଧାୟିକା ବର୍ଷା ସିଂ ବରିହା। ନୂଆପଡ଼ା ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ମାମୁଘର। ଏଠି ତାଙ୍କୁ ବହୁତ ସ୍ନେହ, ଆଦର ଓ ସମ୍ମାନ ମିଳୁଛି। ନୂଆପଡ଼ାବାସୀ ନିଶ୍ଚିତ ଭାବେ ତାଙ୍କୁ ବହୁଳ ଭୋଟରେ ବିଜୟୀ କରାଇବେ ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବର୍ଷା କହିଛନ୍ତି। ଗତକାଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା 'ବାପ ଘର ପର, ମାମୁଘର ସାତ ପର' ମନ୍ତବ୍ୟ ଉପରେ କଡ଼ା ଜବାବ ଦେଇ ଶ୍ରୀମତୀ ବରିହା କହିଛନ୍ତି ଯେ ଯଦି ପ୍ରକୃତରେ କୌଣସି ସ୍ଥାନର ଉନ୍ନତି କରିବାକୁ ଚାହିଁଲେ ସେଠାକାର ଇତିହାସକୁ ଭଲ ଭାବେ ଜାଣି ରଖିବା ଆବଶ୍ୟକ। କିନ୍ତୁ ଉପମୁଖ୍ୟମନ୍ତ୍ରୀଙ୍କ କଥାରୁ ଜଣାପଡ଼ୁଛି ଯେ ଏଠାକାର ପରମ୍ପରା, ଇତିହାସ, ସଂସ୍କୃତି ସମ୍ପର୍କରେ ତାଙ୍କର ସାମାନ୍ୟତମ ଜ୍ଞାନ ନାହିଁ। ଘରେ ଘରେ ଭଣଜାଭାଣିଜୀଙ୍କୁ ସବୁଠାରୁ ଅଧିକ ସ୍ନେହ ଶ୍ରଦ୍ଧା ମିଳିଥାଏ। ପିଲା ବେଳେ ଛୁଟି ହେଲେ ସବୁ ପିଲା ପ୍ରଥମେ ନିଜ ମାମୁଘରକୁ ହିଁ ଆସିଥାନ୍ତି। କାରଣ ମାମୁଘରର ସ୍ଥାନ ଆଉ କେହି ନେଇପାରିବେ ନାହିଁ। ଆମେ ପଛେ ଭୋକିଲା ରହିଯାଉ, କିନ୍ତୁ ଭଣଜାଭାଣିଜୀଙ୍କୁ ପ୍ରଥମେ ଖାଇବା ପାଇଁ ଦେଇଥାଉ। ଏହା ଆମ ସଂସ୍କୃତି, ଆମ ଚଳଣି। ମା' ଓ ଭଣଜାଭାଣିଜୀଙ୍କୁ ଏପରି ଅସମ୍ମାନ କରିପାରୁଥିବା ମାମୁମାଇଁ ଈଶ୍ୱର କାହାକୁ ବି ନ ଦିଅନ୍ତୁ। ଏହା ଶ୍ରୀମତୀ ପରିଡ଼ାଙ୍କର ପରମ୍ପରା ଓ ସଂସ୍କୃତି ହୋଇପାରେ, କିନ୍ତୁ ଏଠାକାର ଲୋକେ ଏପରି ମନ୍ତବ୍ୟକୁ କେବେ ଗ୍ରହଣ କରିବେ ନାହିଁ ବୋଲି ବର୍ଷା କହିଛନ୍ତି। ସେହିପରି ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ମା'ମାନଙ୍କୁ ନେଇ ସୁଭଦ୍ରା ସମାବେଶ କରୁଛି। କିନ୍ତୁ ସୁଭଦ୍ରାରୁ ବଞ୍ଚିତ କେତେ ଜଣ ମା'ଙ୍କ ଦୁଃଖ ଶୁଣିଛନ୍ତି ବୋଲି ବର୍ଷା ପ୍ରଶ୍ନ କରିଛନ୍ତି।

**ବାଲିଯାତ୍ରାରେ ଏଥର ଆକର୍ଷଣ**

# ଜଳକ୍ରୀଡ଼ା ସହ ଲେଜର୍ ଲାଇଟ୍ ସୋ'

**କଟକ, ୨୭।୧୦ (ସଂଚାର ବ୍ୟୁରୋ) :** ଐତିହାସିକ ବାଲିଯାତ୍ରା ପାଇଁ ଆଗେଇ ଚାଲିଛି ପ୍ରସ୍ତୁତି କାର୍ଯ୍ୟ । ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ନୂଆ ନୂଆ ଥିମ୍‌ରେ ଭିନ୍ନ ଧରଣର ଆର୍ଟ ହେଉଥିବା ବେଳେ ମହାନଦୀରେ ଚିତ୍ତାକର୍ଷକ ଜଳକ୍ରୀଡ଼ା ଏବଂ ଲେଜର ଲାଇଟ୍ ସୋ' ଦେଖିବାକୁ ମିଳିବ । ବିଶେଷକରି ମହାନଦୀରେ ଜଳକ୍ରୀଡ଼ା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏଥିପାଇଁ ପର୍ଯ୍ୟଟନ ବିଭାଗ ସହ ଆଲୋଚନା ସରିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି। ବାଲିଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମହାନଦୀରେ ଜଳକ୍ରୀଡ଼ା ପାଇଁ ସମସ୍ତ ଯୋଜନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୋଇଂ, କ୍ୟାନୋ‌ଂ ଏବଂ କାୟାକିଂ ଭଳି ବିଭିନ୍ନ ଜଳକ୍ରୀଡ଼ା କରି ମଜା ନେଇପାରିବେ ବାଲିଯାତ୍ରାକୁ ଆସୁଥିବା ଦର୍ଶକ। ଏହା ସହ ଭାରତୀୟ ନୌସେନା ପକ୍ଷରୁ ବିଭିନ୍ନ ଦୁଃସାହସିକ ଜଳକ୍ରୀଡ଼ା କରାଯିବାକୁ ଯୋଜନା ରହିଛି। ଏହା ସହ ୧୧ ଓ ୧୨ ତାରିଖରେ ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରିବାକୁ ଯୋଜନା ହୋଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏପରି ଯୋଜନା ହେଉଥିବା ବେଳେ ଏଥିପାଇଁ ଜିଲ୍ଲା ପ୍ରଶାସନକୁ ବିଧିବଦ୍ଧ ଭାବେ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ଜଣାପଡ଼ିଛି । ବାଲିଯାତ୍ରାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ଦେଉଥିବା ବେଳେ ୟୁନେସ୍କୋରୁ ଐତିହ୍ୟ ମେଳାର ମାନ୍ୟତା ପ୍ରଦାନ ଦିଗରେ ଅନ୍ୟତମ ପଦକ୍ଷେପ ବୋଲି କୁହାଯାଉଛି ।



ସେହିପରି ବାଲିଯାତ୍ରାରେ ଅନ୍ୟତମ ଆକର୍ଷଣ ଭାବେ ଚଳିତବର୍ଷ ଚିତ୍ତାକର୍ଷକ ଲେଜର ଲାଇଟ୍ ସୋ' କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି । ଏଥିପାଇଁ ବାଲିଯାତ୍ରାରେ ବିଭିନ୍ନ କାର୍ଯ୍ୟ କରୁଥିବା ଆଡ୍‌ଭାଇଟାଇଜିଂ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଗତବର୍ଷ ପରି ମହାନଦୀରେ ଆକର୍ଷଣୀୟ ଲେଜର ଲାଇଟ୍ ସୋ' କରିବାକୁ ଯୋଜନା ହୋଇଥିବା ବେଳେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଉଛି । ୮ ଦିନ ହେବାକୁ ଥିବା ବାଲିଯାତ୍ରାରେ ୩ ଦିନ ଲେଜର ଲାଇଟ୍ ସୋ' ପ୍ରଦର୍ଶିତ ହେବ ।

ମହାନଦୀ ପାଣି ଯେପରି ଏକ ଜୀବନ୍ତ କାନ୍‌ଭାସ୍ ଭଳି ଇତିହାସ, ପୁରାଣ ଏବଂ ସଂସ୍କୃତିର ମିଶ୍ରଣରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ଗାଥା ଏହି ସୋ' ମାଧ୍ୟମରେ ଦେଖିବାକୁ ମିଳିବ । ଏହା ସହ ସାଉଣ୍ଡ୍ ଓ ଲାଇଟ୍ ମିଶ୍ରିତ ୩-ଡି ଆନିମେଟେଡ୍ ବିଷୟବସ୍ତୁର ବିଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ। ଦର୍ଶକ ଦୂରରୁ ଏହି ସୋ' ଦେଖି ପାରିବା ପାଇଁ ଅତି ଉଚ୍ଚକ୍ଷମତା ସମ୍ପନ୍ନ ପ୍ରୋଜେକ୍ଟର୍ ଲାଗିବ ବୋଲି ଜଣାପଡ଼ିଛି।

# ଡିଏଭି ଚନ୍ଦ୍ରଶେଖରପୁରରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ



**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ନିୟମିତ ଶୃଙ୍ଖଳାରକ୍ଷା ଦାୟିତ୍ୱବାନ ନାଗରିକର ପରିଚୟ ଦେଇଥାଏ। ଏଥିସହ ଅନୁସନ୍ଧିତ୍ସା ମିଶ୍ରଣ ଘଟିଲେ ଦୀର୍ଘସ୍ଥାୟୀ ସାଫଲ୍ୟ ଆସିଥାଏ ବୋଲି ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁରରେ ଆୟୋଜିତ ମେଧାବୀ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଚେୟାରମ୍ୟାନ ସନ୍ତୋଷ କୁମାର ଶତପଥୀ ଛାତ୍ରଛାତ୍ରୀଙ୍କୁ ସାଧନାଶୀଳ ହେବାକୁ ପରାମର୍ଶ ଦେଇଥିବା ବେଳେ ସମ୍ମାନିତ ଅତିଥି ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେସି ଶତପଥୀ ସଫଳତାର ଧାରାକୁ ବିଚାରଧାରା କରିବାକୁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଡିଏଭି କଳିଙ୍ଗନଗରର ଚେୟାରମ୍ୟାନ ମଦନମୋହନ ପଣ୍ଡା, ଡିଏଭି ପୋଖରିପୁଟର ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ, ପାଠଶାଳା ଡିଏଭି ଅଧ୍ୟକ୍ଷା ଭାରତୀ ନାୟକ, ବୈତରଣୀ ଡିଏଭିର ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଅତିଥି ରୂପେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ସାହୁ ସ୍ୱାଗତ ଭାଷଣ ଦେବା ସହ ବିବରଣୀ ଉପସ୍ଥାପନ କରିଥିଲେ। ସମାରୋହରେ ଚଳିତ ବର୍ଷର ସିବିଏସ୍‌ଇ ବାର୍ଷିକ ଦଶମ ପରୀକ୍ଷାର ଟପ୍ପର, ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ବିଭିନ୍ନ ପ୍ରୋତ୍ସାହକ ପୁରସ୍କାର ବିଜେତା, ଗଣିତ ଅଲିମ୍ପିଆଡ୍ ଓ 'ସ୍ୱତ୍'ର କୃତିତ୍ୱଧାରୀଙ୍କ ସମେତ କୃତୀ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଏକାଡେମିକ୍ ସୁପରଭାଇଜର ଭାରତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନିଦ ହଜାଉଛନ୍ତି ହାତୀପଲ

**● ବିଲରେ ପଶି ନଷ୍ଟ କରୁଛନ୍ତି ଫସଲ**



**ରେଢ଼ାଖୋଲ,୨୭।୧୦(ସଂଚାର ବ୍ୟୁରୋ):** ନିଦ ହଜାଉଛନ୍ତି ୮ଟିକିଆ ହାତୀପଲ। ସେମାନଙ୍କ ଗତିବିଧି ଉପରେ ଡ୍ରୋନ୍ ନଜର ରଖୁଛି। ରେଢ଼ାଖୋଲ ବନଖଣ୍ଡ ବଡ଼ମାଳ ବନାଞ୍ଚଳରେ ଏହି ୮ଟିକିଆ ହାତୀପଲ ଘୂରି ବୁଲୁଛନ୍ତି। ଦିନ ଦ୍ୱିପ୍ରହରେ ଧାନ କ୍ଷେତରେ ଡେରା ପକାଉଛନ୍ତି ହାତୀପଲ। ମୋଚିବାହାଲ -ସୋନପୁର ପୂର୍ତ୍ତ ରାସ୍ତାର ରେଙ୍ଗାଲି ନିକଟରେ ହାତୀପଲ ରାସ୍ତା ପାର ହୋଇ ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି। ଗତକାଲି ଭାଗ ଭାଗ ହୋଇ ଏହି ହାତୀପଲ ଉପଦ୍ରବ କରୁଥିଲେ। ଆଜି ଏକାଠି ସେମାନେ ବିଭିନ୍ନ ଚାଷ ଜମିରେ ଘୂରି ବୁଲୁଛନ୍ତି। ବନ ବିଭାଗ ଅତ୍ୟାଧୁନିକ ଡ୍ରୋନ ସହାୟତାରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ଏଥିସହ ଚାଷୀଙ୍କୁ ସଚେତନ କରୁଛି ବନ ବିଭାଗ। ସେପଟେ ହାତୀ ଘଉଡ଼ାଇବାରେ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି। ସେହିପରି ବଡବାହାଳ ବନାଞ୍ଚଳ କାଙ୍ଗଣପଡା, ବଡ଼କସିବାହାଲ, ସାନ ନହଆଁପଡା ଆଦି ଅଞ୍ଚଳରେ ମଧ୍ୟ ୩ଟିକିଆ ହାତୀପଲ ଚାଷୀଙ୍କ ନିଦ ହଜାଇସାରିଲେଣି।

## ହଷ୍ଟେଲ ପାଚେରି ଡେଇଁ ପଳାଇଲେ ୮ ନାବାଳକ

**● ୭ ଘଣ୍ଟା ପରେ ହେଲେ ଉଦ୍ଧାର**



**ଉଦଳା,୨୭।୧୦(ସଂଚାର ବ୍ୟୁରୋ):** ହଷ୍ଟେଲ ପାଚେରୀ ଡେଇଁ ପଳାଇଲେ ୮ ଜଣ ନାବାଳକ। କିନ୍ତୁ ୭ ଘଣ୍ଟା ପରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଅଠଣ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏପରି ଅଭିଯୋଗ ଆସିଛି। ଉକ୍ତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ମୋଟ ୪୦ ଜଣ ଅନ୍ତେବାସୀ ରହନ୍ତି। ତେବେ ସେମାନଙ୍କ ମଧ୍ୟରୁ ୮ ଜଣ ନାବାଳକ ପାଚେରୀ ଡେଇଁ ପଳାଇ ଯାଇଥିଲେ। ତେବେ ସେମାନେ ଦୀର୍ଘ ୧୨ କିମି ଚାଲି ଚାଲି ଯାଇ ଜଣେ ଛାତ୍ରଙ୍କ ଘରେ ରହିଥିଲେ। ସେମାନଙ୍କୁ ଖୋଜି ଠାବ କରିବା ସକାଶେ ୭ ଘଣ୍ଟା ସମୟ ଲାଗିଥିଲା। ସମସ୍ତଙ୍କୁ ଉଦ୍ଧାର କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ତେବେ ଶିକ୍ଷୟିତ୍ରୀ ଓ ହଷ୍ଟେଲ କର୍ତ୍ତୃପକ୍ଷ ଥିବା ସତ୍ତ୍ୱେ ଛାତ୍ରମାନେ କିପରି ଖସି ପଳାଇଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

**● ବନ୍ଧୁ ହେଲା ବଇରୀ**

## ସାମାନ୍ୟ ବଚସାରୁ ହତ୍ୟା, ୩ ଅଟକ




**ବଲାଙ୍ଗିର, ୨୭।୧୦ (ସଂଚାର ବ୍ୟୁରୋ):** ବନ୍ଧୁ ହେଲା ବଇରୀ। ଭୋଜି କରିବା ପାଇଁ ଯାଇଥିବା ବେଳେ କୌଣସି କଥାକୁ ନେଇ ବଚସା ହେବାରୁ ଧାରୁଆ ଅସ୍ତ୍ରରେ ସାଙ୍ଗକୁ ହତ୍ୟା କଲା ସାଙ୍ଗ। ଏପରି ଅଘଟଣ ଘଟିଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଗାଁରେ। ଗତକାଲି ରାତିରେ ଗାଁର ପତରପଡି ନିକଟରେ ୪ ଜଣ ସାଙ୍ଗ ଏକାଠି ଭୋଜି କରୁଥିଲେ। ତେବେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସୁଜିତ ଭୋଇ ନାମକ ଯୁବକକୁ ଏକ ଧାରୁଆ ଅସ୍ତ୍ରରେ ଅନ୍ୟ ୩ ଜଣ ସାଙ୍ଗ ହତ୍ୟା କରିଥିଲେ। ଦେଓଗାଁ ପୁଲିସ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି।

# ବିଜେପି ଓ ବିଜେଡି ଆଦିବାସୀଙ୍କୁ ଅଣଦେଖା କରିଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମଧ୍ୟରୁ କେବଳ କଂଗ୍ରେସ ଆଦିବାସୀ ନେତାଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ଏ କ୍ଷେତ୍ରରେ ବିଜେପି ଓ ବିଜେଡି ଆଦିବାସୀମାନଙ୍କୁ ଅଣଦେଖା କରିଛନ୍ତି ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ନୂଆପଡାରେ ଏକ ବିଚିତ୍ର ରାଜନୈତିକ ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପି ଓ ବିଜେଡି ଉଭୟ ପୋଷ୍ଟରରେ ସ୍ୱର୍ଗତଃ ବିଧାୟକ ରାଜୁ ଢୋଲାକିଆଙ୍କ ଫଟୋ ବ୍ୟବହାର କରୁଛନ୍ତି। ଫଳସ୍ୱରୂପ, ପ୍ରକୃତରେ ଦିବଂଗତ ଢୋଲକିଆ କାହାର, ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡିରେ ଥିବା ଢୋଲକିଆଙ୍କ ପୁତ୍ର ବିଜେପିରେ ସାମିଲ୍ ହୋଇ ପ୍ରାର୍ଥୀ ହେବା ଫଳରେ ଦଳରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ଥାନୀୟ କର୍ମୀଙ୍କ ନିରୁତ୍ସାହ ପାଇଁ ଛତିଶଗଡ଼ ନେତାଙ୍କୁ ଆସି ପ୍ରଚାର କରିବାକୁ ପଡୁଛି। କିନ୍ତୁ କଂଗ୍ରେସ ପ୍ରଚାରରେ ଖୋଦ ଦଳର ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ପ୍ରଚାର ଦାୟିତ୍ୱ ନେଇଛନ୍ତି। ପୁଣି ସିଏ ସେଠାକାର ସ୍ଥାନୀୟ ନେତା ଓ ତାଙ୍କ ଅମଳରେ ନୂଆପଡା ବିକାଶର ସ୍ୱାଦ ଚାଖିଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଜଣେ ଆଦିବାସୀ ଏବଂ ନିର୍ବିବାଦୀୟ ନେତା। ୪ ଥର ନିର୍ବାଚନ ଲଢ଼ି କ୍ରମାଗତ ଭାବେ ଅଧିକ ଭୋଟ୍ ପାଇଆସିଛନ୍ତତି। ଜିଲ୍ଲାରେ ମୋଟ ୪୦ ପ୍ରତିଶତ ଆଦିବାସୀ ଥିଲେ ହେଁ ବିଜେଡି କି ବିଜେପି ଜଣେ ଆଦିବାସୀ ଜଣଙ୍କୁ ପ୍ରାର୍ଥୀ କରିପାରିଲେ ନାହିଁ। କିନ୍ତୁ କଂଗ୍ରେସ ରାହୁଲ ଗାନ୍ଧୀଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ବଦ୍ଧପରିକର ହୋଇଥିବାରୁ ଏହା ଘାସିରାମଙ୍କୁ ପ୍ରାର୍ଥୀ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ଚଳିତ ଉପନିର୍ବାଚନରେ ନାରୀ, ଶ୍ରମିକ, ଆଦିବାସୀ ଦଳିତ, ବେକାରୀ ଓ କୃଷକଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ବିକାଶ ହେଉଛି କଂଗ୍ରେସର ମୁଖ୍ୟ ପ୍ରସଙ୍ଗ। ଅନ୍ୟପକ୍ଷରେ ବିଜେପି ଓ ବିଜେଡି ପାଖରେ କୌଣସି ପ୍ରସଙ୍ଗ ନାହିଁ। ୨୪ ବର୍ଷ ଧରି ବିଜେଡି ପ୍ରତାରଣା କରିବା ପରେ ଏବେ ବିଜେପି ମଧ୍ୟ ସମାନ ରାସ୍ତା ଆପଣାଇଛି। ବରଂ ଉଭୟ ଦ ପରୋକ୍ଷରେ ଭକ୍ତଙ୍କ ବିରୁଦ୍ଧରେ ବିନା ତଥ୍ୟ ପ୍ରମାଣ ଆଧାରରେ କୁତ୍ସାରଚନା କରି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ନଳିନୀକାନ୍ତ ନାୟକ ମଧ୍ୟ ଉପସ୍ଥିତ ଥିଲେ।



# ବେଦାନ୍ତ ପକ୍ଷରୁ 'ସୁରଭି'କୁ ସମର୍ଥନ

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାରେ 'ସୁରଭି' ଶିଶୁ ମହୋତ୍ସବକୁ ସମର୍ଥନ କରିଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୃଜନଶୀଳତା ଓ ପ୍ରତିଭା ଚିହ୍ନଟ କରିବା ପାଇଁ ଏକ ପୋଷଣ ପ୍ଲାଟଫର୍ମ ଭାବେ ପରିକଳ୍ପନା କରାଯାଇଛି। ହେମଗିରି ଓ ଲଖନପୁର ବ୍ଲକ ଅନ୍ତର୍ଗତ ୬ଟି ପଞ୍ଚାୟତକୁ ପ୍ରତିନିଧିତ୍ୱ କରୁଥିବା ୪୨ଟି ବିଦ୍ୟାଳୟର ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ସୃଜନଶୀଳତା, କଳ୍ପନା ଓ ଶିକ୍ଷଣର ଏକ ଉତ୍ସବ ଭାବେ କାର୍ଯ୍ୟ କରିଥିଲା, ଯେଉଁଥିରେ କଳା ଓ ଶିଳ୍ପ, ସଙ୍ଗୀତ ଏବଂ ନୃତ୍ୟ, ବିତର୍କ, ବକ୍ତବ୍ୟ ଏବଂ ସୃଜନଶୀଳ ଲେଖାକୁ ଅନ୍ତର୍ଭୁକ୍ତ କରି ୩୦ଟି ବିବିଧ ପ୍ରତିଯୋଗିତା ପ୍ରଦର୍ଶିତ ହୋଇଥିଲା। ଏହି ସ୍ତରର ବିଜେତାମାନେ ଏବେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ବିଦ୍ୟାଳୟଗୁଡ଼ିକର ପ୍ରତିନିଧିତ୍ୱ କରିବେ। 'ସୁରଭି'କୁ ବେଦାନ୍ତର ସମର୍ଥନ ଗୋଷ୍ଠୀ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଉଦାହରଣ। ଉତ୍ସବରେ କ୍ଲଷ୍ଟର ରିସୋର୍ସ ସେଣ୍ଟର (ସିଆରସିସି)ର ସଂଯୋଜକ ଆଶିଷ ପଟେଲ, ଅନ୍ୟ ବିଶିଷ୍ଟ ଅତିଥି, ଶିକ୍ଷକ ଓ ଗୋଷ୍ଠୀ ସଦସ୍ୟମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ଶିକ୍ଷା ବାହାରେ ଆତ୍ମବିଶ୍ୱାସ ହାସଲ କରିବା ପାଇଁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଥିବାରୁ ଅତିଥିମାନେ ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଲଖନପୁର ବ୍ଲକର ସିଆରସିସି ଆଶିଷ ପଟେଲ କହିଥିଲେ, 'ସୁରଭି' କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ପିଲାମାନଙ୍କ ସୃଜନଶୀଳତା ଓ ସାମର୍ଥ୍ୟର ଏକ ଉତ୍ସବ।



# ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ଆଜି ସେଞ୍ଚୁରିଆନ୍ ୟୁନିଭର୍ସିଟିଠାରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏସ୍‌ପିଇଏଫ୍‌ଏଲ୍ ଟ୍ରେଡ୍‌କୁ ନେଇ ଏକ ପଞ୍ଚଦିବସୀୟ ଆବାସିକ ବ୍ୟାବହାରିକ ଦକ୍ଷତା ବିକାଶ (ହ୍ୟାଣ୍ଡ୍‌ସ ଅନ୍ ସ୍କିଲ୍) ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ଯୋଗଦେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ହାସଲ କରିବା ଦିଗରେ ପ୍ରେରଣା ଦେବା ସହ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବ ବୋଲି କହିଛନ୍ତି। ସେହିପରି ସେଞ୍ଚୁରିଆନ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଡାଃ ସୁପ୍ରିୟା ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି




ଛାତ୍ରଛାତ୍ରୀମାନଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ତଥା ଭବିଷ୍ୟତ ଗଠନ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପନିର୍ଦ୍ଦେଶକ ସିଏଚ ବିଜୟଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ। ଏହି ଆବାସିକ ପ୍ରଶିକ୍ଷଣ କର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି।

**● ଥାନା ନାକତଳୁ ସଶସ୍ତ୍ର ଡକାୟତି**

# ଲୁଟିନେଲେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି



**ବଣାଇ,୨୭।୧୦(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ବଣାଇ ମୁଖ୍ୟ ସହରରେ ପ୍ରଥମ ଥର ହୋଇଛି ଡକାୟତି। ୪ ଜଣ ମୁଖାଧାରୀ ସଶସ୍ତ୍ର ଡକାୟତ ମାଡ଼ ମାରି ଲୁଟିନେଇଛନ୍ତି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି। ବଣାଇ ଥାନାରୁ ୫୦୦ ମିଟର ଦୁରରେ ଥିବା ରଶ୍ମି ଇଲେକ୍ଟ୍ରିକାଲ ବ୍ୟବସାୟୀଙ୍କ ଘରେ ମା, ଝିଅ ଓ ଦୋକାନରେ କାମ କୁରୁଥିବା ପିଲା ଶୋଇଥିଲେ। ରାତି ୧୨ଟା ସମୟରେ ୩ ଜଣ ଡକାୟତ ପହଞ୍ଚି ତଳେ ଶୋଇଥିବା ତାଙ୍କର ଚାକରକୁ ଆଗେ ପ୍ରବଳ ମାଡ ମାରିବା ସହ ତାକୁ ବାନ୍ଧି ଦେଇଥିଲେ। ତାକୁ ବନ୍ଧୁକ ଦେଖାଇ କହିଥିଲେ, ତମ ମାଲିକାଣିଙ୍କୁ କବାଟ ଖୋଲା କରିବାକୁ କହ, ନହେଲେ ତତେ ମାରିଦେବୁ। ଡକାୟତମାନଙ୍କ ପାଖରେ ବନ୍ଧୁକ, ମାଂସ କଟା ଚାପଡ଼ ଓ ଶାବଳ ହାତରେ ଥିଲା। ଭୟରେ ପେଟ ବଥା ହେଉଛି ଔଷଧ ଦିଅ ଦିଅ ବୋଲି ଫୋନ ଯୋଗେ କହିଥିଲା ଚାକର। ମା' ଓ ଝିଅ ଔଷଧ ବାହାର କରି କବାଟ ଖୋଲିଥିବା ବେଳେ ଡକାୟତମାନେ ଧକ୍କା ମାରି ଘର ଭିତରକୁ ପଶିଆସିଥିଲେ। ସେମାନେ ମା'-ଝିଅଙ୍କୁ ବାନ୍ଧିବା ସହ ଚାବି ମାଗିଥିଲେ। ଚାବି ନଦେଲେ ଝିଅକୁ ଦୁଷ୍କର୍ମ କରି ଭିଡିଓ ଭାଇରାଲ କରିଦେବାକୁ ସେମାନେ ଧମକ ଦେଇଥିଲେ। ଶେଷରେ ବାଧ୍ୟ ହୋଇ ଡକାୟତମାନଙ୍କୁ ମା' ଚାବି ଦେଇଦେଇଥିଲେ। ଡକାୟତମାନେ ସୁନା ଅଳଙ୍କାର ଓ ମହାଜନଙ୍କୁ ଦେବା ପାଇଁ ଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ସହ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ସମ୍ପତ୍ତି ଲୁଟି ନେଇଥିଲେ। ପ୍ରାୟ ୩ ଘଣ୍ଟା ଧରି ଲୁଟତରାଜ ଚାଲିଥିବା ବେଳେ ସକାଳୁ ପୁଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭୁବନେଶ୍ୱର ଉତ୍ତର ମହୋତ୍ସବ ଭୂମିପୂଜା ଉତ୍ସବ

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ୫ ରୁ ୧୨ ତାରିଖ ପର୍ଯ୍ୟନ୍ତ ଡମଣା ଛକ ନିକଟସ୍ଥ କ୍ଲବ ଟାଉନ ପଡ଼ିଆରେ ହେବାକୁ ଥିବା ଭୁବନେଶ୍ୱର ଉତ୍ତର ମହୋତ୍ସବ-୨୦୨୫ ପାଇଁ ଆଜି ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ କର୍ତ୍ତା ଭାବେ ଗଣ୍ଡରପୁର ଗ୍ରାମର ବରିଷ୍ଠ ମୁରବି ଅନ୍ତର୍ଯ୍ୟାମୀ କୁଅଁର ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପୂର୍ବ ବର୍ଷ ପରି ଚଳିତ ବର୍ଷ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ତରର ସମସ୍ତ ଜ୍ଞାନୀଗୁଣି, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଉତ୍ସବରେ ଯୋଗଦାନ କରିବାକୁ ସେ ନିବେଦନ କରିଥିଲେ। ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ କହିଥିଲେ ଯେ ଭୂମିପୂଜନ ପରେ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ଚଳିତବର୍ଷ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସାମଗ୍ରୀର ଷ୍ଟଲ ଲାଗିବା ସହ ମୀନାବଜାର, ଦୋଳି ଓ ଅନ୍ୟାନ୍ୟ ଖାଦ୍ୟ ଷ୍ଟଲ ରହିବ। ଲୋକମାନେ ଜିନିଷପତ୍ର କିଣାକିଣି କରିବା ସହ ଖାଦ୍ୟର ମଜା ନେବେ। ତା'ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବି ଉପଭୋଗ କରିପାରିବେ। କାର୍ଯ୍ୟକ୍ରମରେ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ଅଧ୍ୟକ୍ଷା ରୋଜାଲିନ ପାଟ୍ଟଶାଣୀ ମିଶ୍ର, କର୍ପୋରେଟର ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା, ବିଜେପି ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତରାୟ, ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି, ମଣ୍ଡଳ ସଭାପତି ନଗେନ ବିଶୋଇ, ବିଭୁତି ଭୂଷଣ ବିଶ୍ୱାଳ, ସଞ୍ଜୟ ପତି, ସ୍ମୃତିରଞ୍ଜନ ଦାସ ଓ କୁନା ଜେନା, ଉମାକାନ୍ତ ହାତୀ, ବିଶ୍ୱଜିତ ରାଉତ, ଅଞ୍ଜନ ଜେନା, ନିର୍ମଳ ରାଉତ, ନିର୍ମଳ ପଣ୍ଡା, କାଳନ୍ଦୀ ଦାସ, ନବଘନ ରାଉତ, ନାରୀନେତ୍ରୀ ସୌଭାଗ୍ୟଲକ୍ଷ୍ମୀ ଦାଶ, ଲିପା ସାହୁ, ଜ୍ୟୋସ୍ନା ନାୟକ ଉପସ୍ଥିତ ଥିଲେ।



# ନଗର ଉନ୍ନୟନ ବିଭାଗ ବଜେଟ୍ ଖର୍ଚ୍ଚ ଧିମା

**ଭୁବନେଶ୍ୱର,୨୭।୧୦:** ବଜେଟ୍‌ରେ ବରାଦ ଅର୍ଥ ଖର୍ଚ୍ଚ ତ୍ୱରାନ୍ୱିତ ପାଇଁ ବିଭାଗଗୁଡିକୁ ବାରମ୍ବାର ତାଗିଦା କରାଯାଉଥିବାବେଳେ ଚଳିତ ଆର୍ଥିକ ବର୍ଷରେ ସେପ୍ଟେମ୍ବର ଶେଷ ସୁଦ୍ଧା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୩୦ ପ୍ରତିଶତରୁ କମ୍ ଅର୍ଥ ଖର୍ଚ୍ଚ କରିଥିବା ଜଣାଯାଇଛି। ବିଭାଗ ପାଇଁ ବରାଦ ଅର୍ଥରୁ ପ୍ରଶାସନିକ ବ୍ୟୟ ବାବଦରେ ୩୫ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିବାବେଳେ ହାରାହାରି ବ୍ୟୟ କ୍ଷେତ୍ରରେ କିନ୍ତୁ ୨୯ ପ୍ରତିଶତ ଛୁଇଁପାରିନାହିଁ।

ସହରାଞ୍ଚଳରେ ବସୁଧା ଯୋଜନାରେ ବରାଦ ଅର୍ଥ ମଧ୍ୟରୁ ୧୮ ପ୍ରତିଶତ ବ୍ୟୟ ହୋଇଥିବାବେଳେ ସହରାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ପାଖପାଖି ୨୩ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ୱାଟ୍‌କୋ କର୍ତ୍ତୃପକ୍ଷ ସ୍ୱରେଜ ଓ ଡ୍ରେନେଜ ପ୍ରକଳ୍ପରେ କରିଥିବା ଖର୍ଚ୍ଚର ପରିମାଣ ୨୬ ପ୍ରତିଶତରୁ ସାମାନ୍ୟ ଅଧିକ ରହିଥିବା ବେଳେ ସହରାଞ୍ଚଳ ପ୍ରଶାସନରେ ବ୍ୟୟବରାଦ ୩୬ ପ୍ରତିଶତରୁ କମ୍ ରହିଛି।

କେନ୍ଦ୍ର ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ମିଶନରେ ବ୍ୟୟ ଅତ୍ୟନ୍ତ ନଗଣ୍ୟ ରହିଛି। ବରାଦ ଅର୍ଥ ମଧ୍ୟରୁ ୪ ପ୍ରତିଶତରୁ କମ୍ ବ୍ୟୟ ହୋଇଥିବାବେଳେ ଓଡିଶା ସହରାଞ୍ଚଳ ଗୃହ ମିଶନରେ ଖର୍ଚ୍ଚ ୬ ପ୍ରତିଶତ ତଳେ ରହିଛି। ପିଏମ୍ ଇ-ବସ୍ ସେବାରେ ବ୍ୟୟ ପରିମାଣ ୩୦ପ୍ରତିଶତ ତଳେ ଥିବା ରେକର୍ଡ କରାଯାଇଛି।

ତେବେ ସହରାଞ୍ଚଳରେ ବଜେଟ୍ ଅର୍ଥର ଏଭଳି ଧିମା ଖର୍ଚ୍ଚ ପାଇଁ କ୍ଷେତ୍ର ସ୍ତରରେ ଖାଲି ପଡିଥିବା ପଦବୀକୁ ଦାୟୀ କରାଯାଉଛି। କ୍ଷେତ୍ର ସ୍ତରରେ ଥିବା ୩୫୪୪ଟି ପଦବୀ ମଧ୍ୟରୁ ୨୦୯୬ଟି ପଦବୀ ଖାଲି ପଡିଛି। ୧୧୭୪ଟି ପିଏଚ୍‌ଇଓ ପଦବୀରୁ ୬୫୪ଟି ଖାଲି ପଡିଥିବାବେଳେ ୮୭ଟି ଟାଉନ ପ୍ଲାନର ପଦବୀରୁ ୪୮ଟି ଖାଲି ପଡିଛି। ଅନ୍ୟ ପଦବୀଗୁଡିକରେ ମଧ୍ୟରୁ ଅଧାରୁ ଅଧିକ ପଦବୀ ଖାଲି ପଡିଛି।

ସହରାଞ୍ଚଳରେ କାମ ଚଳାଇବାପାଇଁ ଆଉଟିସୋର୍ସିଂ ସଂସ୍ଥାରୁ ହଜାରେରୁ ଅଧିକ କର୍ମଚାରୀ ଆଣି ନିଯୁକ୍ତ ଦେବାକୁ ସୁପାରିଶ୍ କରାଯାଇଛି। ତଥାପି କୌଣସି କାରଣରୁ ଏଥିରେ ବିଳମ୍ବ ଯୋଗୁଁ ସହରାଞ୍ଚଳର ବହୁ ଯୋଜନା କାର୍ଯ୍ୟକାରୀ ଏକପ୍ରକାର ଅଚଳ ହୋଇଗଲାଣି। ସରକାର ବଦଳିବା ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ବିଭିନ୍ନ ଯୋଜନାରେ ଥିବା ୬୦୦ କର୍ମଚାରୀ ବିଦା ହୋଇଥିଲେ। ଏମାନଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦେବାପାଇଁ ବାରମ୍ବାର ବିଜ୍ଞାପନ ପ୍ରକାଶ ପାଉଥିଲେ ମଧ୍ୟ କୌଣସି କାରଣ ପାଇଁ ନିଯୁକ୍ତି କାର୍ଯ୍ୟ ସରୁନାହିଁ।

ଅନ୍ୟ ପକ୍ଷରେ ବଜେଟ୍ ଅର୍ଥ ତୁରନ୍ତ ଖର୍ଚ୍ଚ କରିବା ସହ ଆଗାମୀ ଶୀତ ଅଧିବେଶନରେ ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ବିଭାଗର ବ୍ୟୟ କରାଦ ୩୦ ପ୍ରତିଶତରୁ କମ୍ ରହିବା ଓ ବଜେଟ୍ ଅର୍ଥ ଖର୍ଚ୍ଚ କରିବା ବିଭାଗୀୟ ଅଧିକାରୀଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। (ତଥ୍ୟ)

**● ଆଗକୁ କାର୍ତ୍ତିକ ପୂର୍ଣ୍ଣିମା**

# ଦଶପଲ୍ଲା ପର୍ଯ୍ୟନ୍ତ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ସମ୍ପ୍ରସାରିତ

**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ମାସ ଓ ପୁରୀରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ସମୟରେ ପ୍ରବଳ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଯାତ୍ରୀମାନଙ୍କ ସୁବିଧା ପାଇଁ ଟ୍ରେନ ନମ୍ବର ୬୮୪୦୪/୬୮୪୦୩ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ସେବାକୁ ଅସ୍ଥାୟୀ ଭାବେ ଦଶପଲ୍ଲା ପର୍ଯ୍ୟନ୍ତ ବିସ୍ତାର କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ ନମ୍ବର ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ ଗତକାଲିଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଦଶପଲ୍ଲା ପର୍ଯ୍ୟନ୍ତ ବିସ୍ତାର କରାଯାଇଛି। ସେହିପରି ଟ୍ରେନ ନମ୍ବର ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ଆଜିଠାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଦଶପଲ୍ଲାରୁ ଛାଡ଼ିବ। ଏହି ଅସ୍ଥାୟୀ ସମ୍ପ୍ରସାରଣ କାର୍ତ୍ତିକର ପର୍ବପର୍ବାଣୀ ସମୟରେ ପୁରୀକୁ ଓ ପୁରୀରୁ ଯାତ୍ରା କରୁଥିବା ଭକ୍ତ ଏବଂ ସାଧାରଣ ଯାତ୍ରୀମାନଙ୍କୁ ଅତିରିକ୍ତ ସୁବିଧା ପ୍ରଦାନ କରିବ, ଯାହାଦ୍ୱାରା ଖୋର୍ଦ୍ଧା-ନୟାଗଡ଼ ଅଞ୍ଚଳରେ ଉପଯୁକ୍ତ ଭାବେ ଭିଡ଼ ପରିଚାଳନା ସହ ଉନ୍ନତ ଗମନାଗମନ ସୁନିଶ୍ଚିତ ହେବ। ଯାତ୍ରୀମାନଙ୍କୁ ଏହି ସୁବିଧାର ଲାଭ ଉଠାଇବା ଓ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ନିବେଦନ କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ମଙ୍ଗଳବାର ୨୮ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Tuesday 28 October 2025, Bhubaneswar

# ଭୋଟର୍ ତାଲିକା ସଂଶୋଧନରେ ବଡ଼ ପଦକ୍ଷେପ



ଭାରତର ନିର୍ବାଚନ ପ୍ରକ୍ରିୟାରେ ଭୋଟର୍ ତାଲିକା ହେଉଛି ଏକ ମୂଳଭିତ୍ତିଭୂମି। ଏହାର ସଠିକ୍ତା ଏବଂ ସମ୍ପୂର୍ଣ୍ଣତା ନିର୍ବାଚନର ନ୍ୟାୟ୍ୟତା ଏବଂ ଲୋକତନ୍ତ୍ରର ସଫଳତା ନିର୍ଧାରଣ କରେ। ନିକଟରେ ନିର୍ବାଚନ ଆୟୋଗ ଦ୍ୱାରା ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ତୀବ୍ର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଏହି ଦିଗରେ ଏକ ଐତିହାସିକ ପଦକ୍ଷେପ। ଓଡ଼ିଶାରେ ୨୪ ବର୍ଷ ପରେ ଏହି ସଂଶୋଧନ ହେବାକୁ ଯାଉଛି, ଯାହା ରାଜ୍ୟର ଭୋଟର୍ ତାଲିକାକୁ ଅଧିକ ସଠିକ୍ ଏବଂ ସମାବେଶୀ କରିବ। ଏହି ସମ୍ପାଦକୀୟରେ ଆମେ ଆଲୋଚନା କରିବୁ ଯେ ଏସ୍ଆଇଆର୍ କିପରି ଭୋଟର୍ ତାଲିକାର ବିକାଶରେ ସହାୟକ ହେବ।

ପ୍ରଥମେ, ଏସ୍ଆଇଆର୍ କ'ଣ? ଏହା ହେଉଛି ନିର୍ବାଚନ ଆୟୋଗର ଏକ ବ୍ୟାପକ କାର୍ଯ୍ୟକ୍ରମ, ଯାହା ଭୋଟର୍ ତାଲିକାର ତୀବ୍ର ସଂଶୋଧନ କରିବାକୁ ଲକ୍ଷ୍ୟ ରଖିଛି। ଏହା ପାନ୍-ଇଣ୍ଡିଆ ସ୍ତରରେ ଚାଲୁଛି, ଯେଉଁଥିରେ ଓଡ଼ିଶା ସମେତ ଅନେକ ରାଜ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରକ୍ରିୟାରେ ବୁଥ୍ ସ୍ତରରେ ଅଧିକାରୀମାନେ ଘରେ ଘରେ ଯାଇ ଭୋଟର୍ଙ୍କୁ ଯାଞ୍ଚ କରିବେ। ଓଡ଼ିଶାରେ ପ୍ରାୟ ୪୫, ୦୦୦ ବୁଥ୍ ପାଇଁ ମାନବଶକ୍ତି ମୋତୟେନ କରାଯିବ, ଯାହା ଏହି କାର୍ଯ୍ୟର ବ୍ୟାପକତାକୁ ଦର୍ଶାଉଛି। ଏହା ଦ୍ୱାରା ଭୋଟର୍ ତାଲିକାର ଅପଡେଟ୍ ଏବଂ ଯାଚନ ହେବ, ଯାହା ଆଗାମୀ ନିର୍ବାଚନ ପୂର୍ବରୁ ଅତ୍ୟନ୍ତ ଆବଶ୍ୟକ।

ଏସ୍ଆଇଆର୍ ଭୋଟର୍ ତାଲିକା ବିକାଶରେ କିପରି ସହାୟକ ହେବ? ପ୍ରଥମ ଲାଭ ହେଉଛି ନୂଆ ଭୋଟର୍ଙ୍କର ସମାବେଶ। ବିଶେଷକରି ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବକମାନେ, ମହିଳାମାନେ ଏବଂ ଅନୁସୂଚିତ ଜାତି/ଜନଜାତିର ଲୋକମାନେ ଯେଉଁମାନେ ପୂର୍ବରୁ ତାଲିକାରେ ନଥିଲେ, ସେମାନଙ୍କୁ ଯୋଡ଼ାଯିବ। ଏହା ଦ୍ୱାରା ଭୋଟର୍ ସଂଖ୍ୟା ବଢ଼ିବ ଏବଂ ଲୋକତନ୍ତ୍ରର ଭିତ୍ତି ମଜବୁତ ହେବ। ଦ୍ୱିତୀୟତଃ, ଏହା ଭୂତୁଆ ଭୋଟର୍ଙ୍କୁ ହଟାଇବ। ମୃତ୍ୟୁହୋଇଥିବା ବ୍ୟକ୍ତିମାନେ, ସ୍ଥାନାନ୍ତରିତ ହୋଇଥିବା ଲୋକମାନେ କିମ୍ବା ଡୁପ୍ଲିକେଟ୍ ଏଣ୍ଟ୍ରିଗୁଡ଼ିକୁ ଚିହ୍ନଟ କରି ହଟାଇବା ଦ୍ୱାରା ତାଲିକା ସଫା ହେବ। ଏହା ନିର୍ବାଚନରେ କପଟ ଏବଂ ଅନିୟମିତତାକୁ ରୋକିବ।

ତୃତୀୟତଃ, ଏସ୍ଆଇଆର୍ ଦ୍ୱାରା ଭୋଟର୍ ତଥ୍ୟର ସଂଶୋଧନ ହେବ। ନାମ, ଠିକଣା, ଫଟୋ ଏବଂ ଅନ୍ୟାନ୍ୟ ବିବରଣୀରେ ଭୁଲ୍ଗୁଡ଼ିକୁ ଠିକ୍ କରାଯିବ। ଏହା ଭୋଟର୍ମାନଙ୍କୁ ଭୋଟ୍ ଦେବାରେ ଅସୁବିଧାରୁ ମୁକ୍ତ କରିବ ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁଗମ କରିବ। ଓଡ଼ିଶାରେ ଏହି ସଂଶୋଧନ ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ ରାଜ୍ୟରେ ଗ୍ରାମାଞ୍ଚଳ ଏବଂ ଦୂରବର୍ତ୍ତୀ ଅଞ୍ଚଳରେ ଭୋଟର୍ ତାଲିକାରେ ଅନେକ ଅସଙ୍ଗତି ରହିଛି। ଏହା ଦ୍ୱାରା ମହିଳା ଏବଂ ଯୁବକମାନଙ୍କର ଅଧିକ ସମାବେଶ ହେବ, ଯାହା ରାଜ୍ୟର ନିର୍ବାଚନୀ ଭାଗିଦାରୀକୁ ବଢ଼ାଇବ।

ଏହା ବ୍ୟତୀତ, ଏସ୍ଆଇଆର୍ ପ୍ରକ୍ରିୟାରେ ବ୍ୟବହାର ହେଉଥିବା ଦସ୍ତାବିଜ୍ଗୁଡ଼ିକ ଯଥା ଆଧାର୍ କାର୍ଡ୍, ପାସ୍ପୋର୍ଟ୍ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଭୋଟର୍ ପରିଚୟର ସଠିକ୍ତା ନିଶ୍ଚିତ କରିବ। ଏହା ଡିଜିଟାଲ୍ ପ୍ଲାଟ୍ଫର୍ମ୍ ସହିତ ଯୋଡ଼ି ହୋଇଥିବାରୁ, ଭୋଟର୍ମାନେ ଅନ୍ଲାଇନ୍ରେ ମଧ ଆବେଦନ କରିପାରିବେ, ଯାହା ପ୍ରକ୍ରିୟାକୁ ଅଧିକ ସୁଲଭ କରିବ। ଫଳସ୍ୱରୂପ, ଭୋଟର୍ ତାଲିକାର ଗୁଣବତ୍ତା ବଢ଼ିବ ଏବଂ ନିର୍ବାଚନରେ ଅଧିକ ଭାଗିଦାରୀ ହେବ। ଏହା ଲୋକତନ୍ତ୍ରର ମୂଳ ମନ୍ତ୍ର 'ଏକ ବ୍ୟକ୍ତି, ଏକ ଭୋଟ୍'କୁ ସଶକ୍ତ କରିବ।ତେବେ, ଏହି ପ୍ରକ୍ରିୟାର ସଫଳତା ନିର୍ଭର କରୁଛି ନାଗରିକମାନଙ୍କର ସହଯୋଗ ଉପରେ। ସମସ୍ତେ ନିଜ ବିବରଣୀ ଯାଞ୍ଚ କରିବା ଏବଂ ଆବଶ୍ୟକ ସଂଶୋଧନ କରିବା ଉଚିତ୍। ରାଜନୈତିକ ଦଳଗୁଡ଼ିକ ଏବଂ ସମାଜସେବୀ ସଂଗଠନଗୁଡ଼ିକ ଏହି କାର୍ଯ୍ୟରେ ଭାଗ ନେବା ଉଚିତ୍। ଓଡ଼ିଶା ସରକାର ଏବଂ ନିର୍ବାଚନ ଅଧିକାରୀମାନେ ଏହାକୁ ସଫଳ କରିବା ପାଇଁ ପ୍ରଚାର ଏବଂ ସଚେତନତା କାର୍ଯ୍ୟକ୍ରମ ଚଳାଇବା ଦରକାର। ଶେଷରେ, ଏସ୍ଆଇଆର୍ ଭୋଟର୍ ତାଲିକାକୁ କେବଳ ବିକଶିତ କରିବ ନାହିଁ, ବରଂ ଭାରତୀୟ ଲୋକତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବ। ଏହା ଏକ ସୁଯୋଗ, ଯାହାକୁ ଆମେ ସମସ୍ତେ ଗ୍ରହଣ କରିବା ଉଚିତ୍।

# ମୋର ପ୍ରଭୁ ଜଗନ୍ନାଥ

ଅନୀତା ପଟ୍ଟନାୟକ



ଓଡ଼ିଶାର ସୁନାମଧନ୍ୟ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗୋଟିଏ ବକ୍ତୃତା ପ୍ରତିଯୋଗିତା ହେଉଥିଲା। ମତେ ସେଠାରେ ମୁଖ୍ୟ ନିରୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ମଧ ଉପସ୍ଥିତ ଥିଲେ। ବକ୍ତୃତାର ବିଷୟବସ୍ତୁ ଥିଲା 'ହେ ଜଗନ୍ନାଥ ମୋର ପ୍ରଭୁ ମୋର ନୟନରେ ତୁମେ ଦୃଶ୍ୟମାନ ହୁଅ'।

ଭାର୍ଗବୀନାମ୍ନୀ ଗୋଟିଏ ଛାତ୍ରୀ ଆସି କହିଲା - କୌଣସି ଏକ ସମୟରେ ଶ୍ରୀକୃଷ୍ଣଙ୍କ ରୂପରେ ତୁମେ ଯମୁନା ତଟସ୍ଥିତ ବନରେ ବଂଶୀବାଦନ କରୁଥିଲ। ଆନନ୍ଦରେ ଗୋପାଙ୍ଗନା ମାନଙ୍କର ମୁଖପଦ୍ମରୁ ଭ୍ରମର ସଦୃଶ ମଧୁପାନ କରୁଥିଲ। ଲକ୍ଷ୍ମୀ, ଶିବ, ବ୍ରହ୍ମା, ଗଣେଶ ଆପଣଙ୍କର ପାଦ ପଦ୍ମକୁ ପୂଜା କରନ୍ତି। ହେ ମୋର ଜଗନ୍ନାଥ ପ୍ରଭୁ! ତୁମେ ମୋର ନୟନ ପଥରେ ଦୃଶ୍ୟମାନ ହୁଅ। ଏଥର ଇନ୍ଦିରା ନାମ୍ନୀ ଏକ ଛାତ୍ରୀ ଆସି କହିଲା - ତୁମେ ବାମହାତରେ ବଂଶୀଧାରଣ କରିଛ। ମୁଣ୍ଡରେ ତୁମର ମୟୂରଚୂଳ ଶୋଭା ପାଉଛି। କଟି ଭାଗର ପୀତାମ୍ବର ଶୋଭା ପାଉଛି। ଆଖିର କଟାକ୍ଷରେ ତୁମେ ସଖା ମାନଙ୍କୁ ଇଙ୍ଗିତ କରିଥାଅ। ତୁମେ ବୃନ୍ଦାବନର ଲୀଳା ଖେଳା ପାଇଁ ସଦା ପରିଚିତ। ହେ ମୋର ପ୍ରଭୁ ଜଗନ୍ନାଥ! ତୁମେ ନୟନ ପଥରେ ଦୃଶ୍ୟମାନ ହୁଅ।

କ୍ଷୀରବ୍ଧିତନୟା ନାମ୍ନୀ ଗୋଟିଏ ଝିଅ ଆସି କହିଲା - ମହୋଦଧିକୂଳରେ ସ୍ୱର୍ଣ୍ଣ ବର୍ଣ୍ଣର ନୀଳଗିରି ପର୍ବତ ଉପରେ ଥିବା ମନ୍ଦିରରେ ତୁମର ମହାବଳୀ ଭାଇ ବଳଭଦ୍ର ଓ ମଧ ଭାଗରେ ଭଉଣୀ ସୁଭଦ୍ରା ବିରାଜିତ। ସମସ୍ତ ଦେବତା ମାନଙ୍କୁ ସେବା କରିବାର ଅବସର ଦେଇଛ। ହେ ମୋର ପ୍ରଭୁ ଜଗନ୍ନାଥ! ମୋର ନୟନ ପଥରେ ଦୃଶ୍ୟମାନ ହୁଅ। ଏଥର କମଳା ନାମ୍ନୀ ଏକ ଝିଅ କହିଲା - ହେ କୃପା ସାଗର! ଜଳପୂର୍ଣ୍ଣ ମେଘ ସଦୃଶ ତୁମର ଶ୍ରୀଅଙ୍ଗର ବର୍ଣ୍ଣ, ଲକ୍ଷ୍ମୀଙ୍କର ପ୍ରଶଂସାରେ ତୁମେ ସଦା ପ୍ରଶଂସିତ ପ୍ରସ୍ଫୁଟିତ ପଦ୍ମତୁଲ୍ୟ ତୁମର ମୁଖ କମଳ। ତୁମେ ସମସ୍ତ ଦେବତା ମାନଙ୍କର ପୂଜ୍ୟ। ବେଦ, ଉପନିଷଦରେ ତୁମର କୀର୍ତ୍ତି ବର୍ଣ୍ଣନା କରାଯାଇଛି। ହେ ଜଗନ୍ନାଥ ସ୍ୱାମୀ! ମୋର ପ୍ରଭୁ ତୁମେ ମୋର ନୟନ ପଥରେ ଦୃଶ୍ୟମାନ ହୁଅ। ଏଥର ଏକ ଛାତ୍ରୀ ଯାହାର ନାମ ଥିଲା ପଦ୍ମାଳୟା ସେ କହିଲା - ରଥରେ ଆରୋହଣ କରି ଯାଉଥିବାବେଳେ ତୁମର ଭକ୍ତମାନଙ୍କ ସହ ଯେତେବେଳେ ମିଳନ ହୁଏ, ଭକ୍ତ ମାନଙ୍କର ସ୍ତୁତି କର୍ଣ୍ଣରେ ଶ୍ରବଣ କରି ତୁମେ ଆନନ୍ଦିତ ହୁଅ ଓ ଦୟା ପରବଶ ହୋଇଉଠ। ତୁମେ ଦୟାସାଗର। ସଚରାଚର ଜଗତର ବନ୍ଧୁ ଓ ଲକ୍ଷ୍ମୀଙ୍କ ସହିତ ସଦା ବିରାଜିତ। ହେ ଜଗନ୍ନାଥ! ମୋର ପ୍ରଭୁ ତୁମେ ମୋର ନୟନ ପଥରେ ଦୃଶ୍ୟମାନ ହୁଅ।

ଏଥର ହିରଣମୟୀ ପାଳି ପଡ଼ିଲା। ସେ କହିଲା - ହେ ନିରାକାର ବ୍ରହ୍ମ! ସର୍ବଜନ ପୂଜିତ ନୀଳପଦ୍ମ ପରି ତୁମର ଚକ୍ଷୁ। ହେ ନୀଳଗିରିବାସୀ ଅନନ୍ତଙ୍କ ମସ୍ତକରେ ତୁମେ ତୁମ ଚରଣକୁ ସ୍ଥାପନ କରିଛ। ଶ୍ରୀରାଧାଙ୍କର ପ୍ରେମପୂର୍ଣ୍ଣ ତନୁର ଆଲିଙ୍ଗନ ସୁଖରେ ତୁମେ ସଦା ବିଭୋର। ହେ ଜଗନ୍ନାଥ ମୋର ପ୍ରଭୁ! ତୁମେ ମୋର ନୟନ ପଥରେ ଦୃଶ୍ୟମାନ ହୁଅ। ଏଥର ଶ୍ରୀ ନାମ୍ନୀ ଏକ ଝିଅର ପାଳି ପଡ଼ିଲା। ସେ କହିଲା - ହେ ପ୍ରଭୁ ମୁଁ କୌଣସି ରାଜ୍ୟ କାମନା କରୁନାହିଁ। କୌଣସି ସୁବର୍ଣ୍ଣ ମାଣିକ୍ୟ ବୈଭବ ଚାହୁଁନାହିଁ। ସମସ୍ତଙ୍କର କାମନା ଥିବା ସୁନ୍ଦରୀ ତରୁଣୀକୁ ମଧ କାମନା କରୁନାହିଁ। ଯାହାଙ୍କର ସ୍ତୁତିରେ ମହାଦେବ ସଦା ବିଭୋର। ହେ ଜଗନ୍ନାଥ! ମୋର ପ୍ରଭୁ ମୋର ନୟନ ପଥରେ ଦୃଶ୍ୟମାନ ହୁଅ। ଏଥର ହରିପ୍ରୀୟା ନାମ୍ନୀ ଏକ ଛାତ୍ରୀର ପାଳି ପଡ଼ିଲା। ସେ କହିଲା - ହେ ଦେବତା ମାନଙ୍କ ମଧ୍ୟରେ ଶ୍ରେଷ୍ଠ! ଅତିଶୀଘ୍ର ମୋତେ ଏ ସଂସାର ସାଗରରୁ ପାର କରିଦିଅ। ହେ ଯଦୁପତି! ଅତିଶୀଘ୍ର ମୋତେ ମୋର ବିରାଟ ପାପରୁ ମୁକ୍ତି କରିଦିଅ। ହେ ଦୀନନାଥ! ମୋତେ ମୋକ୍ଷ ପଦ ପ୍ରଦାନ କର। ହେ ଜଗନ୍ନାଥ ମୋର ନୟନ ପଥରେ ଦୃଶ୍ୟମାନ ହୁଅ।

ଏକଥା ଶୁଣି ତଳେ ବସିଥିବା ଶ୍ରୋତାମାନେ କରତାଳି ଦେଇ ସଭା ମଞ୍ଚକୁ କମ୍ପିତ କରିଥିଲେ। ସମସ୍ତେ ଏତେ ମୁଗ୍ଧ ହୋଇଗଲେ ଯେ ସମସ୍ତେ କୁଳପତିଙ୍କୁ ସେପରି କିଛି କୁହ ବୋଲି ଅନୁରୋଧ କଲେ। ଉତ୍ଫୁଲିତ ବଦନରେ କୁଳପତି ଶଙ୍କର ଦେବ କହିଲେ ଯେଉଁ ବ୍ୟକ୍ତିମାନେ ସଂଯତ ହୋଇ, ପବିତ୍ର ମନରେ, ସର୍ବଦା ପୁଣ୍ୟପ୍ରଦ ଶଙ୍କରାଚାର୍ଯ୍ୟଙ୍କର ଜଗନ୍ନାଥ ଅଷ୍ଟକମ ସ୍ତୋତ୍ର ପାଠ କରନ୍ତି ସେ ସମସ୍ତ ପାପରୁ ମୁକ୍ତ ହୋଇ ଅମରଲୋକକୁ ଗମନ କରନ୍ତି। ମୁଁ ଏପରି ଭାଷଣରେ ବିଚଳିତ ହୋଇ ସମସ୍ତଙ୍କୁ ପ୍ରଥମ ସ୍ଥାନ ଦେଇଦେଲି। ଦେଖିଲି ବକ୍ତୃତାର ଶେଷରେ ଶ୍ରୋତାବୃନ୍ଦ ଠିଆ ହୋଇ କରତାଳି ଦେଉଛନ୍ତି।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ମୋବାଇଲ୍: ୯୭୯୨୯୮୦୦୨୬**

# ରାଷ୍ଟ୍ରୀୟ ଏକତା ଗଣତନ୍ତ୍ରର ଭିତ୍ତିଭୂମି



କିଶୋର ଚନ୍ଦ୍ର ବେହେରା



ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜ ଜୀବନକୁ ଦେଶର ସ୍ୱାଧୀନତା ପାଇଁ ଉତ୍ସର୍ଗ କରିଥିଲେ, ସ୍ୱାଧୀନତା ପରେ ପଟେଲ ନିଜ ବୁଦ୍ଧିମତା କୌଶଳ ଓ ଶକ୍ତି ବଳରେ ଦେଶକୁ ସଙ୍କଟ ପରିସ୍ଥିତିରୁ ବଞ୍ଚାଇଥିଲେ। ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବାର କୌଶଳ ପ୍ରକ୍ରିୟା ବେସ୍ ଅବଗତ ତଥା ଭାରତର ସ୍ୱାଧିନତା ସଂଗ୍ରାମରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱାପୁର୍ଣ୍ଣ। ତାଙ୍କର ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ଓ ରାଜନୈତିକ ଜୀବନ ଆଜି ମଧ ଦେଶବାସୀଙ୍କୁ ଉତ୍ସାହିତ କରୁଛି। ଭାରତର ସ୍ୱାଧୀନତା ପରେ ପ୍ରାୟ ୫୬୫ଟି ଗଡ଼ଜାତ ରାଜ୍ୟ ଥିଲା। ସେମାନେ ଭାରତରେ ମିଶିବାକୁ ନେଇ ଦ୍ୱନ୍ଦ୍ୱରେ ଥିଲେ। ପଟେଲ ଏକ ଦୃଢ଼ ରଣନୀତି ପ୍ରସ୍ତୁତ କରି ଭାରତୀୟ ସଂଘ ଅଧୀନରେ ଏହି ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ସଫଳ ହୋଇଥିଲେ ଏବଂ ଭାରତକୁ ଏକ ଶକ୍ତିଶାଳୀ ତଥା ଗଣତନ୍ତ୍ର ରାଷ୍ଟ୍ର ଭାବରେ ଗଢ଼ି ତୋଳିଥିଲେ। ଗଡ଼ଜାତ ରାଜ୍ୟମାନଙ୍କୁ ଏକତ୍ରିତ କରି ଏକତ ଡୋରିରେ ବାନ୍ଧି ରଖିବା ଅଦ୍ୟମ ସାହସିକତା ଓ ଧର୍ଯ୍ୟ ଅନୁଭବ କରି ସର୍ଦ୍ଦାର ପଟେଲଙ୍କୁ 'ଭାରତର ଲୌହ ମାନବ' ଆଖ୍ୟା ପ୍ରଦାନ କରାଯାଇଥିଲା। ଭାରତକୁ ଗଣତନ୍ତ୍ର ରାଷ୍ଟ୍ର ଭାବେ ଗଠନ କରିବାରେ ପଟେଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ କଠୋର ପରିଶ୍ରମ, ଅନୁଶାସନ ଏବଂ ଆତ୍ମନିର୍ଭରଶୀଳତା ଭଳି ଗୁଣ ପରବର୍ତ୍ତୀ ସମୟରେ ତାଙ୍କର ନେତୃତ୍ୱ ଏବଂ ସେବା ମନୋଭାବକୁ ଦର୍ଶାଇଥିଲା, ପିଲାଦିନରୁ ହିଁ ଦେଶ ପ୍ରତି ରହିଥିଲା ସମର୍ପଣ ଭାବ। ବଲ୍ଲଭଭାଇ ନିଜ ପିତା ଝାଭେରଭାଇ ପଟେଲଙ୍କଠାରୁ ପ୍ରେରିତ ହୋଇ ଦେଶପ୍ରେମର ଭାବନାରେ ମଜ୍ଜି ଯାଇଥିଲେ। ତାଙ୍କ ପିତା ଝାନସୀର ରାଣୀ ଲକ୍ଷ୍ମୀବାଈଙ୍କ ସେନାରେ ଲଢ଼ିଥିଲେ। ବାପାଙ୍କ ଏହି ଅନୁଭୂତିଗୁଡ଼ିକ ନ୍ୟାୟ, ସମ୍ମାନ ଏବଂ ନମନୀୟତା ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିଥିଲା। ଜଣେ ସାଧାରଣ ଲୋକଙ୍କ ଭିତରେ ସମର୍ଥନ ସୃଷ୍ଟି କରିବାରେ, ଅନୁଶାସନ ବଜାୟ ରଖିବାରେ ଏବଂ ଏକ ଉଦ୍ଦେଶ୍ୟର ଭାବନା ସୃଷ୍ଟି କରିବାରେ ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିଥିଲେ। ତାଙ୍କର ଦୃଢ଼ ସାଂଗଠନିକ ଦକ୍ଷତା ଏବଂ କାର୍ଯ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ କଂଗ୍ରେସ ଭିତରେ ଏକ ତୁଙ୍ଗ ସଂଗଠକ ଏବଂ ମହାତ୍ମା ଗାନ୍ଧୀଙ୍କର ଜଣେ ବିଶ୍ୱସ୍ତ ସହଯୋଗୀ କରି ଗଢ଼ି ତୋଳିଥିଲା

ଭାରତର ସାଂସ୍କୃତିକ ଐକ୍ୟ ପଶ୍ଚିମରେ ଆଫଗାନିସ୍ତାନ ଠାରୁ ଆରମ୍ଭ କରି ପୂର୍ବରେ ଚୀନ ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ବାଲି ଦ୍ୱୀପ, ଇଣ୍ଡୋନେସିଆ ପର୍ଯ୍ୟନ୍ତ ବ୍ୟାପି ରହିଥିଲା। କିନ୍ତୁ ଏହି ଭାରତ ବର୍ଷକୁ ରାଜନୈତିକ ଏକତା ପ୍ରଦାନ କରିବା ଲାଗି ଇତିହାସର ମହାନ ଶାସକ ଅଶୋକ ଏବଂ ପରେ ମୋଗଲ ସମ୍ରାଟ ଆକବର ମଧ ସମର୍ଥ ହୋଇପାରିନଥିଲେ। ଯାହାଫଳରେ ବିଭାଜିତ ଭାରତ ବର୍ଷକୁ ବାଣିଜ୍ୟ କରିବା ଲାଗି ଆସିଥିବା ଇଂରେଜମାନେ ଏହାର ଲାଭ ଉଠାଇ ସମ୍ପୂର୍ଣ୍ଣ ଭାରତ ବର୍ଷରେ ସେମାନଙ୍କର ଉପନିବେଶବାଦକୁ ପ୍ରସାରିତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବା ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବାକୁ ବାଧ ହୋଇଥିଲେ। ଏହାପରେ ଶହ ଶହ ଦେଶୀୟ, ଗଡ଼ଜାତ ରାଜ୍ୟରେ ବିଖଣ୍ଡିତ ହୋଇ ରହିଥିବା ଭାରତକୁ ଗୋଟିଏ ଭୂଖଣ୍ଡରେ ପରିଣତ କରିବାର ଗୁରୁଦାୟିତ୍ୱ ଲୌହପୁରୁଷ ସର୍ଦ୍ଦାର ପଟେଲଙ୍କୁ ମିଳିଥିଲା, ଯାହାକୁ ସେ ସଠିକ ଭାବେ ନିର୍ବାହ କରିଥିଲେ। ପଟେଲଙ୍କ ଅବଦାନ କେବଳ ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ନୁହଁ ବରଂ ସେ ଭାରତର ପ୍ରଶାସନିକ ଗଠନ ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏକ ଦୃଢ଼ କେନ୍ଦ୍ରୀୟ ପ୍ରଶାସନ ପାଇଁ ତାଙ୍କର ଦୂରଦୃଷ୍ଟି ସମ୍ପୂର୍ଣ୍ଣ ଭାରତ ସେବା ସୃଷ୍ଟି କରିଥିଲା। ଯାହାକି ଭାରତୀୟ ଶାସନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପଟେଲ ବିଶ୍ୱାସ କରୁଥିଲେ ଯେ ଜାତୀୟ ଏକତା ବଜାୟ ରଖିବା ଏବଂ ବିସ୍ତୃତ ତଥା ବିବିଧ ଦେଶରେ ସୁଶାସନ ସୁନିଶ୍ଚିତ କରିବା ପାଇଁ ଏକୀକୃତ ନାଗରିକ ସେବା ଜରୁରୀ ଅଟେ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ପ୍ରତିଷ୍ଠା ଦ୍ୱାରା ଏହି ଦର୍ଶନ ବାସ୍ତବତାରେ ପରିଣତ ହେଲା। ଦେଶ ସ୍ୱାଧୀନ ହେଲା ପଟେଲ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ହେଲେ। ଯଦି ସେ ଚାହିଁଥାନ୍ତେ ତେବେ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ କଥାକୁ ସମ୍ମାନ ଦେଇ ସେ ନିଜକୁ ପ୍ରଧାନମନ୍ତ୍ରୀ ଦୌଡ଼ଠାରୁ ବହୁତ ଦୂରରେ ରଖିଥିଲେ ଏବଂ ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ ଜାରି ରଖିଥିଲେ।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଢ଼ ବ୍ୟକ୍ତିତ୍ୱ ଏବଂ ବ୍ୟବହାରିକ ଆଭିମୁଖ୍ୟ ଜବାହରଲାଲ ନେହେରୁଙ୍କ ସମେତ ଅନ୍ୟ ଜାତୀୟ ନେତାଙ୍କ ସହ ବିବାଦ ଘେରକୁ ଆସିଥାଏ। ଅର୍ଥନୈତିକ ଏବଂ ବୈଦେଶିକ ସମ୍ପର୍କ ଭଳି ଅନେକ ପ୍ରସଙ୍ଗରେ ପଟେଲ ଏବଂ ନେହେରୁଙ୍କର ଭିନ୍ନ ମତ ଥିଲା। ନେହେରୁ ଏକ ସମାଜବାଦୀ ଭାରତର କଳ୍ପନା କରୁଥିବାବେଳେ ପଟେଲ ମିଶ୍ରିତ ଅର୍ଥନୀତି ପ୍ରତି ଆଗ୍ରହୀ ଥିଲେ। ଏହି ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ଉଭୟ ନେତା ପାରସ୍ପରିକ ସମ୍ମାନ କରୁଥିଲେ ଏବଂ ଦେଶ ସେବା କରିବାର ଲକ୍ଷ୍ୟରେ ବାନ୍ଧି ହୋଇଥିଲେ। ପଟେଲଙ୍କ ଆଦର୍ଶ ଆଜି ମଧ ପ୍ରାସଙ୍ଗିକ ରହିଛି। ତୀବ୍ର ପରିବର୍ତ୍ତନଶୀଳ ରାଜନୈତିକ ଗତିଶୀଳତାର ଯୁଗରେ, ପଟେଲଙ୍କ ଜାତୀୟ ଏକତା ଏବଂ ଅଖଣ୍ଡତା ନୀତି ଆମକୁ ସାମୁହିକ ପରିଚୟ ଏବଂ ନମନୀୟତାର ମହତ୍ୱ ବିଷୟରେ ମନେ ପକାଇଥାଏ। ଏକ ବିକେନ୍ଦ୍ରୀକୃତ ଅର୍ଥନୀତି, ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକର ସଶକ୍ତିକରଣ ଏବଂ ଦକ୍ଷ ଶାସନ ବିଷୟରେ ତାଙ୍କର ଦୃଷ୍ଟିକୋଣ ଆଧୁନିକ ନୀତି ଆଲୋଚନାରେ ମଧ ଗୁଞ୍ଜରିତ ହେଉଛି। ଏହା ବ୍ୟତୀତ, ବୈଚାରିକ ମତଭେଦକୁ ଦୂର କରିବା ଏବଂ ସହଯୋଗୀ ନେତୃତ୍ୱ ଉପରେ ଗୁରୁତ୍ୱ ଦେବାର ତାଙ୍କର ଦକ୍ଷତା ଏହା ଉପରେ ଗୁରୁତ୍ୱ ଦେଇଥାଏ ଯେ ଜାତୀୟ କଲ୍ୟାଣ ପ୍ରତି ଏକ ସାଧାରଣ ପ୍ରତିବଦ୍ଧତା ବ୍ୟକ୍ତିଗତ କିମ୍ବା ରାଜନୈତିକ ଭିନ୍ନତାକୁ ଅତିକ୍ରମ କରିପାରେ, ଯାହା ଏକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରିଥାଏ। ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାରତ ପ୍ରତି ତାଙ୍କର ଗଭୀର ପ୍ରତିବଦ୍ଧତା ମଧ ତାଙ୍କ ନୀତିର ମାର୍ଗଦର୍ଶନ କରିଥିଲା। ପଟେଲ ତାଙ୍କ ଆଭିମୁଖ୍ୟରେ ଦୃଢ଼ ଥିଲେ ଯେ ଧର୍ମ ଅନୁସାରେ ଶାସନ କରିବା ଉଚିତ ନୁହେଁ। ଯଦିଓ ନିଜେ ଜଣେ ହିନ୍ଦୁ, ତଥାପି ସେ ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିଥିଲେ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରର ଧାରଣାକୁ ଆହ୍ୱାନ କରିଥିଲେ। ବିଭାଜନ ସମୟରେ ଧାର୍ମିକ କଳହ ଦ୍ୱାରା ବିଚ୍ଛିନ୍ନ ହୋଇଥିବା ଏକ ନୂତନ ସ୍ୱାଧୀନ ଦେଶରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ରକ୍ଷା କରିବାରେ ଏହା ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଆଫଗାନ ସହିତ ମିତ୍ରତା କେତେ ସଫଳ ହେବ ?

ସୁବାସ ଷଡଙ୍ଗୀ





ପାକିସ୍ଥାନ ଓ ଆଫଗାନିସ୍ଥାନ ମଧରେ ଏବେ ଲାଗିଯାଇଛି ଦ୍ୱନ୍ଦ୍ୱ। ଘଟଣା ପଛରେ ରହିଛି ବେଲୁଚିସ୍ଥାନ। ଗୋଟିଏ ପରେ ଗୋଟିଏ ଖଣିଜ ଭଣ୍ଡାରର ଲୋଭ ଦେଖାଇ ପାକିସ୍ଥାନ ଆମେରିକା ହାତରେ ପୁରା ବେଲୁଚିସ୍ଥାନକୁ ଟେକି ଦେବାକୁ ଚାହେଁ।ତେହେରିକ-ଇ- ତାଲିବାନ ହାତରୁ ବାଲୁଚ ଛଡାଇ ଆଣିବାକୁ ପାକିସ୍ଥାନ ଏବେ ଆମେରିକାର ସାହାଯ୍ୟ ଚାହେଁ। ଏଥିପାଇଁ ସବୁ ପ୍ରକାରର ଉଦ୍ୟମ କରୁଛନ୍ତି ପାକିସ୍ଥାନର ସେନାମୁଖ୍ୟ ଅସିମ ମୁନିର। ଏମିତି ବି ହୋଇପାରେ ଆଫଗାନିସ୍ଥାନର ବାଗରାମ ବିମାନଘାଟୀ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଆମେରିକାର ରାଷ୍ଟ୍ରପତିଙ୍କୁ ମୁନିର ପ୍ରସ୍ତାବ ଦେଇଥିବେ। ହୁଏତ ପୁରୁଣା କଥା ମନେ କାଇ ଦେଇ ପାରିଥାନ୍ତି। ସେ କଥାଟି ହେଲା, ମଧ ଏସିଆ ଯାହା କବଳରେ ୟୁରେସିଆର କର୍ତ୍ତୃତ୍ୱ ତାର।

ସମ୍ପ୍ରତି ପାକିସ୍ଥାନ ଓ ଆଫଗାନିସ୍ଥାନର ସଂଘର୍ଷ ନେପଥ୍ୟରେ ଟିଟିପି ହେଉଛି ମୂଳ କାରଣ। ଏକଥା ସଫେଇ ଦେଉଛି, ପାକିସ୍ଥାନ। ଏହା ପଛରେ ତାର ଅସଲ ଅଭିସନ୍ଧି କଣ ରହିଛି? ଏମିତି ହୋଇପାରେ ବାଗରାମ ବିମାନଘାଟୀ ଦଖଲକୁ ନେବା ପୂର୍ବରୁ ହୁଏତ ଆମେରିକା ଆକଳନ କରୁଛି, ଆଫଗାନ ଶକ୍ତି ବିଷୟରେ। ଯଦି ଆମେରିକା ଆଫଗାନ ଉପରେ ଆକ୍ରମଣ କରେ, ତେବେ କେଉଁ କେଉଁ ଦେଶ ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିବେ?

ଆମେ ଜାଣିଛେ, ପାକିସ୍ଥାନ ପ୍ରଥମରୁ ଆମେରିକାର ସାହାଯ୍ୟ ପାଇ ନିଜକୁ ଶକ୍ତିଶାଳୀ କରିଛି। ଏଣୁ ବାଗରାମର ବିମାନଘାଟୀ ଦଖଲ କରିବା ପାଇଁ ଆମେରିକା ପାକିସ୍ଥାନକୁ ବ୍ୟବହାର କରିବ। ଏକଥା ତାଲିବାନର ନେତାମାନେ ଭଲଭାବରେ ଜାଣନ୍ତି। ଇତି ମଧରେ ଆଫଗାନିସ୍ଥାନର ପ୍ରତିରକ୍ଷା ବିଭାଗର ଚିଫ ଅଫ ଷ୍ଟାଫ ପ୍ରକାଶ କରିଛନ୍ତି, ଆଫଗାନ ତା ଇଲାକାର ଗୋଟିଏ ଇଞ୍ଚ ଜାଗା କାହାକୁ ଦେବ ନାହିଁ। ଏଣୁ ଆଫଗାନ ମନେ କରେ ନିକଟରେ ପାକିସ୍ଥାନ ପକ୍ଷରୁ ଯେଉଁ ହମଲା ହୋଇଥିଲା ତା ପଛରେ ଆମେରିକା ରହିଛି।ଆମେରିକାର ଏହା ପ୍ରକ୍ସି ୱାର। ଏମତି ଏକ ସମୟ ଥିଲା ଆମେରିକା ଦଖଲରେ ଥିବା ବାଗରାମ ବିମାନଘାଟୀ ଆମେରିକାର ଆଞ୍ଚଳିକ ମିଶନର ମୁଖ୍ୟ କେନ୍ଦ୍ର। କାବୁଲଠାରୁ ଚାଳିଶ କିଲୋମିଟର ଦୂରରେ ଉତରରେ ବାଗରାମ। କୌଶଳଗତ, ସାମରିକ ଓ ଭୂରାଜନୈତିକ କାରଣରୁ ବାଗରାମ ବିମାନଘାଟୀର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଟ୍ରମ୍ପ ନିଜେ କହିଛନ୍ତି, ଚୀନର ପରମାଣୁ କାରଖାନା ଯେଉଁଠାରେ ରହିଛି, ତାହା ବାଗରାମ ଠାରୁ ମାତ୍ର ଏକ ଘଣ୍ଟାର ଦୂରତ୍ୱ। ଏଣୁ ଚୀନ ଉପରେ ନଜର ରଖିବା ପାଇଁ ଆମେରିକାକୁ ବାଗରାମ ନିହାତି ଦରକାର। ପୁନଶ୍ଚ, ଆଫଗାନିସ୍ଥାନର ଖଣିଜ ପଦାର୍ଥ ଉପରେ ଆମେରିକାର ଦୃଷ୍ଟି ରହିଛି।

ବାଗରାମ ଅବସ୍ଥିତି ଏମିତି ଏକ ଜାଗାରେ, ଯେଉଁଠାରୁ ପୁରା ଏସିଆ ମହାଦେଶ ଉପରେ ନଜର ରଖାଯାଇପାରିବ। ଆମେରିକାର ବିଶେଷ ଦୃଷ୍ଟି ରହିଛି ମଧ ଏସିଆ ଉପରେ। କାରଣ ଯେଉଁ ଶକ୍ତି ମଧ ଏସିଆକୁ ନିୟନ୍ତ୍ରଣ କରିବ, ସେ ହିଁ ୟୁରେସିଆରେ ସବୁଠାରୁ ଅଧିକ ସୁବିଧା ପାଇବ। ୟୁରେସିଆ କହିଲେ ବୁଝାଯାଏ, ଏସିଆ ଓ ୟୁରୋପର ଏକ ମିଳିତ ଭୂଖଣ୍ଡ। ଆମେରିକାର ବିଶିଷ୍ଟ କୂଟନୀତିଜ୍ଞ ଜବକାନୁଭ ବ୍ରେଜନେସ୍କି ୟୁରେସିଆକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ବୋଲି ମନେ କରନ୍ତି। ଏଠାରେ କୁଆଡେ ବୃହତ ଶକ୍ତି ଚୀନ ଆମେରିକା, ଋଷିଆ ଓ ଭାରତ ନିଜର କୌଶଳ ବ୍ୟବହାର କରନ୍ତି। ଅର୍ଥାତ ୟୁରେସିଆ ହେଉଛି ବିଶ୍ୱ ଶକ୍ତିଗୁଡିକର ଭୂରାଜନୈତିକ ଖେଳର କେନ୍ଦ୍ରିୟ ମଞ୍ଚ। ବାଗରାମ ନିୟନ୍ତ୍ରଣକୁ ନେବାର ଅର୍ଥ ହେଉଛି, ୟୁରେସିଆ ଉପରେ ଆଧିପତ୍ୟ ବିସ୍ତାର କରିବା। ବାଗରାମ ଠାରୁ ପୂର୍ବରେ ପାକିସ୍ଥାନ, ଉତରରେ ଚୀନ, ଦକ୍ଷିଣରେ ଭାରତ ସବୁଅଞ୍ଚଳ ଉପରେ ନଜର ରଖାଯାଇପାରିବ।ଋଷିଆର ପ୍ରଭାବକୁ ମଧ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। ଆମେରିକା ନିୟନ୍ତ୍ରଣରେ ଯେତେବେଳେ ବାଗରାମ ଥିଲା, ସେତେବେଳେ ଋଷିଆ ଓ ଇରାନ ଏହାକୁ ବିରୋଧ କରୁଥିଲେ। ଏରୁ ଚୀନ ଏବେ ଆପଗାନିସ୍ଥାନକ ସମର୍ଥନ କରୁଛି। ଚୀନର ବିଦେଶ ମନ୍ତ୍ରୀ କହିଛନ୍ତି, ' ଆଫଗାନିସ୍ଥାନର ସ୍ୱାଧୀନତା ଏବଂ ଭୌଗଳିକ ଅଖଣ୍ଡତାକୁ ଚୀନ ସମ୍ମାନ ଜଣାଏ। ଏଣୁ ଏହାର ଭବିଷ୍ୟତ ଆଫଗାନିସ୍ଥାନର ଜନସାଧାରଣଙ୍କ ଉପରେ ଛାଡିଦିଆଯିବା ଦରକାର। ପାକିସ୍ଥାନ ଆଫଗାନ ଉପରେ ଆକ୍ରମଣ କରିବା ସମୟରେ ଚୀନ ତାକୁ ସାହାଯ୍ୟ କରି ନଥିଲା। ଏବେ ପାକିସ୍ଥାନ ଆମେରିକା ସହିତ ହାତ ମିଶାଇଛି। ଏହା ଚୀନକୁ କ୍ଷୁବ୍ଧ କରିଛି। ଟିଟିପି ବା ଆଫଗାନ ସନ୍ତ୍ରାସବାଦ ଦମନ ନାମରେ ଯେକୌଣସି ସମୟରେ ଆମେରିକା ହୁଏତ ଆଫଗାନ ଉପରେ ଆକ୍ରମଣ କରିପାରେ। ଭାରତକୁ ନିଜ ପଟକୁ ଆଣିବା ପାଇଁ ଏବେ ଆମେରିକା ଭାରତ ଉପରେ ଚାପ ସୃଷ୍ଟି କରୁଛି। ପାକର ଅଭିଯୋଗ ହେଉଛି ଆଫଗାନିସ୍ଥାନରେ ତାଲିବାନମାନେ କ୍ଷମତାକୁ ଆସିବା ପରେ ଟିଟିପି ସହ ଅନ୍ୟ ସନ୍ତ୍ରାସବାଦୀଙ୍କ କାର୍ଯ୍ୟକଳାପ ପାକିସ୍ଥାନରେ ବଢ଼ିଛି। ଆଫଗାନ ସେମାନଙ୍କ ମଦତ କରୁଛି। ମାତ୍ର ଆଫଗାନ ସରକାର ଏହାକୁ ବିରୋଧ କରିଛନ୍ତି। ବରଂ ଏଥିପାଇଁ ପାକିସ୍ଥାନ ଦାୟି ବୋଲି ପାଲଟା ଅଭିଯୋଗ କରୁଛି। ଏଠାରେ ଗୋଟାଏ କଥା ମନେ ପକାଇ ଦିଆଯାଇପାରେ, ନବେ ଦଶକରେ ତାଲିବାନର ଉତଥାନ ପଛରେ ପାକିସ୍ଥାନର, କ ବଡ ହାତ ଥିଲା। ଏମିତିକି ତାଲିବାନ କ୍ଷମତାକୁ ଆସିବା ପଛରେ ପାକିସ୍ଥାନ ଥିଲା ଓ ତାଲିବାନ ସରକାରଙ୍କୁ ପ୍ରଥମେ ସ୍ୱକୃତୀ ଦେଇଥିଲା। ୨୦୦୧ରୁ ୧୧ ମସିହା ମଧରେ ଆମେରିକା ସେଠାରେ ସନ୍ତ୍ରାସବାଦୀମାନଙ୍କ ଦମନ କରିବା ପରେ ଆମେରିକାର ଚାପରେ ପାକିସ୍ଥାନ ଚୁପ ରହିଥିଲା।

୨୦୨୧ ମସିହାରେ ଆଫଗାନଠାରୁ ଆମେରିକା ସେନା ପ୍ରତ୍ୟାହାର କରିନେବା ପରେ ତାଲିବାନ ମାନଙ୍କ ଉତଥାନ ହୋଇଥିଲା। ପାକିସ୍ଥାନ ମନେ କଲା, ଏଇ ପଡୋଶୀ ଦେଶ ସହିତ ବନ୍ଧୁତା ବେଶୀଦିନ ନୁହେଁ। ଆଫଗାନ ତାଲିବାନ ଓ ପାକିସ୍ଥାନ ତାଲିବାନ ଦୁଇଟି ଭିନ୍ନ ସଙ୍ଗଠନ ହେଲେ ମଧ, ସେମାନଙ୍କର କାମ କିନ୍ତୁ ଏକ।

୨୦୨୧ ମସିହା ପରଠାରୁ ପାକିସ୍ଥାନ ସହିତ ଆଫଗାନର ସମ୍ପର୍କ ଖରାପ ହୋଇ ଚାଲିଛି। କିନ୍ତୁ ଭାରତ ସହିତ ଆଫଗାନିସ୍ଥାନର ସମ୍ପର୍କ ଭଲ ରହିଛି। ଦରକାର ବେଳେ ଭାରତ ବନ୍ଧୁତାର ହାତ ବଢ଼ାଉଛି। ଗତବର୍ଷ ଡିସେମ୍ବର ପର୍ଯ୍ୟନ୍ତ ପଚାଶ ହଜାର ଟନରୁ ଅଧିକ ଗହମ ତିନିଶହ ଟନର ଔଷଧ ଓ ଅନ୍ୟାନ୍ୟ ସହଯୋଗ ଦେଇଛି। ବହୁ ଉନ୍ନୟନ କାମର ବୈଷୟିକ ସହଯୋଗ କରୁଛି। ଏବେ ତାଲିବାନର ବିଦେଶ ମନ୍ତ୍ରୀ ଭାରତ ଆସିଥିଲେ। ଚାରିବର୍ଷ ପୂର୍ବେ ଆମେରିକା ସମର୍ଥିତ ସରକାରକୁ ଗାଦିଚ୍ୟୁତ କରି ତାଲିବାନ ପୁଣିଥରେ ଆଫଗାନ ଶାସନ ନିୟନ୍ତ୍ରଣକୁ ନେଇଛି। ଏଣୁ ଏଭଳି ଅବସ୍ଥା ଦେଖାଦେଇଛି। ଆମେରିକା କଣ କରିବ, ତା ଉପରେ ସଭିଙ୍କ ନଜର। ଆମେରିକା ନିଜେ ଆକ୍ରମଣ କରିବ ନା ପାକିସ୍ଥାନ ମାଧମରେ ଯୁଦ୍ଧ କରିବ?

ମୋବାଇଲ୍: ୯୪୩୯୬୫୨୩୨୨

# ‘ମୋନ୍ଥା’କୁ ଧୈର୍ଯ୍ୟ ସହକାରେ ମୁକାବିଲା ପାଇଁ ଆହ୍ୱାନ



**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ‘ମୋନ୍ଥା’ ଭୀଷଣ ବାତ୍ୟା ରୂପ ନେଇ ଆସନ୍ତାକାଲି ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ପବନ ସହିତ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି। ମୋନ୍ଥା ବାତ୍ୟା ପ୍ରଭାବରେ ବିଶେଷ ଭାବେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଂଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ସମେତ ରାଜ୍ୟର ଅନ୍ୟ ଜିଲ୍ଲା ମଧ୍ୟ ପ୍ରଭାବିତ ହେବ। ଏହି ସମୟରେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶାବାସୀଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ପରାମର୍ଶ ଦେଇଛନ୍ତି।

ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିଜେପି କାର୍ଯ୍ୟକର୍ତ୍ତାମାନେ ସମ୍ପୂର୍ଣ୍ଣ ସେବା ଓ ସମର୍ପଣ ମନୋଭାବ ସହ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ସାମିଲ ହେବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବାତ୍ୟା ସମୟରେ ଜିରୋ କାଜୁଆଲିଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ସେବା, ସହାୟତା, ରିଲିଫ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ବାତ୍ୟା ପୂର୍ବରୁ ଜନସାଧାରଣ ଓ ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

## ସେମିରୁ ବାଦ୍ ପଡ଼ିଲେ ପ୍ରତୀକା ; ଖେଳିବେ ଶେଫାଳୀ ବର୍ମା



**ନୂଆଦିଲ୍ଲୀ,୨୭।୧୦ :** ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା। ଆହତ ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ ସେମିଫାଇନାଲ୍ ଫାଇଟ୍‌ରୁ ବାଦ୍ ପଡ଼ିଲେ ଟିମ୍ ଇଣ୍ଡିଆର ଷ୍ଟାର ଓପନର ପ୍ରତୀକା ରାୱଲ। ବର୍ତ୍ତମାନ ତାଙ୍କ ସ୍ଥାନରେ ଶେଫାଳୀ ବର୍ମା ଦଳରେ ସାମିଲ୍ ହୋଇଛନ୍ତି। ଏନେଇ ସୋମବାର ବିସିସିଆଇର ଅନୁରୋଧକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅନୁମୋଦନ ଦେଇଛି। ଗତକାଲି ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ପ୍ରତୀକା ଆହତ ହୋଇଥିଲେ। ବାଂଲାଦେଶୀ ବ୍ୟାଟର ଶର୍ମିନ୍ ଆକ୍ତର ମିଡ୍‌ୱିକେଟ୍ ଆଡକୁ ବଲ୍ ମାରିଥିଲେ। ଆଉ ପ୍ରତୀକା ବଲ୍ ଅଟକାଇବାକୁ ଦୌଡ଼ିଥିଲେ। ବାଉଣ୍ଡରୀ ରୋପ୍ ଦେଇ ସ୍ଲାଇଡ୍ କରିବାକୁ ଚେଷ୍ଟା କରିଥିବା ବେଳେ ତାଙ୍କ ଡାହାଣ ପାଦ ହଠାତ୍ ଅସ୍ୱାଭାବିକ ଭାବେ ମୋଡ଼ି ହୋଇଯାଇଥିଲା। ତାଙ୍କ ହୋଇଠି ଓ ଆଣ୍ଠୁରେ ଆଘାତ ଲାଗିଥିଲା। ଏହାପରେ ତାଙ୍କୁ ମ୍ୟାଚ୍‌ରୁ ହଟାଇ ଦିଆଯାଇଥିଲା। ଫଳରେ ସେ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିବା ଭୟ ଘାରିଥିଲା। ସତକୁ ସତ ତାହା ହିଁ ହୋଇଛି। ସେପଟେ ଅକ୍ଟୋବର ୩୦ ତାରିଖରେ ଭାରତ ଅଷ୍ଟ୍ରେଲିଆ ସହିତ ସେମିଫାଇନାଲ ଖେଳିବ। ଏଥିପାଇଁ ଦଳରେ ଶେଫାଳୀ ବର୍ମାଙ୍କୁ ସାମିଲ୍ କରିବାକୁ ବିସିସିଆଇ ଆଇସିସିକୁ ଅନୁରୋଧ କରିଥିଲା। ସୋମବାର ଆଇସିସି ଏହାକୁ ଅନୁମୋଦନ ଦେଇଛି। ଫଳରେ ଶେଫାଳୀ ବର୍ମା ବିଶ୍ୱକପ୍ ଟିମ୍‌ରେ ଫେରିବା ପକ୍କା ହୋଇଛି। ତେବେ ଚିନ୍ତାର ବିଷୟ ହେଉଛି ପାଖାପାଖି ବର୍ଷେ ହେବ ଶେଫାଳୀ ବର୍ମା ଟିମ୍ ଇଣ୍ଡିଆ ପାଇଁ ଦିନକିଆ ମ୍ୟାଚ୍ ଖେଳି ନାହାନ୍ତି। ଶେଷଥରେ ପାଇଁ ସେ ଅକ୍ଟୋବର ୨୦୨୪ରେ ଦିନକିଆ ମ୍ୟାଚ୍ ଖେଳିଥିଲେ।

## ଆଇସିୟୁରେ ଶ୍ରେୟସ ଆୟର

**ମୁମ୍ବାଇ ୨୭।୧୦ :** ଟିମ୍ ଇଣ୍ଡିଆର ଉପ-ଅଧିନାୟକ ତଥା ମିଡିଲ ଅର୍ଡର ବ୍ୟାଟସମ୍ୟାନ୍ ଶ୍ରେୟସ ଆୟର ଅଷ୍ଟ୍ରେଲିଆ ସ୍ଥିତ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନକିଆ ମ୍ୟାଚ୍ ବେଳେ ଆହତ ହୋଇଥିଲା ଶ୍ରେୟସ। ଆଉ ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଖେଳିବା ନେଇ ସନ୍ଦେହ ଉପୁଜିଛି। ନିକଟରେ ଅଷ୍ଟ୍ରେଲିଆ-ଭାରତ ମଧ୍ୟରେ ଦିନକିଆ ସିରିଜ୍ ସରିଛି। ଯେଉଁଥିରେ ତୃତୀୟ ଦିନକିଆର ମ୍ୟାଚ୍ ବେଳେ ଏକ କ୍ୟାଚ୍ ଧରିବାକୁ ଯାଇ ଆହତ ହୋଇଥିଲେ ଉପ-ଅଧିନାୟକ ଶ୍ରେୟସ ଆୟର। ଏପିରିକି ସେ କ୍ୟାଚ ଧରିବା ବେଳେ ଛାତି ଭୂଇଁରେ ମାଡ଼ ହୋଇଥିଲା। ଯାହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଆରୁ ବାହାରକୁ ନିଆଯାଇଥିଲା। ଶ୍ରେୟସଙ୍କ ଅବସ୍ଥା ଗୁରୁତର ଥିବାରୁ ବର୍ତ୍ତମାନ ତାଙ୍କୁ ଆଇସିୟୁ ରଖାଯାଇଛି। ସେଠାରେ ୨ରୁ ୭ ଦିନ ରଖାଯିବ। ଡାକ୍ତରୀ ଟିମ୍ ଲଗାତର ଭାବେ ଶ୍ରେୟସଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୭ରେ ଦିନକିଆ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ ଶ୍ରେୟସ ଆୟର।

■ ଝାଡୁଦାର ଚାକିରି ଠକେଇ ମାମଲା

## ବିଷ ପିଇଥିବା ମହିଳାଙ୍କ ମୃତ୍ୟୁ

**ସମ୍ବଲପୁର, ୨୭।୧୦ (ସଂଚାର ବ୍ୟୁରୋ) :** ଝାଡୁଦାର ଚାକିରି ପାଇଁ ମିଛ ନିଯୁକ୍ତିପତ୍ରରେ ମିଛ ଚାକିରି ମାମଲା। ଠକଙ୍କ ପାଇଁ କାମ କରିଥିବା ସ୍ୱର୍ଣ୍ଣପ୍ରଭାଙ୍କ ମୃତ୍ୟୁ। ମହିଳା ଜଣକ ଶତାଧିକ ଲୋକଙ୍କ ଠାରୁ ଟଙ୍କା ଆଣି ଅଭିଯୁକ୍ତଙ୍କ ଦେଇଥିଲେ। ହେଲେ ଘଟଣା ଜଣାପଡ଼ିବାରେ ସ୍ୱର୍ଣ୍ଣପ୍ରଭା ବିଷ ପିଇଦେଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନାଥାଉକି, ଘଟଣାରେ ଗିରଫ କ୍ଷେତରାଜପୁର ବଡ଼ବଜାର ଅଞ୍ଚଳର ସମ୍ରାଟ ରାୟ ଓରଫ୍ ରାହୁଲ୍ ଏବଂ ବୁର୍ଲା ସାତୁପାଲିର ପଦ୍ମାବତୀ ତାଣ୍ଡି ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଜିଲ୍ଲାର ପ୍ରାୟ ୨୦୦୦ ହଜାର ଚାକିରି ଆଶାୟୀଙ୍କଠାରୁ ୨ କୋଟି ଟଙ୍କା ଚଳୁ କରିଥିଲେ। ଏଥିପାଇଁ ସେମାନେ ଅନେକ ଏଜେଣ୍ଟଙ୍କୁ କାମ ରଖିଥିଲେ। ଏହି ଏଜେଣ୍ଟମାନେ ମଧ୍ୟ ମଧ୍ୟ ମିଛ ଚାକିରିର ଟେର୍ ପାଉ ନ ଥିଲେ। ଘଟଣା ଜଣାପଡ଼ିବା ପରେ ଏହି ବଣ୍ଟି- ବବଲି ଯୋଡ଼ିକୁ ଗିରଫ କରିଛି ସମ୍ବଲପୁର ପୁଲିସ୍ । ସେମାନଙ୍କ ଠାରୁ ୬୨ ଲକ୍ଷ ଟଙ୍କା, ୨ଟି ମୋବାଇଲ୍, ୨ଟି ଚାରି ଚକିଆ ଗାଡ଼ି, ମାଲମାଳ ଆଧାରକାର୍ଡ, ବ୍ୟାଙ୍କ ଖାତା ଏବଂ ଫଟୋ ଜବତ କରାଯାଇଛି। ଏମାନେ ନିଯୁକ୍ତି ମେଳା ଆୟୋଜନ କରୁଥିଲେ। ଏଥିରେ ବହୁ ଲୋକ ସାମିଲ ହେଉଥିଲେ। ପରେ ସେହି ଅଞ୍ଚଳରେ ସଫେଇ କାମରେ ନିୟୋଜିତ କରୁଥିଲେ ।

● ପଶ୍ଚିମ ଓଡ଼ିଶା ଇଣ୍ଟର ସ୍କୁଲ୍ ବ୍ୟାଡମିଣ୍ଟନ୍

## ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍, ସମ୍ବଲପୁର ଚାମ୍ପିଅନ



**ସମ୍ବଲପୁର,୨୭।୧୦(ସଂଚାର ବ୍ୟୁରୋ):** କ୍ଷେତରାଜପୁର-ରେମେଡ୍ ରୋଡ୍ ସ୍ଥିତ ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍‌ର ଅଣ୍ଡର-୧୪ ଛାତ୍ରୀମାନଙ୍କ ବ୍ୟାଡମିଣ୍ଟନ୍ ଟିମ୍ ସହୋଦୟ କମ୍ପ୍ଲେକ୍ସ ପଶ୍ଚିମ ଓଡ଼ିଶା ଇଣ୍ଟର ସ୍କୁଲ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଫାଇନାଲ୍ ମ୍ୟାଚ୍‌ରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ସମ୍ବଲପୁରକୁ ୨୧-୮ ଏବଂ ୨୧-୧୩ ପଏଣ୍ଟରେ ପରାସ୍ତ କରି ପ୍ରଥମ ସ୍ଥାନ ହାସଲ କରି ବିଜେତା ଟ୍ରଫି ଜିତିଛି ।

ଏହି ପ୍ରତିଯୋଗିତା ୨୫ ଅକ୍ଟୋବର ୨୦୨୫ ରେ ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଥିଲା, ଯେଉଁଥିରେ ସହୋଦୟ ଗ୍ରୁପ୍ ପଶ୍ଚିମ ଓଡ଼ିଶାର ମୋଟ୍ ୨୩ ଟି ସ୍କୁଲର ଟିମ୍ ଭାଗ ନେଇଥିଲେ । ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍ ଟିମ୍‌ରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ବଂଶିକା ବଂଶଲ୍, ଅନିକା ଜୈନ୍, ମାନବୀ ପନ୍ସାରୀ ଏବଂ ସମୃଦ୍ଧି ଗୁପ୍ତା ସାମିଲ୍ ଥିଲେ । ଚାରି ଖେଳାଳି ନିଜର ବୁଦ୍ଧିମତ୍ତା ଓ କୌଶଳର ପରିଚୟ ଦେଇ ଦମଦାର ଖେଳ ପ୍ରଦର୍ଶନ କରିଥିଲେ ଏବଂ ସେମିଫାଇନାଲ୍ ଏବଂ ଫାଇନାଲ୍ ଉଭୟ ମ୍ୟାଚ୍‌ରେ ନିଜ ପ୍ରତିଦ୍ୱନ୍ଦ୍ୱୀ ଟିମ୍‌କୁ କଡ଼ା ଚ୍ୟାଲେଞ୍ଜ ଦେଇ ଏହି ସଫଳତା ହାସଲ କରିଥିଲେ ।ଏହି ସଫଳତା କେବଳ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିନାହିଁ ବରଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖେଳ ପ୍ରତି ଉତ୍ସାହ ଓ ଆଗ୍ରହକୁ ମଧ୍ୟ ବଢ଼ାଇଛି । ବିଦ୍ୟାଳୟର ଏହି ସଫଳତା ପାଇଁ ଚେୟାରପର୍ସନ୍ ଶ୍ରୀମତୀ ସୁମନ ଡାଲମିଆ, ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେଶବ ଡାଲମିଆ ଏବଂ ପ୍ରିନ୍ସିପାଲ୍ ଶ୍ରୀ ସଚିନ୍ ପାଠକ ଛାତ୍ରୀମାନଙ୍କୁ ବିଶେଷ ପ୍ରଶଂସା କରି ଅଭିନନ୍ଦନ ଜଣାଇଛନ୍ତି। ସେମାନେ ଛାତ୍ରୀମାନଙ୍କ ଅଭିଭାବକ ଏବଂ ଖେଳ ପ୍ରଶିକ୍ଷକଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଏହିପରି ସଫଳତା ହାସଲ କରି ଆଗକୁ ବଢ଼ିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

● ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ଟାଇଟନ୍ସ ଚାମ୍ପିଅନ, ସିଡିଏ ଲାୟନ୍ସ ରନର୍ସ




**ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ଘାଟିକିଆ ହାଇସ୍କୁଲ ପଡିଆରେ ଚାଲିଥିବା ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ-୨୦୨୫ ଟୁର୍ଣ୍ଣାମେଣ୍ଟରେ ଟାଇଟନ୍ସ ଚାମ୍ପିଅନ ହୋଇଛି। ପ୍ରତିଯୋଗିତାର ଫାଇନାଲ ଟାଇଟନ୍ସ ଓ ସିଡିଏ ଲାୟନ୍ସ ମଧ୍ୟରେ ଖେଳାଯାଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ୱିକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ ଓଭରରେ ମାତ୍ର ୩ ୱିକେଟ ହରାଇ ବେଶ୍ ସହଜରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଓ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରତିଯୋଗିତାର ଲିଗ ମ୍ୟାଚ୍‌ଗୁଡ଼ିକ ୮ ଓଭର ବିଶିଷ୍ଟ ହୋଇଥିବା ବେଳେ ଏଥିରେ ଟେନିସ ବଲ୍‌ର ଉପଯୋଗ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ମଧ୍ୟରେ ୨୭ଟି ମ୍ୟାଚ ଖେଳାଯାଇଥିଲା। ପ୍ରତିଯୋଗିତା ପାଇଁ ମୋଟ ପୁରସ୍କାର ରାଶି ୬ ଲକ୍ଷ ୫୦ ହଜାର ଟଙ୍କା ରହିଥିଲା। ଏଥିରୁ ଚାମ୍ପିଅନ ଟିମ୍‌କୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଟଙ୍କା ଓ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିବା ଖେଳାଳିଙ୍କୁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦ ମ୍ୟାଚ୍ ସହ ପରାଜିତ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ବି ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

## ଚେନ୍ନାଇରେ ଓଡ଼ିଆ ଦାଦନଙ୍କ ଆତ୍ମହତ୍ୟା

● କେନ୍ଦୁଝରର କଲଣ୍ଡା ଗାଁରେ ଶୋକର ଛାୟା

**କେନ୍ଦୁଝର, ୨୭।୧୦ (ସଂଚାର ବ୍ୟୁରୋ):** ଦାଦନ ଦୁଃଖର ଦାରୁଣ ଦାରୁଣ ଚିତ୍ର ପୁଣି ଥରେ ସାମ୍ନାକୁ ଆସିଛି। ରୋଜଗାର ଆଶାରେ ସୁଦୂର ତାମିଲନାଡୁ ଯାଇଥିବା ଜିଲ୍ଲା ସଦର ବ୍ଲକ ପର୍ଜୁନପୁର ପଞ୍ଚାୟତର କଲଣ୍ଡା ଗ୍ରାମର ଜଣେ ଯୁବକ ସେଠାରେ ଆତ୍ମହତ୍ୟା କରିଥିବା ଖବର ମିଳିଛି। ମୃତକ ହେଉଛନ୍ତି କଲଣ୍ଡା ଗ୍ରାମର ରାଜେନ୍ଦ୍ର ମହାକୁଡ଼ (୩୦)। ଏହି ଖବର ପରେ କଲଣ୍ଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ରାଜେନ୍ଦ୍ର ମହାକୁଡ଼ ଅର୍ଥ ରୋଜଗାର ପାଇଁ ଗ୍ରାମର କିଛି ସାଙ୍ଗଙ୍କ ସହିତ ଚେନ୍ନାଇ ଯାଇ ସେଠାରେ ଏକ ଲୁଗା ଫ୍ୟାକ୍ଟିରେ ଶ୍ରମିକ ଭାବେ କାମ କରୁଥିଲେ। ଗତକାଲି ରାତିରେ କୌଣସି କାରଣବଶତଃ ରାଜେନ୍ଦ୍ର ତାଙ୍କ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ସାଙ୍ଗମାନେ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଜେନ୍ଦ୍ରଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ଶବକୁ ନିକଟସ୍ଥ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖିଛି। ତେବେ ରାଜେନ୍ଦ୍ର କେଉଁ କାରଣରୁ ଏପରି ଚରମ ପଦକ୍ଷେପ ନେଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦାଦନ ଶ୍ରମିକମାନଙ୍କ ମଧ୍ୟରେ କାର୍ଯ୍ୟଭାର, ଅର୍ଥ ଅଭାବ, କିମ୍ବା ମାନସିକ ଚାପ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଚେନ୍ନାଇରେ ଉପସ୍ଥିତ ଥିବା ରାଜେନ୍ଦ୍ରଙ୍କ ଅନ୍ୟ ସାଙ୍ଗମାନେ ଏବେ ଅସହାୟ ଅବସ୍ଥାରେ ଅଛନ୍ତି। ସେମାନେ ନିଜସ୍ୱ ଉଦ୍ୟମରେ ଶବକୁ ଓଡ଼ିଶା ଫେରାଇ ଆଣିବାରେ ଅସମର୍ଥ ହେବାରୁ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। କଲଣ୍ଡା ଗ୍ରାମବାସୀ ଏବେ ଶବକୁ ଫେରାଇ ଆଣିବାକୁ ଆକୁଳତାର ସହ ଜିଲ୍ଲା ପ୍ରଶାସନର ସହଯୋଗକୁ ଅପେକ୍ଷା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଜେଆଇ...

ବାସିନ୍ଦା ହୋଇଥିବା ବେଳେ ତାଙ୍କ ବାଲ୍ୟ ଜୀବନ ଏକ ମଧ୍ୟବିତ୍ତ ପରିବାରରେ କଟିଥିଲା। ୧୯୮୪ରେ ସେ ରୋହତକସ୍ଥିତ ମହର୍ଷି ଦୟାନନ୍ଦ ୟୁନିଭର୍ସିଟିରୁ ଆଇନ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଉକ୍ତ ବର୍ଷ ସେ ହିସାର ଜିଲ୍ଲା କୋର୍ଟରେ ଓକିଲ ଭାବେ ପ୍ରାକ୍ଟିସ୍ ଆରମ୍ଭ କରିଥିବା ବେଳେ ୧୯୮୫ରେ ପଞ୍ଜାବ ଓ ହରିଆଣା କୋର୍ଟକୁ ବଦଳି ହୋଇଥିଲେ। ଜଣେ ଆଇନଜ୍ଞ ଭାବେ ତାଙ୍କର ସାମ୍ବିଧାନିକ, ସେବା ଓ ଦେୱାନୀ ଆଇନରେ ବେଶ୍ ଅଭିଜ୍ଞତା ରହିଛି। ସେ ଗତ ୨୦୧୯ରେ ସୁପ୍ରିମ୍‌କୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ ଆସନ୍ତା ୨୦୨୭ରେ ଅବସର ଗ୍ରହଣ କରିବେ।

## ଛନକା...

ମୋଦି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ରାଜ୍ୟର ଆଇଟି ମନ୍ତ୍ରୀ ନାରା ଲୋକେଶଙ୍କୁ ନିୟମିତ ଭାବେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ) ସହ ଯୋଗାଯୋଗ ରଖିବାକୁ କୁହାଯାଇଛି। ସେହିପରି ଶୂନ୍ୟ ଜୀବନହାନୀ ସୁନିଶ୍ଚିତ କରିବା ସକାଶେ ଆନ୍ଧ୍ର ପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳରୁ ୫୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ଆସନ୍ତାକାଲି ସକାଳେ ଗଭୀର ଅବପାତ ଭୟଙ୍କର ରୂପ ନେଇ ଭୀଷଣ ବାତ୍ୟାରେ ପରିଣତ ହେବ। ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ବ୍ୟତୀତ ତାମିଲନାଡୁ ଓ କେରଳ ମଧ୍ୟ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହେବେ।

ତେବେ ଓଡ଼ିଶାରେ ଏହି ବାତ୍ୟା ପହଞ୍ଚିବା ବେଳକୁ ଦୁର୍ବଳ ହୋଇଯିବ ବୋଲି ଆଜି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ତାଙ୍କ କହିବା କଥା ଯେ ଲ୍ୟାଣ୍ଡଫଲ୍ ସମୟରେ ଭୀଷଣ ରୂପ ନେବାକୁ ଥିବା ମୋନ୍ଥା ଦକ୍ଷିଣ ଓଡ଼ିଶା ଦେଇ ଛତିଶଗଡ଼କୁ ଯିବ। ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି। ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ କୋରାପୁଟ ଓ ଗଜପତିରେ ସାଧାରଣ ଭାବେ ବର୍ଷା ହେଉଥିବା ବେଳେ ଅନ୍ୟ ୬ଟି ଜିଲ୍ଲାରେ ପାଗ ମେଘୁଆ ରହିଛି। ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ହେବା ସହ ୨୯ ଓ ୩୦ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇପାରେ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ତେବେ ବାତ୍ୟା ‘ମୋନ୍ଥା’ ଓଡ଼ିଶାରେ ପହଞ୍ଚିବା ବେଳକୁ ଏହା ଦୁର୍ବଳ ହୋଇଯିବ। ଏହି ସମୟରେ ଦକ୍ଷିଣ ଓଡ଼ିଶାରେ ପବନର ବେଗ ଘଣ୍ଟା ପ୍ରତି ୭୦ କିମି ପର୍ଯ୍ୟନ୍ତ ରହିବ। ତେବେ ଆସନ୍ତାକାଲି ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ବାତ୍ୟାର ପ୍ରଭାବ ଅଧିକ ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ସଦ୍ୟ ସୂଚନାନୁସାରେ, ମୋନ୍ଥା ଗୋପାଳପୁରଠାରୁ ୭୯୦ କିମି ଦୂରରେ ରହିଥିବା ବେଳେ କାକିନାଡ଼ାଠାରୁ ୬୨୦ କିମି ଦୂରରେ ରହିଛି। ଲ୍ୟାଣ୍ଡଫଲ୍ ସମୟରେ କାକିନାଡ଼ାଠାରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୧୦୦ କିମି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ଅଦ୍ୟାବଧି ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରହିଛି। ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରତିଷେଧକମୂଳକ ବ୍ୟବସ୍ଥା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ଦୁଇ ଦିନ ଅର୍ଥାତ୍ ୨୮ ଓ ୨୯ ତାରିଖରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି।

## ଜିରୋ...

ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ଜିରୋ କାଜୁଆଲିଟି। ତେଣୁ ଏହାକୁ ସୁନିଶ୍ଚିତ କରିବା ସକାଶେ ବାତ୍ୟା ପ୍ରସ୍ତୁତି ନେଇ ତଟରକ୍ଷୀ ବାହିନୀ ସହ ଆଲୋଚନା ହୋଇଛି। ସମୁଦ୍ର ଭିତରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବେ କୂଳକୁ ଆଣିବା ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ଦଳ ମୁତୟନ ହୋଇଛନ୍ତି। ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଛନ୍ତି ଯେ ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହ ବାତ୍ୟା ପୂର୍ବପ୍ରସ୍ତୁତି ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଇଛି। ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପୂର୍ବାନୁମାନ ତୁଳନାରେ ବାତ୍ୟାର ପ୍ରଭାବ ଯଥେଷ୍ଟ କମ ରହିବ। ଏଣୁ ଏନେଇ କେହି ବି ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ନୀଳ...

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବନ୍ଦର ଶିଳ୍ପର ବିକାଶ ପାଇଁ ଥିବା ସୁଯୋଗ ଏବଂ ପୂର୍ବ ତଟରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତିର ବ୍ୟାବସାୟିକ ଲାଭ ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟ ସରକାର ଓଡ଼ିଶାରେ ଆଧୁନିକ, ଦୀର୍ଘସ୍ଥାୟୀ ଓ ବିଶ୍ୱ ବଜାର ସହ ସମତୁଲ ଇକୋ ସିଷ୍ଟମର ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଏକ ଲୋକାଭିମୁଖୀ ବନ୍ଦର ନୀତି ଓ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ବନ୍ଦର ଶିଳ୍ପରେ ଘରୋଇ ନିବେଶକଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଓଡ଼ିଶାର ନୌବାଣିଜ୍ୟ କ୍ଷମତା ଆଗାମୀ ଦିନରେ ନୂଆ ଦିଗନ୍ତ ସୃଷ୍ଟି କରିବ। ପାରଦୀପ, ଧାମରା ଓ ଗୋପାଳପୁର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଓ ବାହୁଡ଼ାରେ ମଧ୍ୟ ବନ୍ଦର ବିକାଶ କରାଯାଉଛି। ଏହାଦ୍ୱାରା ରାଜ୍ୟର ନୌବାଣିଜ୍ୟ କ୍ଷମତା ୫୦୦ ନିୟୁତ ଟନ ଅତିକ୍ରମ କରିବ। ୨୧୫୦୦ କୋଟି ବିନିଯୋଗରେ ବାହୁଡା ବନ୍ଦରର ବିକାଶ କରାଯିବ। ଏଥିସହ ୨୪୭୦୦ କୋଟି ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ପ୍ରସ୍ତୁତ ହେବ। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶାର ନୀଳ ଅର୍ଥନୀତିର ସଂଜ୍ଞା ବଦଳିଯିବ ବୋଲି ସେ କହିଥିଲେ।

ଏହି ଅବସରରେ ୫୦୦ କୋଟି ଟଙ୍କା ବିନିଯୋଗରେ ଏକ କ୍ରୁଜ ଟର୍ମିନାଲ ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଭାରତୀୟ ବନ୍ଦର ସଂଘ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ୫୦୦ କୋଟି ପୁଞ୍ଜି ନିବେଶରେ ପୁରୀରେ ଏକ ଆନ୍ତର୍ଜାତିକ ସ୍ତରର କ୍ରୁଜ ଟର୍ମିନାଲ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଓଡ଼ିଶା ମାରିଟାଇମ ମଧ୍ୟରେ ବି ଚୁକ୍ତି ହୋଇଛି। ରାଜ୍ୟରେ ନୌବାଣିଜ୍ୟ ଶିକ୍ଷା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଇଣ୍ଡିଆନ ମାରିଟାଇମ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବାହୁଡା ବନ୍ଦର ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ, ଓଡ଼ିଶା ମାରିଟାଇମ ଓ ସାଗରମାଲା ଫାଇନାନ୍ସ କର୍ପୋରେସନ ମଧ୍ୟରେ ଏମଓୟୁ ହୋଇଛି। ଏକ ବୃହତ ଜାହାଜ ନିର୍ମାଣ କ୍ଲଷ୍ଟର ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଡ଼ିଶା ମାରିଟାଇମ ବୋର୍ଡ ମଧ୍ୟରେ ଚୁକ୍ତି ହୋଇଛି। ଏଥିସହ ୯୩୮ କୋଟି ପୁଞ୍ଜି ନିବେଶରେ ଖୋର୍ଦ୍ଧାରେ ଏକ ବିସ୍କୁଟ, ମୃଦୁପାନୀୟ ଓ ଜୁସ ଫାକ୍ଟ୍ରି ପ୍ରତିଷ୍ଠା କରିବାକୁ ରିଲାଏନ୍ସ କଞ୍ଜ୍ୟୁମର ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଜୈନ ମେଟାଲ୍ସ ଗଞ୍ଜାମ ଜିଲ୍ଲାରେ ୨୧୦୦ କୋଟି ପୁଞ୍ଜି ନିବେଶରେ ଏକ ଟିଟାନିୟମ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

## ସଙ୍କୋଟ...

ଓ ବୁଢ଼ୀମା’। ପାଖରେ ଆଉ କେହି ନାହାନ୍ତି। ଆର୍ଥିକ ସ୍ୱଚ୍ଛଳ ବି ନୁହେଁ ପରିବାର। ଘର କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାରେ। ଗାଁରେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ଗାଁଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଡମିଟ କରାଇଛନ୍ତି। ଏକଥା ଆଜି ପର୍ଯ୍ୟନ୍ତ ବିଜେଡି ସଭାପତି ନବୀନ ପଟ୍ଟନାୟକ କି ପୂର୍ବତନ ଆଇଏଏସ ଅଫିସର ଭିକେ ପାଣ୍ଡିଆନଙ୍କୁ ଜଣାନଥିଲା। ତେବେ ଆଜି କୌଣସି ସୂତ୍ରରୁ ପାଣ୍ଡିଆନ ଖବର ପାଇଥିଲେ। ଆଉ ଜଣେ ସହଯୋଗୀ ଯୁବକଙ୍କ ଜରିଆରେ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ଏପରିକି ପରିବାରକୁ ସମ୍ପୃକ୍ତ ଯୁବକ ଜଣଙ୍କ ଭେଟି ଆଶ୍ୱାସନା ମଧ୍ୟ ଦେଇଛନ୍ତି। ଆଗକୁ ଚିକିତ୍ସା ପାଇଁ ଆବଶ୍ୟକ ସହଯୋଗର ପ୍ରତିଶ୍ରୁତି ବି ଦେଇଥିବା ଜଣାପଡ଼ିଛି।

## ବିହାରୀଙ୍କୁ...

ଡ୍ୟୁଟିରେ ଥିବା ୱାର୍ଡର ସିଦ୍ଧାନ୍ତ ସାହୁ କେମିତି ଡ୍ୟୁଟି ଛାଡି ଦେଢ଼ ଶହ ମିଟର ଦୂରରେ ଥିବା ମନସ୍ତତ୍ୱ ହସ୍ପିଟାଲରେ ଶୋଇ ପଡ଼ିଲା? ସେହିଭଳି ଚିଫ ୱାର୍ଡର ଭଗତ ରାମ ବି କ’ଣ କରୁଥିଲେ? ଭଗତ ରାମଙ୍କୁ ପ୍ରଶାସନିକ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାରୁ ଚୌଦ୍ୱାର ଜେଲକୁ ଅଣାଯାଇଥିଲା। ବିହାରୀ କଏଦୀଦ୍ୱୟ ଫେରାର ହେବା ପରେ ପ୍ରଥମେ ଚିଫ ୱାର୍ଡରଙ୍କୁ ସସପେଣ୍ଡ କରି ପୁଣି ସେଇ କେନ୍ଦ୍ରାପଡା ଜେଲକୁ ପଠାଇ ଦିଆଯାଇଛି। ଯେଉଁ ଚିଫ ୱାର୍ଡରକୁ ପ୍ରଶାସନିକ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାରୁ ଚୌଦ୍ୱାର ଜେଲ ଅଣାଯାଇଥିଲା, ତାଙ୍କୁ ପୁଣି କିଭଳି କେନ୍ଦ୍ରାପଡ଼ାକୁ ପଠାଗଲା, ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିଭଳି ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟ୍ ଏକାବେଳେ କିଭଳି ଛୁଟିରେ ଗଲେ? ଆଉ ସୁପରିଣ୍ଟେଣ୍ଡେଣ୍ଟ୍ ଛୁଟିରୁ ଫେରି ପୁଣି ୪୮ ଘଣ୍ଟା କୁଆଡେ ଗାଏବ ହୋଇଗଲେ? ତେଣୁ ସାଧାରଣରେ ବିହାରୀ କଏଦୀଙ୍କ ଫେରାର ଏକ ସୁଚିନ୍ତିତ ଯୋଜନାର ଅଂଶବିଶେଷ ବୋଲି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଜେଲ ଡିଜି ଚୌଦ୍ୱାର ଜେଲରୁ କଏଦୀ ଫେରାର ହେବା ନେଇ ନିଜେ ଖୋଳତାଡ଼ କରିବା ସହ ଏଭଳି କିଛି ସମ୍ବେଦନଶୀଳ ଘଟଣାର ଯାଞ୍ଚ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ନହେଲେ ଜେଲଗୁଡ଼ିକ ଆଉ ସୁରକ୍ଷିତ ହୋଇ ରହିବନି। ଏପରିକି ବିହାରୀଙ୍କ ପରି ଚୌଦ୍ୱାର ଜେଲରେ ଥିବା ଅନ୍ୟ ହାର୍ଡକୋର ଓ ଦେଶଦ୍ରୋହ ଅଭିଯୋଗରେ ଗିରଫ ଅପରାଧୀ ବି ଆଗାମୀ ଦିନରେ ଜେଲ୍‌ର ଚାରିକାନ୍ଥ ଲଙ୍ଘିବାକୁ ଡରିବେନି, ଏହା କହିବା ବାହୁଲ୍ୟ ମାତ୍ର।

## ସିବିଆଇ...

ଗୁରୁତ୍ୱାରୋପ କରିଛନ୍ତି। ଏନେଇ ଆଜି ସୁପ୍ରିମ୍‌କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ଯେଉଁଠାରେ ବି ଡିଜିଟାଲ ଆରେଷ୍ଟ ମାମଲାରେ ଏଫ୍‌ଆଇଆର ରୁଜୁ କରାଯାଇଛି, ତା’ର ସବିଶେଷ ବିବରଣୀ ମାଗିଛନ୍ତି ସୁପ୍ରିମ୍‌କୋର୍ଟ। ନିକଟରେ ଏଭଳି ଠକେଇର ଶିକାର ହୋଇଥିଲେ ହରିୟାଣାର ଜଣେ ବରିଷ୍ଠ ନାଗରିକ ଦମ୍ପତି। ଦମ୍ପତିଙ୍କ ନିକଟରୁ ୧ କୋଟି ୫ ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ତାଙ୍କ ଚିଠି ପାଇବା ପରେ ସୁପ୍ରିମ୍‌କୋର୍ଟ ନିଜ ଆଡୁ ମାମଲା ରୁଜୁ କରିବା ସହ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ ରଖିଛନ୍ତି।

ଏହି ମାମଲାର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ନ୍ୟାୟମୂର୍ତ୍ତୀ ଜୟମାଲ୍ୟ ବାଗଚୀ କହିଛନ୍ତି ଯେ ଏହି ସାଇବର ଅପରାଧର ଚେର ସୁଦୂର ମିଆଁମାର ଓ ଥାଇଲାଣ୍ଡ ପର୍ଯ୍ୟନ୍ତ ବ୍ୟାପିଛି। ଏଥିପାଇଁ ଏକ ବୃହତ୍ ଯୋଜନା ପ୍ରସ୍ତୁତ ହେବା ଦରକାର, ଯାହା ସିବିଆଇ ସୁପ୍ରିମ୍‌କୋର୍ଟରେ ଉପସ୍ଥାପିତ କରିବାର ଆବଶ୍ୟକତା ରହିଛି। କୋର୍ଟ ସିବିଆଇର ତଦନ୍ତ ପ୍ରକ୍ରିୟା ଉପରେ ନଜର ରଖିବେ। ସିବିଆଇକୁ ପୁଲିସ ମଧ୍ୟ ସମସ୍ତ ପ୍ରକାର ସହାୟତା କରିବା ସହ ସାଇବର ବିଶେଷଜ୍ଞ ଓ ସମ୍ବଳ ବି ଯୋଗାଇ ଦିଆଯିବ। ଗତ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଜିଲ୍ଲା ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧ ଲକ୍ଷ ୨୩ ହଜାର ଡିଜିଟାଲ ଆରେଷ୍ଟ ମାମଲା ରୁଜୁ କରାଯାଇସାରିଛି ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

ଅନ୍ୟପକ୍ଷରେ ନ୍ୟାସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆରପି) ୱେବ୍‌ସାଇଟ୍ ଉପଲବ୍ଧ ତଥ୍ୟ ଚକିତ କରିବା ଭଳି ରହିଛି। ଗତ ୨ ବର୍ଷ ମଧ୍ୟରେ ସାଇବର ଅପରାଧରେ ୩ ଗୁଣ ବୃଦ୍ଧି ଘଟିଛି। ଗତ ୨୦୨୨ରେ ଏଭଳି ମାମଲା ୩୯,୯୨୫ ରୁଜୁ ହୋଇଥିବା ବେଳେ ୯୧.୧୪ କୋଟି ଟଙ୍କା ଠକେଇ ହୋଇଥିଲା। ଏହା ୨୦୨୪ରେ ୧ ଲକ୍ଷ ୨୩ ହଜାର ୬୭୨ରେ ପହଞ୍ଚିଥିଲା। ସେହିପରି ଠକେଇ ଟଙ୍କାର ପରିମାଣ ମଧ୍ୟ ୨୧ ଗୁଣ ବୃଦ୍ଧି ପାଇ ୧୯୩୫.୫୧ କୋଟି ଟଙ୍କାରେ ପହଞ୍ଚିଥିଲା। ସେହିପରି ଚଳିତ ବର୍ଷର ପ୍ରଥମ ୨ ମାସ ଭିତରେ ୧୭ ହଜାର ୭୧୮ଟି ମାମଲା ରୁଜୁ ହୋଇଥିବା ବେଳେ ଗତ ଫେବୃଆରୀ ୨୮ ତାରିଖ ସୁଦ୍ଧା ସାଇବର ଅପରାଧୀମାନେ ସାଧାରଣ ଲୋକଙ୍କଠାରୁ ୨୧୦.୨୧ କୋଟି ଟଙ୍କା ଠକିନେଇଛନ୍ତି। କିନ୍ତୁ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି ସୁପ୍ରିମ୍‌କୋର୍ଟ ଅନୁମାନ କରିବା ସହ ସମସ୍ତ ରାଜ୍ୟଙ୍କୁ ନୋଟିସ୍ ଜାରି କରି ଏ ସଂକ୍ରାନ୍ତ ପ୍ରକୃତ ସଂଖ୍ୟା ନେଇ ଅବଗତ କରାଇବାକୁ ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି।

## ପୂର୍ବତନ...

ଜଗଦଲପୁରରୁ ଫେରିବା ପରେ ସନ୍ଧ୍ୟାରେ ପଦ୍ମିନୀଙ୍କ ସମେତ ମୋଟ ୫ ଜଣଙ୍କୁ ଅଚେତ ଅବସ୍ଥାରେ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ସମସ୍ତଙ୍କୁ ନିକଟସ୍ଥ କୋଟପାଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ପରେ ସେମାନଙ୍କୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିବା ପାର୍ବତୀଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ପଦ୍ମିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ ଏପରି ଅଚେତ ହେବା ପଛର ସ୍ପଷ୍ଟ କାରଣ ଜଣାପଡ଼ିନଥିଲେ ହେଁ ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

## ନୂଆପଡ଼ା...

ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରତି ଦଳର ସୋସିଆଲ ମିଡିଆ ଟିମ୍ ଦିନରାତି କାମରେ ଲାଗିଛନ୍ତି। ଏହାଛଡା ଜାତୀୟ ସ୍ତରର କିଛି ସଂସ୍ଥା ମଧ୍ୟ ସୋସିଆଲ ମିଡିଆ ପାଇଁ ଖାଦ୍ୟ ଯୋଗାଉଛନ୍ତି। ମୋଟାମୋଟି ଭାବେ ନୂଆପଡା ଲଢ଼େଇର ଭିନ୍ନ ଦୃଶ୍ୟ ରାଜଧାନୀରେ ଦେଖିବାକୁ ମିଳୁଥିବା ବେଳେ ଅନ୍ତତଃ ନଭେମ୍ବର ୧୧ ତାରିଖରେ ମତଦାନ ସରିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଆଶା କରାଯାଉଛି।

# ବଦଳିକୁ ଭୁଲିଗଲେଣି ପୁଲିସ ମୁଖିଆ

## ବର୍ଷ ପରେ ବର୍ଷ ବିତୁଛି, ଥାନାରୁ ହେଉନି କର୍ମଚାରୀଙ୍କ ବଦଳି

**କାକଟପୁର/ଅସ୍ତରଙ୍ଗ,୨୭।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଞ୍ଚାୟତ ହୋଇଥିବା ବେଳେ ଏହା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଯାଉଛି। ଯେପରିକି ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ, ସରିପୁର, କେନ୍ଦ୍ରାପଟି ଅଞ୍ଚଳ କାକଟପୁର ଥାନା ଅଞ୍ଚଳରେ ଯାଉଛି। କିନ୍ତୁ କାକଟପୁର ଥାନାରେ କିଛି କନେଷ୍ଟବଳ ଦୀର୍ଘ ଦିନ ହେବ ଗାଦି ମାଡି ବସିଛନ୍ତି।

ନିୟମ ମୁତାବକ ପ୍ରତି ୩ ବର୍ଷରେ ସରକାରୀ କର୍ମଚାରୀଙ୍କ ବଦଳି ହେବାର ନିୟମ ରହିଛି। ଚାକିରିରେ ସ୍ୱଚ୍ଛତା ବଜାୟ ରକ୍ଷା ପାଇଁ ବଦଳିକୁ ଗୁରୁତ୍ୱ ଦିଆଯାଇଛି। ମାତ୍ର ପୁରୀ ଜିଲ୍ଲା କାକଟପୁର ଥାନାରେ କିଛି ପୁଲିସ କର୍ମଚାରୀଙ୍କ କ୍ଷେତ୍ରରେ ଏହି ନିୟମ ପାଳନ କରାଯାଉନଥିବା ଅଭିଯୋଗ ହେଉଛି। ଗୋଟିଏ ଥାନାରେ କିଛି ନିର୍ଦ୍ଦିଷ୍ଟ କନେଷ୍ଟବଳ ୭ରୁ ୮ବର୍ଷ ହେବ ରହି କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପୁଲିସର ଅବହେଳା ଯୋଗୁଁ ପାଖାପାଖି ୮ବର୍ଷ ହେବ ସେମାନଙ୍କୁ ବଦଳି କରାଯାଉନାହିଁ। ଯାହାକୁ ନେଇ ଅନେକ ସମୟରେ ପୁଲିସର କାର୍ଯ୍ୟ ଶୈଳୀ ଉପରେ ସାଧାରଣ ଲୋକ ପ୍ରଶ୍ନ ଉଠାଉଛନ୍ତି।

ଏକ ବିଶେଷ ସୂତ୍ରରୁ ମିଳିଥିବା ଖବର ମୁତାବକ, ପୁରୀ ଜିଲ୍ଲା କାକଟପୁର ଥାନାରେ ଏହିପରି କିଛି କନେଷ୍ଟବଳ ରହିଛନ୍ତି। ବେଶୀ ଦିନ ଥାନାରେ ରହୁଥିବା କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ଦବଦବା ମଧ ଦେଖିବାକୁ ମିଳୁଛି। କିଛି ଅପରାଧୀ ସେମାନଙ୍କ ସାହସରେ ଅପରାଧ ସାମ୍ରାଜ୍ୟ ବଢ଼ାଇ ଚାଲିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ସେମାନେ ଚାପ ପକାଇ ନିଜ ବଦଳି ନିର୍ଦ୍ଦେଶକୁ ବନ୍ଦ କରୁଛନ୍ତି ନା ଏହା ପଛରେ ଅନ୍ୟ କିଛି ମସୁଧା ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଅଂଚଳବାସୀ ଦାବୀ କରିଛନ୍ତି ପୁରୀ ଏସ୍‌ପି ଘଟଣାକୁ ଗୁରୁତର ନେଇ କାକଟପୁର ଥାନାରେ ଦୀର୍ଘ ଦିନ ହେବ ଥିବା କନେଷ୍ଟବଳଙ୍କୁ ତୁରନ୍ତ ଅନ୍ୟ ଥାନାକୁ ବଦଳି କରିବାକୁ।

# ବାତ୍ୟା 'ମୋନ୍ଥା' ପାଇଁ ଗଞ୍ଜାମ ପ୍ରଶାସନର ସତର୍କତା

**ଗଞ୍ଜାମ,୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା "ମୋନ୍ଥା"ର ସମ୍ଭାବ୍ୟ ପ୍ରଭାବକୁ ନଜରରେ ରଖି ଗଞ୍ଜାମ ପ୍ରଶାସନ ପକ୍ଷରୁ ଉଚ୍ଚ ସତର୍କତା ଓ ପ୍ରସ୍ତୁତି ଜାରି ରହିଛି। ସମୁଦ୍ରତଟୀୟ ଏବଂ ବାତ୍ୟା ପ୍ରଭାବିତ ହେବାର ଆଶଙ୍କା ଥିବା ଅଞ୍ଚଳଗୁଡ଼ିକରେ ନିୟମିତ ନିରୀକ୍ଷଣ ସହ ସଚେତନତା ଅଭିଯାନ ତୀବ୍ର କରାଯାଇଛି। ଲୋକମାନଙ୍କ ସୁରକ୍ଷା ପାଇଁ ଉଦ୍ୟମ ବଢ଼ାଇ ଦିଆଯାଇଛି।



**ସ୍ଥାନାନ୍ତରଣ ହେଲେ ୧୪୦ ଜଣ**

**ଗାଁ ଗାଁରେ ଜଗିଛନ୍ତି ବରିଷ୍ଠ ଅଧିକାରୀ**

**ଗୁଜବ ଓ ମିଥ୍ୟା ସୂଚନାକୁ ନ ଶୁଣିବାକୁ ଅନୁରୋଧ**

ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ବିଡ଼ିଓ ଅଚ୍ୟୁତ ଯାନୀଙ୍କ ନେତୃତ୍ୱରେ ପୁଲିସ ବିଭାଗ ସହ ସମସ୍ତ ବରିଷ୍ଠ ଅଧିକାରୀ ଏହି ଜରୁରୀ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଅଞ୍ଚଳରେ ସ୍ଥାପିତ ୨୯ଟି ବାତ୍ୟା ଆଶ୍ରୟ ସ୍ଥଳୀ ସହ ଗୋଟିଏ ରେଡ଼କ୍ରସକୁ ପୂର୍ଣ୍ଣ ସଜାଗ ରଖାଯାଇଛି। ଜରୁରୀ ପରିସ୍ଥିତିକୁ ଦେଖି ପ୍ରଥମ ପର୍ଯ୍ୟାୟରେ ୧୪୦ ଜଣଙ୍କୁ ଗୋଖରକୁଡା ବାତ୍ୟା ଆଶ୍ରୟ ସ୍ଥଳୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ କରାଯାଇଛି। ସମୁଦ୍ର ଉପକୂଳିଆ ଅଞ୍ଚଳର ବାସିନ୍ଦା, ଗର୍ଭବତୀ ନାରୀ, କୋମଳମତି ଶିଶୁ ବୃଦ୍ଧ ଏବଂ ଅସହାୟ ବ୍ୟକ୍ତିମାନେ ଏଥିରେ ସାମିଲ ଅଛନ୍ତି। ସ୍ଥାନାନ୍ତରିତ ଲୋକମାନଙ୍କ ପାଇଁ ପାଣି, ବିଦ୍ୟୁତ, ସାନିଟେସନ, ଔଷଧ ଓ ଶୋଇବା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯାଇଛି। ଆଶ୍ରୟ ସ୍ଥଳୀର ଦୈନିକ ତଦାରଖ ପାଇଁ ନୋଡାଲ ଅଫିସରମାନେ ନିଯୁକ୍ତି ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଜରୁରୀ ସହଯୋଗ ପାଇଁ ଟୋଲ ଫ୍ରି ନମ୍ବର ଜାରୀ କରାଯାଇଛି। ଗୁଜବ ଓ ମିଥ୍ୟା ସୂଚନାରେ ବିଶ୍ୱାସ ନକରି ପ୍ରଶାସନ ପକ୍ଷରୁ ଜାରି ସତ୍ୟ ସୂଚନାକୁ ଅନୁସରଣ କରିବା ପାଇଁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ତହସିଲଦାର ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି। ସେହିପରି ଏନଏସି ଅଞ୍ଚଳରେ ବାତ୍ୟାକୁ ଦୃଷ୍ଟିରେ ରଖି ବାସିନ୍ଦାଙ୍କ ପାଇଁ ଗୋଟିଏ ବାତ୍ୟା ଆଶ୍ରୟ ସ୍ଥଳୀକୁ ପୂର୍ଣ୍ଣ ସଜାଗ ରଖାଯାଇଛି।

# ଦୁର୍ନୀତି ନିବାରଣ ସପ୍ତାହରେ ମଧ ଦୁର୍ନୀତିର ରେସ୍

## ଜିଲ୍ଲା ପ୍ରଶାସନ ଉପରେ ଅଭିଯୋଗ

**ଯାଜପୁର,୨୭।୧୦ (ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରଥ ଉଦଘାଟନ ହୋଇଛି। ଏହାର ଉଦଘାଟନ କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ। ଏଥିରେ ଭିଜିଲାନ୍ସ ଉପଖଣ୍ଡ ଅଧିକାରୀ ସୁଶୀଲ ଏକା, ସୂଚନାଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ରଥ ଉଦଘାଟନ ପରେ ଜିଲ୍ଲା ଭରି ଦୁର୍ନୀତି ବିରୋଧୀ ସନ୍ଦେଶ ନେଇ ପ୍ରଚାର ଆରମ୍ଭ କରିଛି।

କିନ୍ତୁ ଅନ୍ୟପଟେ, ସାଧାରଣ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି, ନିର୍ମାଣ କାମ ଓ ଟେଣ୍ଡରରେ ଦୁର୍ନୀତି ଚାଲିଥିବା ଅଭିଯୋଗ ଉଠିଛି। ଲୋକଙ୍କ ଅଭିଯୋଗ ଯୋଗ୍ୟ ଲୋକଙ୍କୁ ନିଯୁକ୍ତି ଦିଆଯାଉନି, ଅଧିକାରୀମାନେ ମୋଟା ଅଙ୍କରେ ଅବୈଧ ଟଙ୍କା ନେଇ କାମ ହେବାକୁ ଦେଉଛନ୍ତି ଏବଂ 'ଠିକା କମ୍ପାନୀମାନଙ୍କ' ମାଧମରେ ଅସତ୍ ପ୍ରକ୍ରିୟା ଚାଲୁଛି।

ସ୍ଥାନୀୟ ଜନମାନସ ମତାନୁସାରେ, ଏହିପରି ଦୁର୍ନୀତି ଓ ଅସଦାଚରଣ ରାଜ୍ୟ ସରକାରର ଛବିକୁ ଖରାପ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସରକାର ସୁଶାସନ ଓ ସ୍ୱଚ୍ଛ ପ୍ରଶାସନର କଥା କହୁଥିଲେ ମଧ ଯାଜପୁରରେ ସେଥିରେ ଦୁର୍ନୀତିର ଛାୟା ଘନାଉଛି। ଜିଲ୍ଲା ପ୍ରଶାସନର ଅଧିକାରୀ ପ୍ରତ୍ୟାଖାନ କରି କହିଛନ୍ତି ଦୁର୍ନୀତି ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତିରେ କାମ ହେଉଛି ଏବଂ ଯେଉଁଠି ଅଭିଯୋଗ ମିଳିବ ସେଠାରେ କଠୋର କାର୍ଯ୍ୟାନୁଷ୍ଠାନ ହେବ।

# ବାତ୍ୟା ମୁକାବିଲା ନେଇ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର,୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥାର ପ୍ରସ୍ତୁତିକୁ ନେଇ ସ୍ଥାନୀୟ ମିଶନ ଶକ୍ତି ହଲ ଠାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବାତ୍ୟାର ପ୍ରଭାବରେ ଆସନ୍ତା ୨୯ ଓ ୩୦ ତାରିଖକୁ ନବରଙ୍ଗପୁର ଜିଲ୍ଲାକୁ ରେଡ଼ ୱାର୍ଣ୍ଣି ଜାରି ହୋଇଥିବାରୁ ସମ୍ଭାବ୍ୟ କ୍ଷୟକ୍ଷତିକୁ ପ୍ରତିହତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେନେଇ ସମସ୍ତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାପରେ ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀରେ ବୈଠକରେ ହୋଇଥିବା ଆଲୋଚନା ଓ ନିଷ୍ପତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଜିଲ୍ଲାରେ ୧୦ଟି ବାତ୍ୟା ଆଶ୍ରୟସ୍ଥଳୀ ଥିବା ବେଳେ ପ୍ରତ୍ୟେକ ବ୍ଲକରେ ମଧ ୧୦ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଆବଶ୍ୟକ ସ୍ଥଳେ ଏହି ଆଶ୍ରୟ ସ୍ଥଳୀକୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ସ୍ଥିର ହୋଇଛି। ସେଠାରେ ସେମାନଙ୍କ ରହିବା ଓ ଖାଇବା ନେଇ ବନ୍ଦୋବସ୍ତ କରାଯାଇଥିବା ସୂଚନା ଦେଇଥିଲେ ।

ଏହାସହ ଜିଲ୍ଲାର ୧୦ଟି ବ୍ଲକରେ ୧୦ଟି ଅଗ୍ନିଶମ ବାହିନୀ ପ୍ରସ୍ତୁତ ଥିବା ବେଳେ ଆଉ ଗୋଟିଏ ଓଡ୍ରାଫ୍ ଟିମ ବଲାଙ୍ଗୀରରୁ ଆସୁଥିବା ସୂଚନା ଦେଇଥିଲେ। ଏହାସହ ଜିଲ୍ଲାରେ ୩୦୨ ଜଣ ଗର୍ଭବତୀ ମହିଳା ଚିହ୍ନଟ ହୋଇ ଥିବା ବେଳେ ବର୍ତ୍ତମାନ ସୁଦ୍ଧା୧୪୦ ଜଣଙ୍କୁ ବିଭିନ୍ନ ମା' ଗୃହ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅସନ୍ତାକାଲି ସୁଦ୍ଧା ଅନ୍ୟ ସମସ୍ତ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର କରାଯିବ ବୋଲି କହିଥିଲେ। ଏଥିସହ ଜିଲ୍ଲାର ସମସ୍ତ ଆମ୍ବୁଲାନ୍ସ ଓ ମେଡ଼ିକାଲକୁ ୨୪ ଘଣ୍ଟା ସଜାଗ ରଖାଯାଇଥିବା କହିଛନ୍ତି । ଯେଭଳି ବାତ୍ୟା ସମୟରେ କୌଣସି କ୍ଷୟକ୍ଷତି ନ ହୁଏ ସେନେଇ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ସୂଚନା ଦେଇଥିଲେ ।

# ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**ଫୁଲବାଣୀ,୨୭।୧୦ (ସଂଚାର ବ୍ୟୁରୋ):** ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୫ ବର୍ଷିଆ ନାବାଳିକାର ଦୁଷ୍କର୍ମ ମାମଲାର ବିଚାର କରି ରିତୀକ୍ ଦିଗାଲ୍ ୧୯ ବର୍ଷ, ପିତା ଲକ୍ଷ୍ମଣ ଦିଗାଲ୍, ଗ୍ରାମ-ସାଇନ୍ ପଡା, ଥାନା-ଫୁଲବାଣୀ ସଦର, ଜିଲ୍ଲା-କନ୍ଧମାଳଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ଟ୨୦,୦୦୦ଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆଉ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ । ଏଥିସହିତ ପିଡୀତାକୁ କ୍ଷତି ପୂରଣ ବାବଦକୁ ଟ୫,୦୦,୦୦୦ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ୍ ଏଡ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାତ୍ୟା ପାଇଁ ଲୋକେ ଭୟଭୀତ, ଘରକୁ ଫେରିଆସୁଛନ୍ତି ମତ୍ସ୍ୟଜୀବୀ



**କଣାସ,୨୭।୧୦ (ସଂଚାର ବ୍ୟୁରୋ):** ୧୯୯୯ ମହାବାତ୍ୟା ଏବଂ ୨୦୧୯ ସାମୁଦ୍ରିକ ଝଡ ଫନିର ଭୟାବହ ଜନସାଧାରଣଙ୍କ ମନରୁ ଲିଭିନଥିବା ବେଳେ ପୁନଶ୍ଚ ସାମୁଦ୍ରିକ ଝଡ ମନ୍ଥା ମାଡି ଆସୁଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକର ଜନସାଧାରଣ ଭୟଭୀତ ଅବସ୍ଥାରେ କାଳିପାତ କରୁଛନ୍ତି। କଣାସ ବ୍ଲକର ଜାଗୁଳେଇପଦର, କଉଡିଖିଣ, ନଈକୂଳପାଟଣା, ସରସ୍ୱତୀନଗର ଏବଂ ବିଭିନ୍ନ ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଚିଲିକାରୁ ମାଛମାରି ପରିବାର ପ୍ରତିପୋଷଣ କରୁଥିବା ବେଳେ ବାତ୍ୟା ଆସୁଥିବା ପ୍ରଚାର ହେବାରୁ ସେମାନେ ଡଙ୍ଗା ଓ ଜାଲ ଧରି ଚିଲିକାରୁ ଗ୍ରାମକୁ ଫେରିଆସୁଛନ୍ତି। ବାତ୍ୟା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସଜାଗ ଥିବା ଜଣାପଡ଼ିଛି।

# ସଚେତନତା ସପ୍ତାହରେ ସଚ୍ଚୋଟତା ଶପଥ ପାଠ



**ଖୋର୍ଦ୍ଧା,୨୭।୧୦ (ସଂଚାର ବ୍ୟୁରୋ):** ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସତର୍କତା ସଚେତନତା ସପ୍ତାହ-୨୦୨୫ର ଅଂଶ ସ୍ୱରୂପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଖୋର୍ଦ୍ଧାର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଚ୍ଚୋଟତା ଶପଥ ପାଠ କରାଇଥିଲେ। ବୈଠକରେ ଉପଜିଲ୍ଲାପାଳ (ରାଜସ୍ୱ) ନିବେଦିତା ପରିଡା, ଉପଜିଲ୍ଲାପାଳ (ବିଚାରିକ) ଅନନ୍ୟା ସୃଷ୍ଟି ଶତପଥୀ, ଉପଜିଲ୍ଲାପା (ଜରୁରୀକାଳୀନ) ଶ୍ରୀତପା ମିଶ୍ର, ଭୂମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କୁମାର ଜେନା, ସହକାରୀ କଲେକ୍ଟୋରେଟ୍, ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସୂଚନା ଦେଇଛନ୍ତି ଯେ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ କରାଯାଉଛି ଏବଂ ଏହି ସପ୍ତାହର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ କ'ଣ? ଏଡିଏମ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା କଲେକ୍ଟରଙ୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ଏଡିଏମ୍ ଶ୍ରୀ ବେଉରା ମତ ପ୍ରକାଶ କରିଥିଲେ ଯେ ପ୍ରତ୍ୟେକ ବିଭାଗର ଅଧିକାରୀଙ୍କ ପାଇଁ ସଚ୍ଚୋଟତା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହି ବୈଠକରେ କଲେକ୍ଟରଙ୍କ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ମାନସ କୁମାର ବ୍ରହ୍ମା ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ନଭେମ୍ବର ୫ରୁ ପୀରଜାହାନିଆ ବାଲିଯାତ୍ରା




## ସମୁଦ୍ର ସ୍ନାନ ପ୍ରତି ନଜର ରହିବ

**କାକଟପୁର/ଅସ୍ତରଙ୍ଗ,୨୭।୧୦ (ସଂଚାର ବ୍ୟୁରୋ):** ଐତିହାସିକ ପୀରଜାହାନିଆ ବାଲିଯାତ୍ରା ଚଳିତ ବର୍ଷ ନଭେମ୍ବର ୫ ଓ ୬ ତାରିଖ ଦୁଇଦିନ ଅନୁଷ୍ଠିତ ହେବ। ଏହାକୁ ଯେପରି ଶୃଙ୍ଖଳିତ ତଥା ସରସ ସୁନ୍ଦର ଭାବେ ପାଳନ କରାଯିବ ଏହା ଉପରେ ସ୍ଥାନୀୟ ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ସୋମବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପୀରଜାହାନିଆ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଥାନାଧିକାରୀ ଶ୍ରୀ ମହାପାତ୍ର କହିଥିଲେ ବାଲିଯାତ୍ରା ଭିଡ଼କୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଠାରୁ ପୀରଜାହାନିଆ ବେଳାଭୂମି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହେବେ। ଅଗ୍ନିଶମ ବିଭାଗ ଷ୍ଟେସନ ଅଧିକାରୀ ପ୍ରହ୍ଲାଦ ରାୟ ନିଜ ମନ୍ତବ୍ୟରେ ମେଳାପଡିଆରେ ପଡୁଥିବା ଦୋକାନ ମଧରେ ଦୂରତା ରଖିବା ସହ ଅଗ୍ନିନିରାପତ୍ତା ସମ୍ପର୍କରେ ମତ ଦେଇଥିଲେ। ସମୁଦ୍ର ନିକଟରେ ଲାଇଫ ଗାର୍ଡ ୬ଜଣ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୀରଜାହାନିଆ ପୀଠରେ ଏକ ପୁଲିସ ଫାଣ୍ଡି କରିବାକୁ ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ଖଣ୍ଡୁଆଳ ମତ ଦେବା ସହ ଲାଇଫ ଗାର୍ଡକୁ ଡ଼ାକବାଜି ଯନ୍ତ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ଏହା ସହ ଉପସ୍ଥିତ ବରେଣ୍ୟ ବ୍ୟକ୍ତିମାନେ ମେଳାପଡିଆ ପ୍ରସ୍ତୁତି, ରାସ୍ତାଘାଟ ଉନ୍ନତିକରଣ, ଜଳଯୋଗାଣ, ୨୪ଘଣ୍ଟିଆ ବିଦ୍ୟୁତ ଯୋଗାଣ, ଆଇନ ଶୃଙ୍ଖଳା ରକ୍ଷା, ନିରାପତ୍ତା ଓ ଟ୍ରାଫିକ ନିୟନ୍ତ୍ରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ସମୁଦ୍ର ସ୍ନାନ ସମୟରେ ଯାତ୍ରୀଙ୍କ ସୁରକ୍ଷା ପ୍ରତି ମଧ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ପ୍ରଶାସନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ଥିଲେ।

● ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

# ସାଇବର ସଚେତନତା ହେଉ ନାଗରିକ ଦାୟିତ୍ୱ




**ଯାଜପୁର,୨୭।୧୦ (ସଂଚାର ବ୍ୟୁରୋ):** ଡିଜିଟାଲ ଯୁଗରେ ସାଇବର ଅପରାଧ ରୋକିବା ଓ ସାମାଜିକ ସଚେତନତା ବଢ଼ାଇବା ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସଙ୍କ ଉପଯୁକ୍ତ ପଦକ୍ଷେପରେ "ସାଇବର ସୁରକ୍ଷା ଅଭିଯାନ-୨୦୨୫"ର ଶୁଭାରମ୍ଭ ହୋଇଛି। ଆଜି ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଅନୁଷ୍ଠିତ ଏହି ବିଶେଷ ସଭାରେ ଜିଲ୍ଲାପାଳ ଅମ୍ବର କୁମାର କର ଅଧକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡିନ୍ ଡା. ସୀତାରାମ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା. ମନୋରମା ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଉପସ୍ଥିତ ଥିଲେ।

ଜିଲ୍ଲାପାଳ ଶ୍ରୀ କର ନିଜ ଉଦ୍‌ବୋଧନରେ କହିଲେ, "ସାଇବର ସୁରକ୍ଷା କେବଳ ପୁଲିସ କିମ୍ବା ସରକାରର ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକଙ୍କ ଜିମ୍ମେଦାରୀ ଅଟେ। ବିଧାୟିକା ସୁଜାତା ସାହୁ ତାଙ୍କ ଉଦ୍‌ବୋଧନରେ ଆହ୍ୱାନ କରିଥିଲେ, "ସାଇବର ଅପରାଧ ଏକ ଅଦୃଶ୍ୟ ବିପଦ ଯାହା ଯୁବ ପିଢ଼ିକୁ ସର୍ବାଧିକ ପ୍ରଭାବିତ କରୁଛି। ସେହିପାଇଁ ଆମେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ମଧ ସଚେତନ କରିବା ଦରକାର।"ସଭା ପରେ ବିଧାୟିକା ସୁଜାତା ସାହୁ "ସାଇବର ସଚେତନତା ରଥ"କୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଲୋକମାନଙ୍କ ମଧରେ ସାଇବର ସୁରକ୍ଷା ସନ୍ଦେଶ ପହଞ୍ଚାଇବ।

# ଆଙ୍କୋରଡାରେ ମା' ମହୁରୀ କାଳୁଆ ଯାତ୍ରା



**ହିଞ୍ଜିଳିକାଟୁ,୨୭।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡ଼ା ଗ୍ରାମରେ ଶ୍ରୀ ମା' ମହୁରୀ କାଳୁଆଙ୍କ ଯାତ୍ରା ସୋମବାର ଠାରୁ ଶୁଭାରମ୍ଭ ହୋଇଯାଇଛି। ଯାତ୍ରାର ପ୍ରଥମ ଦିବସରେ ମା'ଙ୍କ ଆଗମନ ପରେ ଶାଳା ସଂସ୍କାର ପରେ ମା'ଙ୍କୁ ଗ୍ରାମର ଅସ୍ଥାୟୀ ମନ୍ଦିରରେ ଅବସ୍ଥାନ କରାଯାଇଥିଲା। ଯାତ୍ରାଉତ୍ସବ ସକାଶେ ଗ୍ରାମକୁ ରଙ୍ଗ ବେରଙ୍ଗ ବାନା ସାଙ୍ଗକୁ ଆଲୋକମାଳା ଓ ସୁଉଚ୍ଚ ତୋରଣରେ ସୁସଜ୍ଜିତ କରାଯାଇଥିଲା । ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ ସହ ସନ୍ଧ୍ୟାରେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ମା'ଙ୍କୁ ସ୍ୱାଗତ କରାଯାଇଥିଲା । ବିଭିନ୍ନ ବାଦ୍ୟ ବାଜଣା, ଘଂଟ କାହାଳୀର ତାଳେ ତାଳେ ମା' ମହୁରୀକାଳୁଆଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

# ପୁରୋହିତପୁର ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର



**ବାଲିଅନ୍ତା,୨୭।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପୁରୋହିତପୁର ଗ୍ରାମ ପଞ୍ଚାୟତ ସ୍ଥିତ ମେଳଣ ପଡିଆଠାରେ ଅଭିଯୋଗ ଶୁଣାଣୀ ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ବିଧାୟକ ଜୟଦେବ ନିର୍ବାଚନ ମଣ୍ଡଳୀ ନବ କିଶୋର ମଲ୍ଲିକ, ବାଲିଅନ୍ତା ପଞ୍ଚାୟତ ସମିତି ଉପାଧକ୍ଷା ଇତିଶ୍ରୀ ଜେନା, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ପୁରୋହିତପୁର ଗ୍ରା.ପ.ର ସରପଞ୍ଚ ଭଗବାନ ବେହେରା, ପୁରୋହିତପୁର ଗ୍ରା.ପ.ର ସମିତି ସଭ୍ୟ ମନୋରଞ୍ଜନ ପ୍ରଧାନ ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୬୬ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୩ ଗୋଟି, ଭତ୍ତା ସମ୍ବନ୍ଧୀୟ ୧୬ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୪ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକଙ୍କ ଦ୍ୱାରା ସିଙ୍ଗିରିଶାସନ ଗ୍ରାମର ୭୮ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଶ୍ରୀଯୁକ୍ତ ଗନ୍ଧର୍ବ ଦଳେଇଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥଲା ।

# ଦୁର୍ଘଟଣାରେ ବୃଦ୍ଧା ଗୁରୁତର

**ବୈଶିଙ୍ଗା,୨୭।୧୦ (ସଂଚାର ବ୍ୟୁରୋ):** ସୋମବାର ସନ୍ଧ୍ୟାରେ ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ନିକଟରେ ଏକ ବାଇକ ଦୁର୍ଘଟଣାରେ ବୃଦ୍ଧା ଜଣଙ୍କ ଗୁରୁତର ହେବା ସହିତ ଚାଳକ ଜଣକ ମଧ ଆହତ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ବାଘୁଆ ଗ୍ରାମର ନିତ୍ୟାନନ୍ଦ ମହାନ୍ତଙ୍କ ପୁତ୍ର ବାବୁଲି ମହାନ୍ତ ନିଜ ବାଇକ୍‌ରେ ଯାଉଥିବା ସମୟରେ ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଆସୁଥିବା ବୃଦ୍ଧା ସୋମବାରୀ ମୁର୍ମୁ (୬୫) ଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧାଙ୍କର ଗୋଡ ଭାଙ୍ଗିଯାଇଥିଲା ଏବଂ ଚାଳକ ବାବୁଲି ମଧ ଛିଟିକି ପଡି ଆହତ ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ବୃଦ୍ଧା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନା ରେଫର କରାଯାଇଛି। ଚାଳକ ବାବୁଲି ମହାନ୍ତ ବୈଶିଙ୍ଗା ଡାକ୍ତରଖାନା ରେ ଚିକିତ୍ସିତ ଅଛନ୍ତି ।

# କୋଷାଗୁମୁଡ଼ାରେ ଯୁଗ୍ମଜନଶୁଣାଣି ଶିବିର



**ନବରଙ୍ଗପୁର,୨୭।୧୦ (ସଂଚାର ବ୍ୟୁରୋ):** ଆଜି କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ଏବଂ ତହସିଲଦାର, କୋଷାଗୁମୁଡ଼ାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ୨୦୨୫ ଉପଲକ୍ଷେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମସ୍ତ ଉପସ୍ଥିତ ଅଧିକାରୀ ସାଧୁତାର ଶପଥ ପାଠ କରିଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୨ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨ଟି ସମସ୍ୟାର ସମାଧାନ ତତକ୍ଷଣାତ କରାଯାଇଥିଲା । ସେଭଳି ସାମାଜିକ ସୁରକ୍ଷା ବିଭାଗ ତରଫରୁ ଦିବ୍ୟାଙ୍ଗ ମାନଙ୍କୁ ୪ଟି ହୁଇଲ୍ ଚେୟାର, ୩ଟି ଟ୍ରାଇ ସାଇକଲ,୧ଟି କହୁଣି ବୈଶାଖୀ ପ୍ରଦାନ କରାଯାଇଥିଲା।

# ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ



**ଫୁଲବାଣୀ,୨୭।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକରେ ନବଭରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ନିରାକରଣ ପରୀକ୍ଷା (ଏଫଏଲଏନଏଟି) ଗତ ୨୬/୧୦ରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବ୍ଲକର ୧୧ଟି ପଞ୍ଚାୟତ ଓ ପୌର ପରିଷଦର ଦୁଇଟି କ୍ଲଷ୍ଟରର ମୋଟ ୨୭ଟି ପରୀକ୍ଷା କେନ୍ଦ୍ରରେ ୫୧୧ଜଣ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧରୁ ସାଧାରଣ ବର୍ଗରେ ୧୧୭, ଅନୁସୂଚିତ ଜାତି ବର୍ଗର ୧୫୦ ଓ ଅନୁସୂଚିତ ଜନଜାତି ବର୍ଗରେ ୨୪୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧରେ ପୁରୁଷ ୧୩୧ ପରୀକ୍ଷାର୍ଥୀ ଦେଇଥିବା ବେଳେ ମହିଳା ପରୀକ୍ଷାର୍ଥୀ ୩୮୦ ଜଣ ଥିଲେ। ଉଦେଶ୍ୟ ହେଲା ୧୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯେପରି ପାଠ ନ ପଢି ଅସ୍ୱାକ୍ଷର ରହିବେନି। ଏଣୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରି ଏହି ପରୀକ୍ଷା କରାଯାଇଥିଲା।

# ଦାନଗଦିରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଯାଜପୁର,୨୭।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଜନସେବାମୁଖୀ ପ୍ରୟାସ ଅନୁସାରେ ଆଜି ଦାନଗଦି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହେଲା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର। ଜିଲ୍ଲାପାଳ ସ୍ୱୟଂ ଉପସ୍ଥିତ ହୋଇ ସେଠାରେ ଜନସାଧାରଣଙ୍କ ଆବେଦନ, ଅଭିଯୋଗ ଓ ଆପତ୍ତିଗୁଡିକ ଶୁଣିଥିଲେ ଏବଂ ସତ୍ୱର ସମାଧାନ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲେ। ଏହି ଜନଅଭିଯୋଗ ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୮ ଟି ବ୍ୟକ୍ତିଗତ ସମସ୍ୟା, ୩ ଟି ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା, ଏବଂ ୨୦ ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ଅଭିଯୋଗ ଥିଲା। ସମୟରେ ୨୦ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା, ଯାହା ପାଇଁ ଜନସାଧାରଣ ପ୍ରଶାସନ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ।



# ଜିରୋ କାଜୁଆଲଟି, ସ୍ଥାନାନ୍ତର ଓ ପାଣି ନିଷ୍କାସନ ଉପରେ ଗୁରୁତ୍ୱ

## ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି



**କାକଟପୁର/ଅସ୍ତରଙ୍ଗ,୨୭।୧୦ (ସଂଚାର ବ୍ୟୁରୋ):** ସୋମବାର ମଧାହ୍ନରେ ଅସ୍ତରଙ୍ଗ ପଂଚାୟତ ସମିତି ସଭାଗୃହରେ ବାତ୍ୟା "ମୋନ୍ଥା" ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବ୍ଲକ ଉପାଧକ୍ଷ ଅଧକ୍ଷତା କରିବା ସହିତ କହିଥିଲେ ଜିରୋ କାଜୁଆଲଟି ଲକ୍ଷ୍ୟ ପୂରଣ କରିବାକୁ ହେଲେ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମିଳିମିଶି କାମ କରିବାକୁ ପଡିବ। ଏଥିପାଇଁ ଅସ୍ତରଙ୍ଗ ବ୍ଲକରେ ୨ଟି ରେଡକ୍ରସ ଓ ୧୭ଟି ଓଶଡମା ତରଫରୁ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରିବା ସହିତ ନଦୀ ଓ ସମୁଦ୍ର ତଟବର୍ତ୍ତୀ ପଂଚାୟତର ଲୋକ ମାନଙ୍କୁ ସଚେତନ, ସତର୍କ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ତଳିଆ ଅଂଚଳର ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ଚାଲିଯିବା ପାଇଁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପାଣି ଟାଙ୍କି ମହଜୁଦ ରହିଥିବା ସହ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୨୪ଘଣ୍ଟା ଖୋଲା ରଖାଯିବା ସହ ଆସନ୍ନ ପ୍ରସବା ମହିଳା, ଗୁରୁତର ରୋଗୀଙ୍କୁ ଆଣି ରଖାଯିବ ଏବଂ ଡକ୍ଟର କର୍ମଚାରୀ ସଜାଗ ରହିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉପସ୍ଥିତ ଡାକ୍ତର ମତ ଦେଇଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟତ୍ରୀ ଗୁହ ଗୁଡିକୁ ଖୋଲା ରଖିବା ସହ ସଜାଗ ରହି ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ କୁହାଯାଇଥିଲା। ବାତ୍ୟା ପୂର୍ବରୁ ସଠିକ ସଚେତନତା, ବାତ୍ୟା ସମୟରେ ଉଦ୍ଧାର, ସ୍ଥାନାନ୍ତର, ବାତ୍ୟା ପରେ ଖାଦ୍ୟ, ପାନୀୟ ସହିତ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକ କ୍ଷତି ପୂରଣ ଯୋଗାଇ ଦେବା ପ୍ରଶାସନର ଦାୟିତ୍ୱ ବୋଲି ବିଭାଗୀୟ ଅଧିକାରୀ ମତ ଦେଇଥିଲେ।

# ଭାପୁରରେ ଜନଅଭିଯୋଗ ଶୁଣାଣି ଶିବିର

● ତତ୍‌କାଳୀନ ୧୭ଟି ଅଭିଯୋଗ ସମାଧାନ



**ନୟାଗଡ଼,୨୭।୧୦ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣିରେ ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୬୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ନେଇ ୬୧ଟି ଅଭିଯୋଗ ଆସିଥିବା ବେଳେ ଗାଁ ସମସ୍ୟା ନେଇ ୩ଟି ଅଭିଯୋଗ ଆସିଥିଲା । ତେବେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପାଇବା ପାଇଁ ୪ଜଣ ଅଭିଯୋଗ କରିଥିଲେ । ତେବେ ଏହି ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା ତତ୍‌କ୍ଷଣାତ ୧୭ଟି ଅଭିଯୋଗର ସମାଧାନ କରିଥିଲେ। ଆଜିର ଏହି ବ୍ଲକସ୍ତରୀୟ ଜନଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ସମସ୍ତ ଲାଇନ୍ ଡିପାଟମେଣ୍ଟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

● ସମ୍ଭାବ୍ୟ ବାତ୍ୟା ନେଇ କୃଷି ବିଭାଗର ପ୍ରସ୍ତୁତି ବୈଠକ

# ୩୧ ଯାଏଁ ସମସ୍ତ କୃଷି ଅଧିକାରୀଙ୍କ ଛୁଟି ବାତିଲ



**ଅମଳ ଫସଲକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଚାଷୀଙ୍କୁ ପରାମର୍ଶ**

ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୧ ତାରିଖ ଯାଏଁ କୌଣସି କୃଷି ଅଧିକାରୀ ଛୁଟି ନେଇପାରିବେ ନାହିଁ ବୋଲି ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇପାରେ। ଏହାବ୍ୟତୀତ, କୃଷି ବିଭାଗ ଦ୍ୱାରା ଜାରି ହୋଇଥିବା ପରାମର୍ଶକୁ ଚାଷୀଙ୍କ ନିକଟକୁ ସମସ୍ତ ପ୍ରକାର ମାଧ୍ୟମରେ ପହଞ୍ଚାଇବା ଜରୁରୀ। ଯଥା ଅମଳ ସରିଥିବା ଫସଲକୁ ଉଚ୍ଚ ତଥା ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବା, ଜମିରୁ ଜଳ ନିଷ୍କାସନ ଇତ୍ୟାଦି। ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ, ଜମିରୁ ପାଣି ଛାଡ଼ିଗଲା ମାତ୍ରେ, କୃଷି ଅଧିକାରୀମାନେ ତୁରନ୍ତ ବିଲକୁ ଯାଇ ଫସଲ କ୍ଷୟକ୍ଷତିର ଆକଳନ କରିବେ।

ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓଙ୍କ ନିର୍ଦ୍ଦେଶ ଅନୁଯାୟୀ, ଫସଲ କ୍ଷୟକ୍ଷତି ଆକଳନରେ କୌଣସି ବି କ୍ଷତିଗ୍ରସ୍ତ ଚାଷୀ ବାଦ ନ ପଡ଼ିବା ଆବଶ୍ୟକ। ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୪.୧୭ ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ଅଟେ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନୁବନ୍ଧିତ ଚାଷୀ ଇନ୍ସୁରାନ୍ସ ବାବଦରେ ଏନସିଆଇପି ପୋର୍ଟାଲରେ ଆବେଦନ କରିପାରିବେ, କିମ୍ବା ଟୋଲ ଫ୍ରି ନମ୍ବର ୧୪୪୪୭ ରେ କଲ କରିପାରିବେ କିମ୍ବା ହ୍ୱାଟ୍ସ ଆପ୍ ଚାଟ୍ ବୋଟ ନମ୍ବର ୭୦୬୫୫୧୪୪୪୭ ରେ ଯୋଗାଯୋଗ କରିପାରିବେ। କୃଷି ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମର ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ସମସ୍ତ ପ୍ରକାର ମୁକାବିଲା ପାଇଁ କୃଷି ବିଭାଗ ସଜାଗ ରହିଛି। ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ସଚିବ ଡ. ଗଣେଶ୍ୱର ଜେନା, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ।

## ବାତ୍ୟା ଲାଗି ୪୩ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୨୭।୧୦(ସଂଚାର ବ୍ୟୁରୋ): ବାତ୍ୟା ମୋନ୍ଥା ପ୍ରଭାବ ଯୋଗୁଁ ବାତିଲ ହେଲା ୪୩ଟି ଟ୍ରେନ୍। ଆଗାମୀ ଦୁଇ ଦିନ ପାଇଁ ଟ୍ରେନ ଚଳାଚଳ ବାତିଲ କରାଯାଇଛି। ବିଶେଷ କରି ରେଳପଥରେ ଭୂସ୍ଖଳନ ଆଶଙ୍କା ଥିବାରୁ ଟ୍ରେନଗୁଡ଼ିକୁ ବାତିଲ କଲା ପୂର୍ବତଟ ରେଳପଥ। କିରନ୍ଦୁଲ-ବିଶାଖାପାଟନମ୍ ରୁଟରେ ୮ଟି ଟ୍ରେନ୍ ବାତିଲ କରାଯାଇଛି। ୨୯ ପର୍ଯ୍ୟନ୍ତ ବିଶାଖାପାଟନମକୁ ଯାଉଥିବା ସବୁ ଟ୍ରେନ୍ ବାତିଲ ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଲୋକଙ୍କ ନିରାପତ୍ତା ଦୃଷ୍ଟିରୁ ବାତିଲ କଲା ପୂର୍ବତଟ ରେଳପଥ। ବ୍ରହ୍ମପୁର-ବିଶାଖାପାଟଣା, କଟକ-ଗୁଣୁପୁର ଟ୍ରେନ୍ ବାତିଲ। ପଲାସା-ବିଶାଖାପାଟନମ୍, ରାୟଗଡ଼ାରୁ ଗୁଣ୍ଟୁର ବାତିଲ। ଗୋଟିଏ ଟ୍ରେନର ଗତିପଥ ପରିବର୍ତ୍ତନ।

କାକିନାଡ଼ାରୁ ୬୦୦ କିମି ଓ ଗୋପାଳପୁରରୁ ୭୫୦ କିମି ଦୂରରେ ରହିଛି। ୨୪ ଘଣ୍ଟାରେ ଭୀଷଣ ବାତ୍ୟାରେ ପରିଣତ ହୋଇ କାକିନାଡ଼ା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ଘଣ୍ଟାପ୍ରତି ପବନର ବେଗ ୯୦ରୁ ୧୦୦ କିଲୋମିଟର ଓ ଝଟକା ପବନର ବେଗ ୧୧୦ କିଲୋମିଟର ଯାଏ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଛି ସୂଚନା। ଏପଟେ ବିଶାଖାପାଟନମ୍ ରାଡର୍‌ରେ ବାତ୍ୟାର ବାହ୍ୟ ବଳୟ ଦୃଶ୍ୟମାନ ହେବାସହ ଆନ୍ଧ୍ରପ୍ରଦେଶ ଉପକୂଳ ଜିଲ୍ଲାଗୁଡ଼ିକରେ ବର୍ଷା ଆରମ୍ଭ ହୋଇଯାଇଛି।



ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ବରମୁଣ୍ଡାସ୍ଥିତ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରସ୍ତୁତି ଓ ସମ୍ଭାବ୍ୟ ବାତ୍ୟା ସ୍ଥଳକୁ ଗସ୍ତ।

## କାଶୀରେ ଛଠ୍ ପର୍ବ ପାଳିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କାଶୀ, ୨୭।୧୦: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାବା ବିଶ୍ୱନାଥଙ୍କ ନଗରୀ କାଶୀରେ ଛଠ୍ ପର୍ବ ଅବସରରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି। ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ସୂର୍ଯ୍ୟ ଉପାସନାର ମହାପର୍ବ ହେଉଛି ଛଠ୍। ସମସ୍ତ ବିହାରବାସୀ ଏବଂ ଦେଶବାସୀଙ୍କୁ ଏହି ଦିବସର ଅଭିନନ୍ଦନ। ଏହି ପର୍ବ କେବଳ ଆମର ଆସ୍ଥା ଓ ଶ୍ରଦ୍ଧାର ନୁହେଁ ବରଂ ପ୍ରକୃତି, ଜ୍ଞାନ ଏବଂ ବିଜ୍ଞାନର ମଧ୍ୟ ସଙ୍ଗମ। କାଶୀରେ ଆମର ଏପରି ମହାନ ଏବଂ ଅଦ୍ୱିତୀୟ ପରମ୍ପରାର ସାକ୍ଷୀ ହେବା ଏବଂ ଛଠ୍ ମହାପର୍ବରେ ସାମିଲ ହେବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଭଗବାନ ସୂର୍ଯ୍ୟ ଏବଂ ଛଠୀ ମାତାଙ୍କ ନିକଟରେ ସମସ୍ତଙ୍କର ସୁଖ, ସମୃଦ୍ଧି ଏବଂ ମଙ୍ଗଳମୟ ଜୀବନ ପାଇଁ ସେ କାମନା କରିଛନ୍ତି। ଶ୍ରୀ ପ୍ରଧାନ ବିହାର ପାଟନା ଜଙ୍କସନ ସ୍ଥିତ ପ୍ରାଚୀନ ମହାବୀର ମନ୍ଦିରରେ ମଧ୍ୟ ଦର୍ଶନ କରିଥିଲେ।

## ଛତ୍ର ବଜାର ବନ୍ଦ ଡାକରା ପ୍ରତ୍ୟାହୃତ

● ଅର୍ବାନ ହାଟ ନିଲାମୀ ପ୍ରକ୍ରିୟା ସ୍ଥଗିତ ପରେ ନିଷ୍ପତ୍ତି

କଟକ,୨୭।୧୦(ସଂଚାର ବ୍ୟୁରୋ): ଦୁଇ ଦିନିଆ ଛତ୍ର ବଜାର ବନ୍ଦ ଡାକରା ପ୍ରତ୍ୟାହୃତ ହୋଇଛି। ଅର୍ବାନ ହାଟ ନିଲାମୀ ପ୍ରକ୍ରିୟାକୁ ସିଏମସି ସ୍ଥଗିତ ରଖିବା ପରେ ଏଭଳି ପଦକ୍ଷେପ ନେଇଛି ବ୍ୟବସାୟୀ ସଙ୍ଘ। ପ୍ରକୃତରେ ପୂର୍ବରୁ ଅର୍ବାନ ହାଟ ବାବଦରେ ବ୍ୟବସାୟୀମାନେ ଦୈନିକ ୨୦ ଟଙ୍କା ଆକାରରେ 'ୟୁଜର୍ସ ଫି' ଦେଉଥିଲେ। ଏହି ଫି' ଆଦାୟ କରିବାର ଦାୟିତ୍ୱ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିଲା। ମାତ୍ର ନିକଟରେ ଅର୍ବାନ ହାଟକୁ ନିଲାମ କରିବା ଲାଗି ଟେଣ୍ଡର ଡାକିଥିଲା ସିଏମସି। ଯାହାକୁ ବିରୋଧ କରି ୪ଟି ସଂଗଠନ ଗତ ୨୫ ତାରିଖରେ ପ୍ରତିବାଦ ଜଣାଇଥିଲେ। ସେମାନେ ଅଭିଯୋଗ କରିଥିଲେ,



ହାଟ ପରିଚାଳନା ପାଇଁ ସେମାନେ ରାଜି ଅଛନ୍ତି, କିନ୍ତୁ ସେମାନଙ୍କ ସହ କୌଣସି ଆଲୋଚନା ନକରି ନିଲାମୀ ପ୍ରକ୍ରିୟା ଆରମ୍ଭ କରିବା ଠିକ୍ ନିଷ୍ପତ୍ତି ନୁହେଁ ବୋଲି ବ୍ୟବସାୟୀମାନେ କହିଥିଲେ। ଏମିତିରେ ହାଟ ନିଲାମ ନିଷ୍ପତ୍ତିର ପୁନର୍ବିଚାର ନହେଲେ ଆଗାମୀ ୨୮ ଓ ୨୯ ତାରିଖରେ କଟକ ଛତ୍ର ବଜାର ଅର୍ବାନ ହାଟ ବନ୍ଦ ରଖିବାକୁ ବ୍ୟବସାୟୀ ସଙ୍ଘ ଚେତାବନୀ ଦେଇଥିଲା। ତେବେ ସିଏମସି ନିଲାମ ନିଷ୍ପତ୍ତିକୁ ସ୍ଥଗିତ କରିବା ପରେ ଅର୍ବାନ ହାଟ ବ୍ୟବସାୟୀ ସଙ୍ଘ ଆନ୍ଦୋଳନ ଡାକରା ପ୍ରତ୍ୟାହୃତ କରିଛି।

## ନୋଟିସ୍ ବୋର୍ଡ କଣ୍ଟା ଗିଳି ଛାତ୍ରର ମୃତ୍ୟୁ

କନ୍ଧମାଳ, ୨୭।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଉପକଣ୍ଠରେ ଥିବା ଧୋବାତୋଟା ଆଦର୍ଶ ବିଦ୍ୟାଳୟର ତୁଷାର ମିଶ୍ର ନାମକ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ବିଦ୍ୟାଳୟର ନୋଟିସ୍ ବୋର୍ଡରେ ଲାଗିଥିବା ଗୋଟିଏ ପିନ୍ ଗିଳି ଦେବା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ତୁଷାର ନୋଟିସ୍ ବୋର୍ଡର ଏକ ପିନ୍ କଣ୍ଟା ଆଣି ଅନ୍ୟ ମନସ୍କ ହୋଇ କଣ୍ଟାଟିକୁ ଗିଳି ଦେଇଥିଲା। ଏହି ବାବଦରେ ସେ ତାଙ୍କ ଶିକ୍ଷକଙ୍କୁ ଜଣାଇବା ପରେ ଶିକ୍ଷକ ତା କଥାକୁ ଗୁରୁତ୍ୱ ନଦେଇ, କିଛି ହେବନାହିଁ ପାଣି ପିଇ ଦେ ବୋଲି କହିଥିଲେ। ତୁଷାର ସବୁ ଦିନ ଭଳି ସ୍କୁଲ ଛୁଟି ପରେ ଘରକୁ ଆସି ଏହି ବିଷୟରେ ତାର ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ପ୍ରଥମେ ଫୁଲବାଣୀ ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ନେଇଥିଲେ ହେଲେ ଡାକ୍ତର ତାକୁ ବ୍ରହ୍ମପୁରକୁ ରେଫର କରିଥିଲେ। ବ୍ରହ୍ମପୁରରେ ଡାକ୍ତରମାନେ ତାର ଅସ୍ତ୍ରୋପଚାର କରିଥିଲେ। ହେଲେ ପିନ୍ ଟି ତାର ଫୁସ୍ ଫୁସ୍ ପାଖରେ ଅଟକି ରହିଥିଲା। ଫଳରେ ଜଟିଳତା ଯୋଗୁଁ ତା'ର ଅସ୍ତ୍ରୋପଚାର ଅସଫଳ ହୋଇ ଛାତ୍ର ଜଣକ ପ୍ରଥମେ ପାରାଲିସିସ୍ ଏବଂ ପରେ କୋମାକୁ ଚାଲିଯାଇଥିଲା। ଫଳରେ ପରିବାର ଲୋକେ ତାକୁ କଟକକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରିବା ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ତାର ଅନ୍ତିମ ସଂସ୍କାର କରିଥିବା ଜଣାପଡ଼ିଛି।

## ୨୦ ମୋବାଇଲ ଫେରିପାଇଲେ ଉପଭୋକ୍ତା

ଜୟପୁର, ୨୭।୧୦ (ସଂଚାର ବ୍ୟୁରୋ): ସାଇବର କ୍ରାଇମ ରୋକିବାକୁ ଟେଲିକମ ମନ୍ତ୍ରଣାଳୟ ନୂଆ ପଦକ୍ଷେପ। ଉପଭୋକ୍ତା ମାନେ ସଂଚାର ସାଥୀ ପୋର୍ଟାଲ ମାଧ୍ୟମରେ ହଜିଥିବା ମୋବାଇଲ ବିଷୟରେ ରେଜିଷ୍ଟ୍ରେସନ କରିଥିଲେ ମୋବାଇଲ ପାଇପାରିବେ ବୋଲି ପୁଲିସ ବିଭାଗ ପକ୍ଷରୁ ଏହିପରି ପଦକ୍ଷେପ ନିଆଯାଇଛି। ଆଜି ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ପାର୍ଥ କଶ୍ୟପ ଏବଂ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ବିଗତ ଦିନରେ ଜୟପୁର ସହରର ବିଭିନ୍ନ ସ୍ଥାନରେ ଚୋରି ହୋଇଥିବା ୨୦ଟି ମୋବାଇଲ ଉଦ୍ଧାର କରି ଉପଭୋକ୍ତାଙ୍କୁ ଫେରାଇଛନ୍ତି। ଏସଡିପିଓ ଶ୍ରୀ କଶ୍ୟପ କହିଛନ୍ତି ସଂଚାର ସାଥୀ ପୋର୍ଟାଲ ଜରିଆରେ ଜଣେ ବ୍ୟକ୍ତି ନିଜର ହଜିଥିବା କିମ୍ବା ଚୋରି ହୋଇଥିବା ମୋବାଇଲ ଫୋନକୁ ତୁରନ୍ତ ବ୍ଲକ କିମ୍ବା ଠାବ କରିପାରିବେ। ଏଣୁ ସମସ୍ତେ ମୋବାଇଲ ହଜିବା ପରେ ତୁରନ୍ତ ଏହି ପୋର୍ଟାଲରେ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରିଥିଲେ।

# ବିଜେପି ବୁଥ କାର୍ଯ୍ୟକର୍ତ୍ତାଙ୍କ ବୈଠକ



ନୂଆଁପଡ଼ା,୨୭।୧୦(ସଂଚାର ବ୍ୟୁରୋ): ନୂଆପଡା ବିଧାନସଭା ଉପ ନିର୍ବାଚନରେ ରାଜନୈତିକ ଚଳଚଞ୍ଚଳ ଦିନକୁ ଦିନ ବଢ଼ିବାରେ ଲାଗିଛି। ନେତାଙ୍କ ସମେତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସକ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଆଜି ଏହି ମର୍ମ ରେ ଖରିଆର୍ ରୋଡ଼ ସ୍ଥିତ ଅଗ୍ରସେନ ଭବନ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାରିଆର ବିଜ୍ଞାପିତ ପରିଷଦ ଅଞ୍ଚଳ ର ୪,୫,୬,୭ ନମ୍ବର ୱାର୍ଡର ବିଜେପି କାର୍ଯ୍ୟକର୍ତ୍ତା ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରଚାରରେ କେନ୍ଦ୍ରର ମୋଦୀ ସରକାର୍ ଓ ରାଜ୍ୟର ମୋହନ୍ ମାଝୀ ସରକାରଙ୍କର ସମସ୍ତ ଜନକଲ୍ୟାଣକରୀ ଯୋଜନା କିଭଳି ତୃଣମୂଳ ସ୍ତରରେ ସଧାରଣ ଲୋକଙ୍କ ପାଖକୁ ପହଞ୍ଚିବ ସେ ନେଇ ବୈଠକରେ ଉପସ୍ଥିତ ନେତୃବୃନ୍ଦ କାର୍ଯ୍ୟକର୍ତ୍ତା ଙ୍କୁ ବୁଝାଇଥିଲେ। ନିର୍ବାଚନ ଦିନ କେମିତି ସମସ୍ତ ଭୋଟର୍ ବୁଥକୁ ଯାଇ ନିଜର ଭୋଟ ଅଧିକରର ସତ୍ ଉପଯୋଗ କରିବେ ଓ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ କରିବେ ସେ ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ସଜାଗ କରେଇଥିଲେ। ଆଜିର ବୈଠକରେ ସୁକାନ୍ତ ପାଣିଗ୍ରାହୀ, ଗୋବିନ୍ଦ ଜେନ୍, ଡ. ସୋନିଆ ଜେନ, ଗୋଲ୍ଡି ଅଗ୍ରୱାଲ, ସନ୍ଦୀପ ଶର୍ମା, ପଙ୍କଜ ମାରୋଡିଆ, ସଲମାନ୍ ସୁମ୍ରା, ସଞ୍ଜୟ ସୋନି, ଡାଭିନ ଠାକୁର୍, ନନ୍ଦ କୁମାର୍ କଲର ପ୍ରମୁଖ ଉପସ୍ଥିତ ଥିଲେ।

● ନୂଆପଡା ଉପନିର୍ବାଚନ

## ଇଭିଏମ୍ ଓ ଭିଭିପାଟ ରାଣ୍ଡୋମାଇଜେସନ ଅନୁଷ୍ଠିତ



ନୂଆପଡା,୨୭।୧୦(ସଂଚାର ବ୍ୟୁରୋ): ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏଣ୍ଡ୍ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତି ରେ ଇ ଭି ଏମ୍ ଓ ଭିଭିପାଟ ମେସିନ୍ ସବୁର ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଯେସନ ଓ ପେଆରିଂ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ତଥା ଆର୍ ଓ ସୁର୍ମି ସୋରେନ୍ ଙ୍କ ଲଗ୍‌ଇନ୍ ରେ ଏହା ସମ୍ପନ୍ନ ହୋଇଥିଲା । ନିର୍ବାଚନ ପ୍ରସ୍ତୁତି ପାଇଁ ସମସ୍ତ ଭୋଟିଂ ମେସିନ୍ ସ୍ଥାନୀୟ ନେସନାଲ କଲେଜ ର ଷ୍ଟ୍ରଙ୍ଗ ରୁମ୍ ରେ ସୁରକ୍ଷିତ ରଖା ଯାଇଛି । ଆଜି ଉପନିର୍ବାଚନର ସମସ୍ତ ପ୍ରାର୍ଥୀ ତଥା ସେମାନଙ୍କ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଜିଲ୍ଲା ଇ ପ୍ରଶାସନ ପରିଚାଳକ ବିରେନ୍ଦ୍ର ସିଂ ଦଣ୍ଡସେନା କମ୍ପ୍ୟୁଟର ମାଧ୍ୟମରେ ଇ ଭି ଏମ୍ ଓ ଭିଭିପାଟ ତିନି ରାଉଣ୍ଡ ରାଣ୍ଡୋମାଇଯେସନ କରିଥିଲେ । ଏହାପରେ ଏସବୁର କମିସନିଂ ହେବ । ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ପାରଦର୍ଶୀ ହିସାବରେ ସମଗ୍ର ୩୫୮ ବୁଥ ରୁ କେଉଁ ବୁଥ କୁ କେଉଁ ଭୋଟିଂ ମେସିନ୍ ସେଟ୍ ଯିବ ଏହା ସ୍ଥିର କରାଯାଇଛି । ଆଜିର ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସ୍ୱଚ୍ଛତା ସହିତ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ପ୍ରଫୁଲ୍ଲ କୁଜୁର, ଉପଜିଲ୍ଲାପାଳ ତଥା ଆର୍ ଓ ସୁର୍ମି ସୋରେନ୍ ଙ୍କ ଉପସ୍ଥିତିରେ ସମ୍ପନ୍ନ କରାଯାଇଥିଲା । ପାରଦର୍ଶିତା ପାଇଁ ଏହି ରାଣ୍ଡୋମାଇଯେସନର ଅବିକଳ ନକଲ କପି ସମସ୍ତ ରାଜନୈତିକ ଦଳ ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଙ୍କୁ ପ୍ରଦାନ କରାଯାଇଛି ।

## ଉପମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

ନୌବାଣିଜ୍ୟ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବେ



ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଦୁଇଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି। ମୁମ୍ବାଇର ଗୋରେଗାଁସ୍ଥିତ ବମ୍ବେ ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜିତ ଭାରତୀୟ ନୌବାଣିଜ୍ୟ ସପ୍ତାହ-୨୦୨୫ ପାଳନରେ ସେ ଆସନ୍ତକାଲି ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ସ୍ୱର୍ଣ୍ଣିଭ ଯୋଗଦାନ ଓ ଏହାର ଐତିହ୍ୟ ସମ୍ପର୍କିତ ସନ୍ଦର୍ଭ ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର, ଗବେଷକ, ବିଭିନ୍ନ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଆମର ପାରମ୍ପରିକ ନୌବାଣିଜ୍ୟ ଐତିହ୍ୟ, ଆଧୁନିକ ନୌବାଣିଜ୍ୟ, ବନ୍ଦର ସୁଦୃଢ଼ୀକରଣ, ଜାହାଜ ପରିଚାଳନା, ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ମାନବ ସମ୍ବଳର ଉପଯୋଗୀତା ଉପରେ ସାରଗର୍ଭକ ଆଲୋଚନା ହେବ।

■ ରାଉରକେଲାରେ ପୁଣି ସେକ୍ସ ରାକେଟ ଠାବ

# ୩ ଦେହଜୀବୀ ଅଟକ, ଦୁଇ ଦଲାଲ ଗିରଫ



ରାଉରକେଲା,୨୭।୧୦(ସଂଚାର ବ୍ୟୁରୋ): ସହରର ସମ୍ଭ୍ରାନ୍ତ ଅଞ୍ଚଳ ସିଭିଲ ଟାଉନସିପର ଏକ ଘରେ ସେକ୍ସ ରାକେଟ ଠାବ ହୋଇଛି। ରଘୁନାଥପାଲି ପୁଲିସ ଏଥିରେ ସଂଶ୍ଳିଷ୍ଟ ତିନି ଦେହଜୀବୀଙ୍କୁ ଧରିବା ସହ ଦୁଇ ଜଣ ଦଲାଲଙ୍କୁ ଗିରଫ କରିଛି। ଆରଜିଏଚରେ ତିନି ଦେହଜୀବୀଙ୍କ ଡାକ୍ତରୀ ମାଇନା କରିବା ପରେ ସେମାନଙ୍କୁ ଡାକ୍ତରଖାନା ପରିସରସ୍ଥ ସଖୀ କେନ୍ଦ୍ରରେ ରଖାଯାଇଛି।

କେତେ ଦିନ ଧରି ଏଠାରେ ସେକ୍ସ ରାକେଟ ଚାଲୁଥିଲା, ଦେହଜୀବୀମାନେ କେଉଁଠୁ ଆସୁଥିଲେ, ପୁଲିସ ତା'ର ତଦନ୍ତ ଚଳାଇଛି । କିଛି ମାସ ପୂର୍ବରୁ ଛେଣ୍ଡ କଲୋନିରେ ବଡ଼ ଧରଣର ସେକ୍ସ ରାକେଟ ଠାବ ହୋଇଥିଲା । ସେମିତି ସେକ୍ଟର ୧୬ ଓ ଜଗଦା ଅଞ୍ଚଳରେ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିଲା । ଏଣେ ଗତ ଅଗଷ୍ଟ ମାସରେ ପାରାଦୀପରେ ଏକ ବଡ଼ଧରଣର ସେକ୍ସ ରାକେଟ୍ ଠାବ ହୋଇଥିଲା। ତାରିଣୀଗଡ଼ା ଠାରେ ଏକ ସ୍ପାରେ ସେକ୍ସ ରାକେଟ ଚାଲୁଥିବା ବେଳେ ପୁଲିସ ଚଢ଼ଉ କରି ୯ ଜଣ ବଙ୍ଗୀୟ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ୪ ଜଣ ଗ୍ରାହକଙ୍କୁ ଗିରଫ କରିଥିଲା। ସ୍ପା ଭିତରୁ ବହୁ ଆପତ୍ତିଜନକ ସାମଗ୍ରୀ, ଦେହଜୀବୀ ଓ ଗ୍ରାହକଙ୍କର ମୋବାଇଲ ଫୋନ୍, ରେଜିଷ୍ଟର ଜବତ କରାଯାଇଥିଲା। ସ୍ପା ଚଳାଉଥିବା ମାଲିକ ତଥା ଦେହ ଦଲାଲ୍ ସେଖ୍ ବଦ୍ରୁ ଫେରାର ହୋଇଯାଇଥିଲେ। ସେହିପରି ଘର ମାଲିକ ଭାଗିରଥୀ ପୁଲିସ ସ୍ଥାନରକୁ ଆସିଥିଲେ। ତାଙ୍କୁ ନୋଟିସ କରାଯାଇ ଖୁବଶୀଘ୍ର ଜେରା କରାଯିବ ବୋଲି ପୁଲିସ ସୂଚନା ଦେଇଥିଲା। ପେଟ ପୋଷିବା ପାଇଁ ଅନେକ ଭଲ କାମ କରିବାର ସୁଯୋଗ ଅଛି। କିଛି ଟଙ୍କା ରୋଜଗାର କରିବା ପାଇଁ ଖରାପ କାମ ବଦଳରେ ଭଲ କାମ ମଧ୍ୟ କରାଯାଇପାରିବ। ଏସବୁ କରାନଯାଇ କିଛି ଲୋକ ଖରାପ ରାସ୍ତାରେ ପାଦ ଦେଇ ଟଙ୍କା ରୋଜଗାର କରିବାକୁ ପଛାଉ ନାହାନ୍ତି। ଅର୍ଥ ରୋଜଗାର ପାଇଁ ଦଲାଲମାନେ ଦେହ ବେପାରକୁ ଏକ ଭଲ ଧନ୍ଦା ଭାବୁଛନ୍ତି। ଏଥି ପାଇଁ ଯୁବତୀମାନଙ୍କୁ ସଂଗ୍ରହ କରି ସେକ୍ସ ରାକେଟ ଚଳାଉଥିବା କୁହାଯାଉଛି।

# ଅଣ୍ଡରପାସ୍ ଦାବିରେ ରାସ୍ତା ଅବରୋଧ



ଚଣ୍ଡିଖୋଲ,୨୭।୧୦(ସଂଚାର ବ୍ୟୁରୋ): ଜାତୀୟ ରାଜପଥ ସମ୍ପ୍ରସାରଣ ସହ ଏକ ଛୋଟ ପୋଲ ଏବଂ ଅଣ୍ଡରପାସ୍ ଦାବିରେ ରାସ୍ତା ଅବରୋଧ କଲେ ସ୍ଥାନୀୟ ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଚଣ୍ଡିଖୋଲ ଗାନ୍ଧୀ ଛକ ନିକଟରେ। ସୂଚନା ଅନୁସାରେ, ଚଣ୍ଡିଖୋଲ ଗାନ୍ଧୀ ଛକ ନିକଟରେ ଜାତୀୟ ରାଜପଥ ୫୩ ଚଣ୍ଡିଖୋଲ- ପାରାଦୀପ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଏମିତିରେ ସମ୍ପ୍ରସାରଣ ଅଧୀନରେ ଗାନ୍ଧୀ ଛକ ନିକଟରେ ଏକ ଗଳି ପୋଲ ବା ଅଣ୍ଡରପାସ୍ ନିର୍ମାଣ କରାଯାଉଛି। ହେଲେ ଏହାର ଉଚ୍ଚତା କମ୍ ରହିଥିବାରୁ ଏଥରେ ବଡ଼ ଗାଡ଼ି ଯାତାୟତ କରିପାରିବନି । ଫଳରେ ଏହା ଯୋଗୁ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ସମସ୍ୟାରେ ପଡ଼ିବେ ବୋଲି ଅଭିଯୋଗ କରିଛନ୍ତି ଲୋକେ। ଅଭିଯୋଗକାରୀ ଆହୁରି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମଧ୍ୟ ଏହା ଯୋଗୁ ପ୍ରଭାବିତ ହେବେ। ଗାଁକୁ ଅଗ୍ନିଶମ ଗାଡ଼ି ମଧ୍ୟ ଯାଇପାରିବନାହିଁ। ଚଣ୍ଡିଖୋଲ ନିକଟରେ ଏହି ଗଳି ପୋଲ ହେଉଥିବାରୁ ଏହା ଗୁରୁତ୍ୱ ବହନ କରୁଛି। ତେଣୁ ଏଠାରେ ଏକ ବଡ଼ ଗଳିପୋଲ ନିର୍ମାଣ ପାଇଁ ବିଭିନ୍ନ ପଞ୍ଚାୟତର ଲୋକେ ଦାବି କରି ଜାତୀୟ ରାଜପଥ ଅବରୋଧ କରିଛନ୍ତି ଲୋକେ। ଏହି ଆନ୍ଦୋଳନ ଯୋଗୁ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସ୍ଥାନୀୟ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି। ତେବେ ଘଟଣାସ୍ଥଳରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ୍ ହଟିଥିଲା।

## ସମ୍ପତ୍ତି ବିବରଣୀ ଦାଖଲ ନକଲେ ହେବନି ପ୍ରମୋଶନ

ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ) : ଓଡ଼ିଶା ସରକାର ୨୦୨୪ ବର୍ଷର ସମ୍ପତ୍ତି ବିବରଣୀ ଦାଖଲ ପାଇଁ କୌଣସି ସମୟ ବୃଦ୍ଧି ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ ପୁନର୍ବାର ଖୋଲାଯିବ ନାହିଁ। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତିରେ କୁହାଯାଇଛି, ଅନେକ କର୍ମଚାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ବିବରଣୀ ଦାଖଲ କରି ନ ଥିବାରୁ ସମୟ ବୃଦ୍ଧି ଦାବି ହୋଇଥିଲା। କିନ୍ତୁ ପ୍ରଶାସନିକ ଅନୁଶାସନ ରକ୍ଷା ପାଇଁ କୌଣସି ଛାଡ଼ ଦିଆଯିବ ନାହିଁ। ୨୦୨୪ର ବିବରଣୀ ନ ଦାଖଲ କରିଥିବା କର୍ମଚାରୀମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବାତ୍ୟା ଯୋଗୁଁ ବର୍ଷା ଓ ଭୂସ୍ଖଳନ ଭୟ

# କଳିଙ୍ଗା ଘାଟି ପାଦଦେଶରେ ବନ୍ଧାହେଲା ଲୁହାର ବାଡ଼



ଭଞ୍ଜନଗର,୨୭।୧୦(ସଂଚାର ବ୍ୟୁରୋ): ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି କଳିଙ୍ଗା ଘାଟି ପାଦଦେଶରେ ବନ୍ଧାହେଲା ଲୁହାର ବାଡ଼। ସ୍ଥାନୀୟ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଘାଟିକୁ କେହି ଯେମିତି ନଯିବେ ସେଥିପାଇଁ ଏହି ପଦକ୍ଷେପ ନେଇଛି ସ୍ଥାନୀୟ ପ୍ରଶାସନ। ଗତ ମାସରେ କଳିଙ୍ଗା ଘାଟିରେ ଭୂସ୍ଖଳନ ହୋଇଥିଲା। ଅସ୍ଥାୟୀ ରାସ୍ତା ନିର୍ମାଣ ସକାଶେ କିଛିଦିନ ନିର୍ମାଣ କାର୍ଯ୍ୟ ଚାଲିଲା। ଏବେ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଏହା ସହ ବାତ୍ୟା ମୋନ୍ଥା ଯୋଗୁଁ ଘାଟି ତଳିଆ ଗାଁରେ ବିପଦ ଆଶଙ୍କା ରହିଛି। ତେଣୁ କନ୍ଧମାଳକୁ ଲାଗିରହିଥିବା ଗଞ୍ଜାମ ସୀମାନ୍ତ ଦୁର୍ଗାପ୍ରସାଦ ଠାରେ ଲୁହାର ବାଡ ଲଗାଇଛି ପ୍ରଶାସନ। ଏହା ଦ୍ୱାରା ଲୋକମାନେ ସଚେତନ ହେବା ସହ ସେଇ ରାସ୍ତା ଦେଇ ଚଳପ୍ରଚଳ କରିବେ ନାହିଁ। ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରାଜ୍ୟ ଆପଣାଇବେ ଜୋହୋ ଇମେଲ୍

ନୂଆଦିଲ୍ଲୀ, ୨୭।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଦେଶୀ ଆହ୍ୱାନରେ ଅନୁପ୍ରାଣିତ ହୋଇ କେନ୍ଦ୍ର ମନ୍ତ୍ରୀମାନେ ବିଦେଶୀ ଇମେଲ୍ ଓ ସଫ୍ଟୱେର୍ ପରିହାର କରି ସ୍ୱଦେଶୀ ଜୋହୋ ମେଲ୍‌କୁ ଆପଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାରମାନେ ମଧ ସ୍ୱଦେଶୀ ଇମେଲ୍ ବ୍ୟବହାର କରିବେ ବୋଲି ଜଣାପଡ଼ିଛି। ଗୁଜରାଟ ସରକାର ଜୋହୋ

## ଗୁଜରାଟ ଗ୍ରହଣ କଲା

ମେଲ୍ ବ୍ୟବହାର ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକ ମଧ ସେଭଳି ପଦକ୍ଷେପ ନେବା ଆଶା କରାଯାଉଛି। ପୂର୍ବରୁ ନ୍ୟାସନାଲ୍ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) ଇମେଲ୍ ବ୍ୟବହାର କରୁଥିବା ୧୨ ଲକ୍ଷ କର୍ମଚାରୀ ଜୋହୋ ମେଲ୍‌କୁ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଜୋହୋ ମେଲ୍ କାର୍ଯ୍ୟକାରୀ କରିବାକୁ ତିନି ବର୍ଷ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ମନ୍ତ୍ରଣାଳୟଗୁଡ଼ିକରେ ତାହାକୁ କାର୍ଯ୍ୟକାରୀ କରାଯାଇଥିଲା। ଅଢ଼େଇ ବର୍ଷ ପୂର୍ବେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ତାହାକୁ ଗ୍ରହଣ କରିଥିଲା। ତା'ପରେ ରେଳବାଇ ଏବଂ ସୂଚନା ଓ ପ୍ରସାରଣ ବିଭାଗରେ ଜୋହୋ ମେଲ୍ କାର୍ଯ୍ୟକାରୀ କରାଯାଇଥିଲା। ପରବର୍ତ୍ତୀ ସମୟରେ କର୍ମଚାରୀମାନେ ସେଥିରେ ସାମିଲ ହୋଇଥିଲେ। ଗୁଗଲ୍ ଡକ୍ସ, ମାଇକ୍ରୋସଫ୍ଟ ୱାର୍ଡ, ଏକ୍‌ସେଲ୍ ଓ ପାୱାର ପଏଣ୍ଟ୍ ଭଳି ବିଦେଶୀ କମ୍ପାନିର ଟୁଲ୍‌ସ ବଦଳରେ କର୍ମଚାରୀମାନେ ଜୋହା ପ୍ରସ୍ତୁତ କରିଥିବା ସ୍ୱଦେଶୀ ସଫ୍ଟୱେର୍‌କୁ ବ୍ୟବହାର କରୁଛନ୍ତି। ତେବେ ଜୋହୋ ମେଲ୍‌କୁ ସରକାର ଅକସ୍ମାତ ଗ୍ରହଣ କରିନାହାନ୍ତି। ଗୁଗଲ୍ ଓ ମାଇକ୍ରୋସଫ୍ଟର ସୁରକ୍ଷା ମାନଦଣ୍ଡଠାରୁ ଆଗକୁ ବଢ଼ିବାକୁ ଜୋହୋକୁ ପ୍ରଥମେ କୁହାଯାଇଥିଲା। ଛଅ ମାସ ଭିତରେ କମ୍ପାନି ସେହି ମାନଦଣ୍ଡ ପୂରଣ କରିବା ପରେ ତାହାକୁ ଚୟନ କରାଯାଇଥିଲା ବୋଲି ବୈଷ୍ଣବ କହିଛନ୍ତି।

ଉଦ୍ୟୋଗପତି ଶ୍ରୀଧର ଭେମ୍ବୁ 'ଜୋହୋ' ସ୍ଥାପନ କରିଛନ୍ତି। କମ୍ପାନି ଅନେକ ସଫ୍ଟୱେର ବିକାଶ କରିଛି ଯାହା ବିଦେଶୀ କମ୍ପାନି ଦେଉଥିବା ସେବାର ବିକଳ୍ପ ହୋଇପାରିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱଦେଶୀ ଆହ୍ୱାନ ପରଠାରୁ ଏହାର ସେବାଗୁଡ଼ିକର ଗ୍ରହଣୀୟତା ଓ ଲୋକପ୍ରିୟତା ବଢ଼ିଛି। ଏହା ହ୍ୱାଟସ୍‌ଆପ୍‌ର ବିକଳ୍ପ 'ଅରଟଇ' ମଧ ବିକାଶ କରିଛି ଯାହା କିଛି ଦିନ ପୂର୍ବେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା।




# ୧୧,୨୨୩ ଷ୍ଟାର୍ଟଅପ୍‌ରେ ତାଲା

ନୂଆଦିଲ୍ଲୀ, ୨୭।୧୦: ପାଣ୍ଠିର ଅଭାବ ଓ ପ୍ରତିଷ୍ଠାତାଙ୍କ ଧୈର୍ଯ୍ୟର ଅଭାବ। ଏହି ଦୁଇ କାରଣ ପାଇଁ ଚଳିତ ବର୍ଷ ଦେଶରେ ୧୧,୨୨୩ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଯାଇଛି। କିଛି ସଂସ୍ଥା ଚାରି ପାଞ୍ଚ ବର୍ଷ ଧରି ଉଦ୍ୟମ କରିବା ପରେ ବିଫଳ ହୋଇ ନିଜର ଯାତ୍ରା ଶେଷ କରିଛନ୍ତି। ଆଉ କିଛି ଷ୍ଟାର୍ଟଅପ୍ ପ୍ରତିଷ୍ଠା ହେବାର କିଛି ମାସ ଭିତରେ ବନ୍ଦ ହୋଇଯାଇଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଯେତିକି ଷ୍ଟାର୍ଟଅପ୍ ବନ୍ଦ ହୋଇଛି ତାହା ୨୦୨୪ ବର୍ଷ ସାରାରେ ବନ୍ଦ ହୋଇଥିବା ୮୬୪୯ ଷ୍ଟାର୍ଟଅପ୍ ତୁଳନାରେ ୩୦ ପ୍ରତିଶତ ଅଧିକ। ବର୍ଷ ଶେଷ ହେବାକୁ ଆହୁରି ଦୁଇ ମାସ ବାକି ଥିବାରୁ ଏହି ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଲେଅଫ୍ ଡଟ୍ ଏଫ୍‌ୱାଇଆଇ ତଥ୍ୟ ଅନୁସାରେ ହାଇକ୍, ବିପ୍‌କାର୍ଟ, ଆଷ୍ଟ୍ରା, ଓହମ୍ ମୋବିଲିଟି, କୋଡ୍ ପ୍ୟାରୋଟ୍, ବ୍ଲିପ୍, ସବ୍‌ଟଲ୍ ଏଆଇ, ଓଟିପାଏ, ଲଗ୍ ୯ ମାଟେରିଆଲ୍ ଓ ଏଏନ୍‌ଏସ୍ କମର୍ସ ଭଳି ଷ୍ଟାର୍ଟଅପ୍ ନାମ ବନ୍ଦ ତାଲିକାରେ ରହିଛି। ବି୨ସି ଇ-କମର୍ସ କ୍ଷେତ୍ରରେ ସର୍ବାଧିକ ୫୭୭୬ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଥିବା ବେଳେ ଏଣ୍ଟରପ୍ରାଇଜ୍ ସଫ୍ଟୱେର୍‌ରେ ୪୧୭୪ ଓ ସଫ୍ଟୱେର୍ ଆଜ୍ ଏ ସର୍ଭିସ୍ (ସାସ୍) କ୍ଷେତ୍ରରେ ୨୭୮୫ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହି ସଂସ୍ଥାଗୁଡ଼ିକ ବନ୍ଦ ହେବା ପଛର କାରଣଗୁଡ଼ିକ ହେଉଛି ବଜାରକୁ ସୁହାଇବା ଭଳି ଉତ୍ପାଦ ଆଣି ନ ପାରିବା, ସ୍ଥାନୀୟ ବ୍ୟବସାୟ ମଡେଲ୍ ଗଠନରେ ବିଫଳତା, ଗ୍ରାହକ ଯୋଡ଼ିବାରେ ଅତ୍ୟଧିକ ଖର୍ଚ୍ଚ, ସୀମିତ ରାଜସ୍ୱ ଏବଂ ପାଣ୍ଠିର ଘୋର ଅଭାବ।

ଫ୍ୟାସନ୍ କ୍ଷେତ୍ରରେ ୮୪୦, ମାନବ ସମ୍ବଳ ପ୍ରଯୁକ୍ତି କ୍ଷେତ୍ରରେ ୮୪୬, ଶିକ୍ଷା ପ୍ରଯୁକ୍ତିରେ ୫୪୯ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହି ସଂସ୍ଥାଗୁଡ଼ିକ ଏଭଳି ସମାଧାନ ବିକାଶ କରିଥିଲେ ଯାହା ବାସ୍ତବ ଦୁନିଆ ସମସ୍ୟା ପାଇଁ ଉଦ୍ଦିଷ୍ଟ ନଥିଲା। ସ୍ୱାସ୍ଥ୍ୟସେବା ବୁକିଂ ପ୍ଲାଟଫର୍ମରେ ୭୬୨, ନିବେଶ ପ୍ରଯୁକ୍ତିରେ ୫୭୯, ଇଣ୍ଟରନେଟ୍ ପ୍ରଥମ ବ୍ରାଣ୍ଡ୍ କ୍ଷେତ୍ରରେ ୮୧୭ଟି କମ୍ପାନି ବନ୍ଦ ହୋଇଛି। ଭାରତରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିପ୍ଳବ ଆଣିଥିଲା ଇ-କମର୍ସ। ଚଳିତ ବର୍ଷ ସେହି କ୍ଷେତ୍ରରେ ସର୍ବାଧିକ ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ କେବଳ ଗ୍ରାହକଙ୍କୁ ରିହାତି ଦେଇ ଓ ନିବେଶକଙ୍କ ଟଙ୍କା ଉପରେ ସଦାସର୍ବଦା ଭରସା କରି ସଫଳ ଷ୍ଟାର୍ଟଅପ୍ ଗଠନ କରାଯାଇପାରିବ ନାହିଁ। ୨୦୨୫ରେ ୭ଟି ଷ୍ଟାର୍ଟଅପ୍ ବର୍ଷକେ ଭିତରେ ବନ୍ଦ ହୋଇଯାଇଛି। ୨୦୨୪ରେ ମାତ୍ର ଗୋଟିଏ ଷ୍ଟାର୍ଟଅପ୍ ଏଭଳି ଅଳ୍ପ ସମୟରେ ବନ୍ଦ ହୋଇଥିଲା।




## ୨୦୨୪ ତୁଳନାରେ ୩୦% ଅଧିକ

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୨୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୪୮୦ ଓ ୧,୧୪,୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୫୫,୦୦୦ ଟଙ୍କା ହୋଇଛି।

# ରାଜ୍ୟବ୍ୟାପୀ ଗଙ୍ଗାଘାଟ, ନଦୀ, ପୋଖରୀ, ଅସ୍ଥାୟୀ ଜଳାଶୟରେ ଛଟ୍‌ପୂଜା

କୋଲକାତା, ୨୭।୧୦(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ହିନ୍ଦିଭାଷୀଙ୍କ ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। କୋଲକାତା, ହାଓଡା, ହୁଗୁଳୀ, ଉତ୍ତର-ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ୟୁପି, ବିହାରବାସୀଙ୍କ ସଂଖ୍ୟା ଅନେକ। ସୋମବାର ଛଟ୍‌ପୂଜା ଅବସରରେ ଗଙ୍ଗାଘାଟ, ନଦୀ, ପୋଖରୀ ଅସ୍ଥାୟୀ ଜଳାଶୟରେ ଛଟ୍ ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାକୁ ଘାଟରେ ଭିଡ ଜମାଇଥିଲେ। ବିଭିନ୍ନ ସ୍ଥାନରେ ଦେଖାଯାଇଥିଲା ଯେ ବ୍ରତଧାରୀମାନେ ମାନସିକ ପୂରଣ ଲାଗି ଦଣ୍ଡମାରି ଆସି ଗଙ୍ଗା ଘଟରେ ଅର୍ଘ୍ୟ ଅର୍ପଣ କରିଲେ। ପ୍ରତିଟି ଗଙ୍ଗାଘାଟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ଗଙ୍ଗାବକ୍ଷରେ ତଟ ସୁରକ୍ଷା ବାହିନୀ ବୋଟ୍‌ରେ ନଜରଦାରୀରେ ମାଧମରେ ଚାଲିଲା ପୂଜା। ପରିଚ୍ଛନ୍ନ ପରିଷ୍କାର ଗଙ୍ଗା ଘାଟ। ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରିତ ସୁବ୍ୟବସ୍ଥା ମଧରେ ବଢି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀମାନେ। ମଙ୍ଗଳବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବ୍ରତ ଭାଙ୍ଗିବେ। ପରିବାର, ଦେଶ ଓ ସମାଜର ମଙ୍ଗଳକାମନା କରିବେ। ସୁରୁଖରରେ ପୂଜାକାର୍ଯ୍ୟକୁ ତଦାରଖ କରୁଛନ୍ତି ପ୍ରଶାସନ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ବାଂଲାଦେଶରେ ସୁଦାମ ହେମ୍ବ୍ରମ, ଫେରିବାକୁ ନେଇ ନାନା ଜଳ୍ପନା

କୋଲକାତା, ୨୭।୧୦(ସଂଚାର ବ୍ୟୁରୋ): କେବଳ ମାତ୍ର ଗୋଟିଏ କଥା 'ଜୟ ଜଗନ୍ନାଥ', ଏହି କଥାର ସୁତ୍ର ଧରି ଜନାବ ଅବଦୁଲ ଗନି ଫିଂଟୁ ବୁଝିପାରିଥିଲେ ଯେ ସେହି ଭ୍ରମଣକାରୀଙ୍କ ଠିକଣା ଭାରତର ଓଡ଼ିଶା ହୋଇପାରେ। ପ୍ରାୟ ଆଠ ବର୍ଷ ପୂର୍ବେ, ବାଂଲାଦେଶର ନବାବଗଞ୍ଜର ଗୋଲାବାଡି ରେଳ ଷ୍ଟେସନରେ ସେହି ଓଡ଼ିଆ ଭାଷାଭାଷୀ ଭ୍ରମଣକାରୀଙ୍କୁ ଦେଖି ଅଟକାଇବାକୁ ଯାଇ ନିର୍ମମ ଭାବରେ ମାଡ଼ ଖାଇ ତାଙ୍କ ନାକ ଏବଂ ମୁହଁ ଫାଟି ଯାଇଥିଲା। ପ୍ରକୃତରେ, ଫିଂଟୁ ମାନସିକ ଅସ୍ଥିର ଲୋକଙ୍କ ପାଇଁ ଏକ ଆଶ୍ରୟସ୍ଥଳ ତିଆରି କରିଛନ୍ତି। ଅକ୍ଟୋବରେ ୨୦ ତାରିଖରେ ଜନାବ ଅବଦୁଲ ଗନି ଫିଂଟୁ ଯିଏ ମାନବିକ ସାହିତ୍ୟ କେନ୍ଦ୍ରର ପ୍ରତିଷ୍ଠାତା ଓ ସଭାପତି ସାମାଜିକ ସଂଗଠନ ଦ୍ୱାରା ଉଦ୍ଧାର ହୋଇ ଏବେ ବାଂଲଦେଶରେ। ତାଙ୍କର ମାନସିକ ଅବସ୍ଥା ଭଲନାହିଁ। ଏପର୍ଯ୍ୟନ୍ତ, ସେ ଏହି ଧରଣର ୨୨ ଜଣ ମାନସିକ ଅସ୍ଥିର ଲୋକଙ୍କ ଠିକଣା ଖୋଜି ସେମାନଙ୍କର ଆଇନଗତ ଜଟିଳତାକୁ ଦୂର କରି ସେମାନଙ୍କୁ ଦେଶକୁ ଫେରାଇ ଆଣି ପାରିଛନ୍ତି। ଆଠ ବର୍ଷ ପରେ, ସେହି ଜଗନ୍ନାଥଙ୍କର ନାଁ ନେଇଥିବା ଲୋକଟିକୁ ଅନେକ ଦୁର୍ବଳ ମନେ ହେଉଥିଲା ଫିଂଟୁଙ୍କର। ସେ ଖାଦ୍ୟ ପାଇଁ ତାଙ୍କ ପାଖକୁ ଯିବାକୁ ଚାହିଁଥିଲେ। ସେଥିପାଇଁ ଫିଂଟୁ ତାଙ୍କ ବନ୍ଧୁମାନଙ୍କୁ ଡାକି ଖାଦ୍ୟ ଦେଇଥିଲେ। ଏଥର, ତାଙ୍କୁ କିଛି ଜୋର ଜବରଦସ୍ତି କରିବାକୁ ପଡ଼ିନଥିଲା। ସେହି ମାନସିକ ଭାରସାମ୍ୟହୀନ ବ୍ୟକ୍ତିଙ୍କର ବଡ଼ କେଶ, ଦାଢ଼ି, ନଖ ଥିଲା ଏବଂ ଏକ ଚିରା ଲୁଙ୍ଗି ଏବଂ ପଞ୍ଜାବୀ ପିନ୍ଧିଥିଲେ। ସେ ହ୍ୟାମ ରେଡିଓର ପଶ୍ଚିମବଙ୍ଗ ରେଡିଓ କ୍ଲବକୁ ଫଟୋ ପଠାଇଥିଲେ। ଆରମ୍ଭ ହୁଏ ତଲାସୀ। ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାର ବାରାସାହି ଜଗନ୍ନାଥପୁର ଗ୍ରାମର ପରିବାରଙ୍କୁ ଖୋଜାଖୋଜି କରି ବାହାର କରାଯାଇଥିଲା। ପରିବାର ସୂତ୍ରରୁ ଜଣାପଡେ ଯେ, ସୁଦାମ ହେମ୍ବ୍ରେମ୍ ୧୫ ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ। ତାଙ୍କ ପିତା ମୃତ କିଶୋର ହେମ୍ବ୍ରେମ୍। ସେ ପେଶାରେ ଜଣେ ଚାଷୀ ଥିଲେ। ସୁଦାମ ମଧ ଚାଷ କରୁଥିଲେ। ସେ ହଠାତ୍ ଗୋଟିଏ ଦିନ ନିଖୋଜ ହୋଇଯାଇଥିଲେ। ତା'ପରେ ହୋମ ରେଡିଓର ପଶ୍ଚିମବଙ୍ଗ ରେଡିଓ କ୍ଲବର ସଦସ୍ୟ ମାର୍ଫତ କକାଙ୍କୁ ଭିଡିଓ ମାଧମରେ ଦେଖନ୍ତି ସୁଭାଷ ହେମ୍ବ୍ରେମ୍। ପରିବାର ଶୀଘ୍ର ତାଙ୍କୁ ଦେଶକୁ ଫେରାଇ ଆଣିବାକୁ ଚାହାଁନ୍ତି। ସୁଭାଷ କହିଛନ୍ତି ସେତେବେଳେ ମୁଁ ଛୋଟ ଥିଲି। ମୁଁ ଶୁଣୁଥିଲି ଯେ ମୋ କକା ନିଖୋଜ ଅଛନ୍ତି। ମୁଁ ଟିଭି ବା ମୋବାଇଲରେ ହଜିଯାଇଥିବା ଲୋକଙ୍କୁ ଫେରି ଆସୁଥିବାର ଦେଖିଛି, ମୁଁ କାହାଣୀ ଭାବୁଥିଲି। ଆଜି, ମୋ ଜୀବନରେ ବାସ୍ତବତାରେ ସତ ହୋଇଛି। ଇତିମଧରେ ବାଂଲାଦେଶରୁ ନିଜ ଗାଁକୁ ଫେରାଇ ଆଣିବାକୁ ଉତ୍ପଳ ରାୟ ରାଷ୍ଟ୍ରପତି ସହ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସଂପର୍କରେ ସମସ୍ତ ତଥ୍ୟ ଦେଇ ଚିଠି ଲେଖିଛନ୍ତି। ସୁଦାମ ହେମ୍ବ୍ରମକୁ ଯଥା ଶୀଘ୍ର ଫେରାଇ ଆଣିବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ହ୍ୟାମ ରେଡିଓ ପଶ୍ଚିମବଙ୍ଗର ସଂପାଦକ ଅମ୍ବରୀଶ ନାଗ ବିଶ୍ୱାସ କହିଛନ୍ତି ତାଙ୍କ ସଂଗଠନ ବାଂଲାଦେଶ ହାଇ କମିଶନର ଓ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିଛନ୍ତି। ଆଶା କରାଯାଉଛି ସେ ଖୁବ ଶୀଘ୍ର ଏହି ମାନସିକ ଭାରସାମ୍ୟହୀନ ବ୍ୟକ୍ତିଙ୍କୁ ଫେରାଇ ଆଣିବେ।



୮ ବର୍ଷ ହେଲା ନିଖୋଜ ଥିଲା

## ମାଡ୍ରାସ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# କ୍ରିପ୍ଟୋକରେନ୍ସିକୁ ସମ୍ପତ୍ତି ମାନ୍ୟତା



ନୂଆଦିଲ୍ଲୀ, ୨୭।୧୦: ଡିଜିଟାଲ ମୁଦ୍ରା କ୍ରିପ୍ଟୋକରେନ୍ସିକୁ ମାଡ୍ରାସ ହାଇକୋର୍ଟ 'ସମ୍ପତ୍ତି' ମାନ୍ୟତା ଦେଇଛନ୍ତି। ଏଥି ସହିତ ଭାରତୀୟ ଆଇନ ଅଧୀନରେ କ୍ରିପ୍ଟୋ ସମ୍ପର୍କିତ ବିବାଦଗୁଡ଼ିକର ଫଇସଲା କରିବା ବାଟ ଫିଟିଛି। ଜଷ୍ଟିସ୍ ଏନ୍ ଆନନ୍ଦ ଭେଙ୍କଟେଶ କହିଛନ୍ତି ଯେ କ୍ରିପ୍ଟୋକରେନ୍ସି ଏକ ସମ୍ପତ୍ତି ବୋଲି କୌଣସି ଦ୍ୱନ୍ଦ୍ୱ ନାହିଁ। ଏହାକୁ ଦେଖିହେବ ନାହିଁ କିମ୍ବା ଏହା ମୁଦ୍ରା ବି ନୁହେଁ। କିନ୍ତୁ ଏହା ଏକ ସମ୍ପତ୍ତି ଯାହାକୁ ଉପଭୋଗ କରିହେବ ଏବଂ ସେଥିରୁ ଲାଭ ମିଳିପାରିବ। ଏହାକୁ ବିଶ୍ୱାସର ସହ ରଖିହେବ ବୋଲି ସେ କହିଛନ୍ତି। ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟ ଅନେକ କ୍ରିପ୍ଟୋ ନିବେଶକମାନଙ୍କ ମନୋବଳ ବଢ଼ାଇଛି। ଯେଉଁମାନେ କ୍ଷତିର ଶିକାର ହୋଇଛନ୍ତି, ସେମାନେ ଆଗକୁ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିପାରିବେ। ୱଜିରଏକ୍ସ ନାମକ ଏକ କ୍ରିପ୍ଟୋ ଏକ୍ସଚେଞ୍ଜରେ ୨୦୨୪ରେ ସାଇବର୍ ଆକ୍ରମଣ ଘଟିଥିଲା। ଏହାର ପ୍ରଭାବରେ ଅନେକ ନିବେଶକ ନିଜର କ୍ରିପ୍ଟୋକରେନ୍ସି ହରାଇଥିଲେ। ସେମାନେ ୱଜିରଏକ୍ସ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସିଙ୍ଗାପୁର ହାଇକୋର୍ଟ ୱଜିରଏକ୍ସକୁ କ୍ରିପ୍ଟୋକରେନ୍ସିର ସୁରକ୍ଷାକାରୀ ଭାବେ ମାନ୍ୟତା ଦେଇନଥିଲା। ଫଳରେ ନିବେଶକ ତାହାର ପଦପେକ୍ଷଗୁଡ଼ିକୁ ଚ୍ୟାଲେଞ୍ଜ କରିପାରୁନଥିଲେ।

# ସାମୁଦ୍ରିକ ମାର୍ଗରେ ୯୫% ବାଣିଜ୍ୟ

ନୂଆଦିଲ୍ଲୀ, ୨୭।୧୦: ସାମୁଦ୍ରିକ କ୍ଷେତ୍ର ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ପରିମାଣ ଆକାରରେ ପ୍ରାୟ ୯୫ ପ୍ରତିଶତ ବାଣିଜ୍ୟ ସାମୁଦ୍ରିକ ମାର୍ଗରେ ହେଉଛି। ମୂଲ୍ୟ ଅନୁସାରେ ଏହା ପ୍ରାୟ ୭୦ ପ୍ରତିଶତ। ଅଶୋଧିତ ତେଲଠାରୁ ଆରମ୍ଭ କରି କୋଇଲା, ଇଲେକ୍ଟ୍ରୋନିକ୍ସ, ବୟନ, କୃଷି ସାମଗ୍ରୀ ଆଦିର ରପ୍ତାନି ଓ ଆମଦାନି ସାମୁଦ୍ରିକ ମାର୍ଗରେ ହେଉଛି। ତେଣୁ ଭାରତର ବହିର୍ବାଣିଜ୍ୟ ଏବଂ ଅଭିବୃଦ୍ଧି କାହାଣୀରେ ସାମୁଦ୍ରିକ କ୍ଷେତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଦେଶର ସାମୁଦ୍ରିକ ବାଣିଜ୍ୟକୁ ମଜଭୁତ କରିବା ଲାଗି ମାରିଟାଇମ୍ ଇଣ୍ଡିଆ ଭିଜନ ୨୦୩୦କୁ କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ ୧୫୦ରୁ ଅଧିକ ପଦକ୍ଷେପ ରହିଛି ଯେଉଁଗୁଡ଼ିକ ପାଇଁ ୩ରୁ ୩.୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହେବ। ଜାହାଜ ତିଆରି ପାଇଁ ୬୯,୭୨୫ କୋଟି ଟଙ୍କାର ପ୍ୟାକେଜ ସହିତ ଏହି ଯୋଜନାରେ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଜାହାଜ କ୍ଷମତା ବୃଦ୍ଧି, ଅନ୍ତର୍ଦେଶୀୟ ଜଳମାର୍ଗକୁ ପ୍ରୋତ୍ସାହନ ଭଳି କାର୍ଯ୍ୟକ୍ରମ ରହିଛି। ୨୦୨୪-୨୫ ଆର୍ଥିକବର୍ଷରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକ ପ୍ରାୟ ୮୫୫ ନିୟୁତ ଟନ୍ ମାଲ୍ ପରିଚାଳନା କରିଛନ୍ତି। ପୂର୍ବବର୍ଷର ୮୧୯ ନିୟୁତ ଟନ୍ ତୁଳନାରେ ଏହା ଯଥେଷ୍ଟ ଅଧିକ।

ବିଗତ ଦଶନ୍ଧି ମଧରେ ଭାରତର ବନ୍ଦରଗୁଡ଼ିକର କ୍ଷମତା ପ୍ରାୟ ଦୁଇଗୁଣା ବୃଦ୍ଧି ଘଟିଛି। ଦଶନ୍ଧି ପୂର୍ବେ ବନ୍ଦରଗୁଡ଼ିକର ବାର୍ଷିକ କ୍ଷମତା ୧୪୦୦ ନିୟୁତ ଟନ୍ ଥିବାବେଳେ ସଂପ୍ରତି ଏହା ୧୫୯୪ ନିୟୁତ ଟନ୍‌ରେ ପହଞ୍ଚିଛି। କେବଳ ସେତିକି ନୁହେଁ, ବନ୍ଦରଗୁଡ଼ିକର ପରିଚାଳନାରେ ମଧ ଉନ୍ନତି ଆସିଛି। ଗୋଟିଏ ଜାହାଜ ବନ୍ଦରରେ ପହଞ୍ଚି ଛାଡ଼ିବା ଲାଗି ପୂର୍ବରୁ ୯୩ ଘଣ୍ଟା ଲାଗୁଥିଲା। କିନ୍ତୁ ସଂପ୍ରତି ଏହା ୪୮ ଘଣ୍ଟାକୁ ହ୍ରାସ ପାଇଛି। ବନ୍ଦରଗୁଡ଼ିକର ପରିଚାଳନା ଅନୁପାତ ପୂର୍ବରୁ ୭୩ ପ୍ରତିଶତ ଥିବାବେଳେ ସଂପ୍ରତି ଏହା ୪୩ ପ୍ରତିଶତ ରହିଛି। ଅର୍ଥାତ୍ ବନ୍ଦରଗୁଡ଼ିକର ପରିଚାଳନା ଦକ୍ଷତାରେ ଯଥେଷ୍ଟ ଉନ୍ନତି ଆସିଛି। ଦେଶର ଜାହାଜ ଚଳାଚଳ କ୍ଷେତ୍ର ଆଗକୁ ବଢ଼ିଛି। ଭାରତର ଜାହାଜ ଚଳାଚଳ ସଂଖ୍ୟା ୧୨୦୫ରୁ ବୃଦ୍ଧି ପାଇ ୧୫୪୯ରେ ପହଞ୍ଚିଛି। ଜାହାଜଗୁଡ଼ିକର ଗ୍ରସ୍ ଟନେଜ୍ ବା ମୋଟ ମାଲ ପରିବହନ କ୍ଷମତା ୧୦ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୧୩.୫୨ ନିୟୁତ ଟନ୍ ଛୁଇଁଛି। ଉପକୂଳରେ ଚଳାଚଳ କରୁଥିବା ଜାହାଜ ଜରିଆରେ ପରିବହନ ପ୍ରାୟ ଦୁଇଗୁଣା ବୃଦ୍ଧି ପାଇ ୧୬୫ ନିୟୁତ ଟନରେ ପହଞ୍ଚିଛି। ଜାହାଜଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଖ୍ୟା ଦୁଇଗୁଣା ବୃଦ୍ଧି ଘଟି ୩ ଲକ୍ଷରୁ ଅଧିକ ରହିଛି। ବିଶ୍ୱରେ ଜାହାଜରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟାକୁ ଦେଖିଲେ ଭାରତର ଅଂଶ ପ୍ରାୟ ୧୨ ପ୍ରତିଶତ।



# ୨୪ଟି ଦେଶକୁ କାର୍ ରପ୍ତାନି ବଢ଼ିଲା

ନୂଆଦିଲ୍ଲୀ, ୨୭।୧୦: ବିଦେଶରେ ଭାରତୀୟ କାର୍‌ର ଚାହିଦା ରହିଛି। ସେଥିପାଇଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କାର୍ ରପ୍ତାନି ଗତବର୍ଷ ତୁଳନାରେ ୧୮.୪ ପ୍ରତିଶତ ବୃଦ୍ଧି ପାଇ ୪,୪୫,୮୪୪ ହୋଇଛି। ଗତବର୍ଷ ସେହି ସମୟରେ ବିଦେଶକୁ ୩,୭୬,୬୭୯ କାର୍ ପଠାଯାଇଥିଲା। ୨୪ଟି ଦେଶକୁ ଭାରତର ଗାଡ଼ି ରପ୍ତାନି ବଢ଼ିଛି। ଚଢ଼ା ଶୁଳ୍କ ପ୍ରଭାବରେ ଆମେରିକାକୁ ରପ୍ତାନି କମ୍ ହୋଇଛି। ଦକ୍ଷିଣ କୋରିଆ, ୟୁଏଇ, ଜର୍ମାନୀ, ଟୋଗୋ, ଇଜିପ୍ଟ, ଭିଏତ୍‌ନାମ, ଇରାକ, ମେକ୍ସିକୋ, ରୁଷ, କେନିଆ, ନାଇଜେରିଆ, କାନାଡା, ପୋଲାଣ୍ଡ, ଶ୍ରୀଲଙ୍କା, ଓମାନ, ଥାଇଲ୍ୟାଣ୍ଡ, ବାଂଲାଦେଶ, ବ୍ରାଜିଲ, ବେଲଜିୟମ, ଇଟାଲୀ ଓ ତାଞ୍ଜାନିଆକୁ ଭାରତ ଗତବର୍ଷ ତୁଳନାରେ ଅଧିକ କାର୍ ପଠାଇଛି। ମାରୁତି ସୁଜୁକି ସର୍ବାଧିକ ୨,୦୫,୭୬୩, ହୁଣ୍ଡାଇ ମୋଟର ଇଣ୍ଡିଆ ୯୯,୫୪୦, ନିଶାନ ମୋଟର ଇଣ୍ଡିଆ ୩୭,୬୦୫, ଫକ୍ସୱାଗନ ଇଣ୍ଡିଆ ୨୮,୦୧୧, ଟୟୋଟା କିର୍ଲୋସ୍କେର ମୋଟର ୧୧,୮୮୦, କିଆ ଇଣ୍ଡିଆ ୧୩,୬୬୬ ଓ ହୋଣ୍ଡା କାର୍ସ ଇଣ୍ଡିଆ ୧୩,୨୪୩ କାର୍ ରପ୍ତାନି କରିଥିବା ଭାରତୀୟ ଅଟୋମୋବାଇଲ୍ ନିର୍ମାତା ସୋସାଇଟି (ସିଆମ୍) ତଥ୍ୟରୁ ଜଣାପଡ଼ିଛି।

● ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

## ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସାଧୁତାର ଶପଥ ପାଠ



**ସୁବର୍ଣ୍ଣପୁର,୨୭।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ୨୦୨୫, ଅକ୍ଟୋବର ୨୭ ତାରିଖ ଠାରୁ ୦୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭାବେ ' ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ ପ୍ରସଙ୍ଗକୁ ଭିତ୍ତି କରି ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରାଯାଉଛି। ଏହି ଅବସରରେ ଆଜି ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ କମିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ ଶିବିରରେ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପୂର୍ବାହ୍ନ ୧୧.୦୦ ଘଟିକାସମୟରେ ସାଧୁତାର ଶପଥ ପାଠ କରାଇଥିଲେ। ଅନୁରୂପ ଭାବେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ ସାଧୁତାର ଶପଥ ପାଠ କରାଇଥିଲେ। ଏତଦ୍ ବ୍ୟତୀତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ସରକାରୀ ଅଧିକାରୀ, କର୍ମଚାରୀମାନେ ନିଜନିଜ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ କରିଥିଲେ।

# ମାତିଛନ୍ତି ଶିକାରୀ, ବିପଦରେ ଜଙ୍ଗଲୀ ଜନ୍ତୁ

### ସୁରକ୍ଷା ଦେଇ ପାରୁନି ବନ ବିଭାଗ



**ଶିମିଳିପାଳ,୨୭।୧୦ (ସଂଚାର ବ୍ୟୁରୋ):** ମାତିଛନ୍ତି ପଥରମାଫିଆ। ଶିମିଳିପାଳରୁ ଆସିଛି ଏଭଳି ଚାଞ୍ଚଲ୍ୟକର ଖବର । ବଫରଜୋନରେ ଚାଲିଛି ବେଆଇନ ବିସ୍ଫୋରଣ। ଆଉ ସବୁ ଦେଖି ଚୁପ ବସିଛି ଜଙ୍ଗଲ ବିଭାଗ। ଢେଙ୍କାନାଳରେ ବି ଖୋଲାଖୋଲି ପଥର ଲୁଟ୍ ଚାଲିଛି। ଦିନରାତି ପାହାଡ଼ରେ ଚାଲିଛି ବେଆଇନ୍ ବିସ୍ଫୋରଣ । ଶିମିଳିପାଳର ଇକୋ ସେନ୍ସିଟିଭ ଏରିଆ । ବଫର ଜୋନରେ ବେଆଇନ୍ ବିସ୍ଫୋରଣ। ମାତିଛନ୍ତି ମାଫିଆ, ବେଧଡ଼କ ଫଟାଯାଉଛି ପାହାଡ଼ । ବ୍ୟାଘ୍ର ଅଭୟାରଣ୍ୟର ବୁକୁ ଚିରି ଲୁଟୁଛନ୍ତି। ଲୁଚି ଛପି ନୁହେଁ, ବରଂ ବନସୁରକ୍ଷା କାର୍ଯ୍ୟାଳୟ ସାମ୍ନାରେ ଏସବୁ ଚାଲିଛି । କାର୍ଯ୍ୟାଳୟ ଚାରିପଟକୁ ଏମିତି ସଜେଇ ଦେଇଛନ୍ତି, ମନେହେଉଛି, ଯେମିତି ଗୋଟିଏ ପଥର ଗୋଦାମ। ସବୁ ଦେଖି ଚୁପ୍ ବସିଛି ଜଙ୍ଗଲ ବିଭାଗ। ହେଲେ ଶିମିଳିପାଳର ବଡ଼ପଥର ଅଞ୍ଚଳର ବହଳଦା ଜଙ୍ଗଲରେ ମାଫିଆଙ୍କ ଲୁଟ୍‌ତରାଜକୁ ସାମ୍ନାକୁ ଆଣିବା ଲାଗି ଗ୍ରାଉଣ୍ଡ ଜିରୋରେ ପହଞ୍ଚିଛି କନକ ନ୍ୟୁଜ୍ । ଆମ କ୍ୟାମେରାରେ ଯାହା କଏଦ ହୋଇଛି ତାହା ପ୍ରମାଣ କରିଛି ମାଫିଆ-ଜଙ୍ଗଲ ବିଭାଗ ପରସ୍ପର ଠାରୁ ଦୂରରେ ନାହାନ୍ତି । ଢେଙ୍କାନାଳରେ ବି ଖୋଲାଖୋଲି ପଥର ଲୁଟ୍ ଚାଲିଛି। ଦିନରାତି ପାହାଡ଼ରେ ଚାଲିଛି ବେଆଇନ୍ ବିସ୍ଫୋରଣ । ପଥର ଫଟା ଯୋଗୁଁ ବାରମ୍ବାର ସ୍ଥାନୀୟ ଅଞ୍ଚଳରେ ଧନଜୀବନ ହାନୀ ଘଟୁଛି । ସରକାର କୋଟିକୋଟିର ରାଜସ୍ୱ ହରାଉଛନ୍ତି, ହେଲେ ଚେତୁନାହାନ୍ତି ଖଣି ଅଧିକାରୀ କି ତତ୍ପରତା ଦେଖାଉନି ପ୍ରଶାସନ । ଜଙ୍ଗଲରେ ଜନ୍ତୁଙ୍କୁ ଦିଆଯାଇପାରୁନାହିଁ ସୁରକ୍ଷା। ଏହାକୁ ନେଇ ସବୁଠି ଉଦ୍‌ବେଗ। ବଦନାମ ହେଉଛନ୍ତି ସରକାର । ହେଲେ ତାକୁ ବଳିଗଲାଣି ପଥର ମାଫିଆଙ୍କ ହରକତ । ଜଙ୍ଗଲ ବିଭାଗରେ ଜଙ୍ଗଲିରାଜ ଚାଲିଛି କି? ଏବେ ଜୋର ଧରିଲାଣି ଏମିତି ଚର୍ଚ୍ଚା ।

## ମହୁମାଛି ଆକ୍ରମଣରେ ବ୍ୟବସାୟୀଙ୍କ ମୃତ୍ୟୁ

**ଜୟପୁର,୨୭।୧୦(ସଂଚାର ବ୍ୟୁରୋ):** ଜୟପୁର ପାରାବେଡା ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ପ୍ରଦୀପ କୁମାର ସାହୁ(୬୫)ଙ୍କ ମହୁମାଛି ଆକ୍ରମଣ ଆଜି ଅପରାହ୍ନରେ ମୃତ୍ୟୁ ଘଟିଛି। ପ୍ରତିଦିନ ପରି ଆଜି ମଧ୍ୟ ସ୍ୱର୍ଗତ ପ୍ରଦୀପ ସାହୁ ପଲକାପୁଟ ସ୍ଥିତ ଇଟା ଫେକ୍ଟ୍ରି ଦେଖିବାକୁ ଯାଇଥିଲେ। ସେଠାରେ ସେ ବୁଲି ଦେଖିବା ସମୟରେ ଏକ ଗଛରେ ମହୁମାଛି ବସା ହୋଇଥିଲା। ହଠାତ ମହୁମାଛି ମାନେ ଆକ୍ରମଣ କରିବାକୁ ଆସିବାରୁ ଶ୍ରୀ ସାହୁଙ୍କ ହୃଦଘାତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ ଆଣିବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନାରେ



ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରିରକୁ ପାରବେଡା ସ୍ଥିତ ବାସଭବନକୁ ଆଣିବା ପରେ ସେଠାରେ ତାଙ୍କ ବନ୍ଧୁ ବର୍ଗ ଶେଷଦର୍ଶନ କରିଥିଲେ।

## ବାତ୍ୟା ମୁକାବିଲା ନେଇ ଜରୁରୀକାଳୀନ ବୈଠକ

**ବୋରିଗୁମ୍ମା,୨୭।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ସଭାଗୃହ ଠାରେ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ମୁକାବିଲା ନିମନ୍ତେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା।



ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ନୋଡାଲ ଅଧିକାରୀ ଭାବେ କୋରାପୁଟ ଡେପୁଟି ଡ଼ାଇରେକ୍ଟର ଅଫ ହର୍ଟିକଲଚର ସୁଦାମ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ବୋରିଗୁମ୍ମା ବ୍ଲକ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି।ଏଣୁ ସମସ୍ତ ବିଭାଗ କୁ ସଜାଗ ରହିବା ପାଇଁ ନୋଡାଲ ଅଧିକାରୀ ଶ୍ରୀ ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ।ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ, କୃଷି, ଶିକ୍ଷା, ବିଦ୍ୟୁତ, ଉଦ୍ୟାନ, ପଶୁ ସଂପଦ ଭଳି ବିଭାଗ କୁ କିପରି ସମ୍ଭାବ୍ୟ ବାତ୍ୟା କୁ ମୁକାବିଲା କରିହେବ ସେ ନେଇ ପ୍ରସ୍ତୁତ ରହିବା ପାଇଁ କହିଥିଲେ। ସମ୍ଭାବ୍ୟ ବାତ୍ୟା ଦ୍ୱାରା ଯେପରି ଜୀବନ ହାନି ହେବ ନାହିଁ, ସେଥି ପ୍ରତି ନଜର ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ଭାବ୍ୟ ବାତ୍ୟା ର ସୂଚନା ପ୍ରଦାନ ନିମନ୍ତେ ୨୪ ଘଣ୍ଟିଆ ବ୍ଲକ କଣ୍ଟ୍ରୋଲ ରୁମ ନମ୍ବର--୯୦୭୮୬୨୪୨୦୫ ରେ ଫୋନ କରି ପାରିବେ ବୋଲି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପାରିବାରିକ କଳିରୁ ବିଷପାନ କରି ବିବାହିତା ମହିଳା ଗୁରୁତର

**ବୈଶିଙ୍ଗା,୨୭।୧୦(ସଂଚାର ବ୍ୟୁରୋ):** ପାରିବାରିକ କଳହ କୁ ନେଇ ଜନୈକ ମହିଳା ବିଷ ପାନ କରି ଗୁରୁତର ଭାବେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ରଥୁଆ ସିଂ



ର ସ୍ତ୍ରୀ କୁନି ସିଂ(୩୫) ସ୍ୱାମୀ ଓ ଶାଶୁର ନିର୍ଯ୍ୟାତନା ସହି ନ ପାରି ମୂଷା ମରା ବିଷ ଖାଇ ଦେଇଥିବା ନିଜେ କୁନି ପ୍ରକାଶ କରିଛନ୍ତି। ବିଷ ଖାଇ ଥିବା ଜାଣି ପରିବାର ଲେକେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ରେଫର କରା ଯାଇଥିବା ଜଣାଯାଇଛି।

## ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୨୭।୧୦(ସଂଚାର ବ୍ୟୁରୋ):** ସୋମବାର ରାଜଗାଙ୍ଗପୁର ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ



୧୨୦ ଗୋଟି ଅଭିଯୋଗ ମଧ୍ୟରୁ ୩୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୮୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଫୁଟବଲ୍ ନେଲା ଜୀବନ, ଖେଳୁଖେଳୁ ଟଳି ପଡ଼ିଲେ ଯୁବକ

**ନୀଳଗିରି,୨୭।୧୦(ସଂଚାର ବ୍ୟୁରୋ):** କୁଳଡିହା ପାଦଦେଶର ଆଦିବାସୀ ଯୁବକ ଅନୀଲ। ଫୁଟବଲ୍ ଖେଳିବା ଥିଲା ତାର ନିଶା। ନୀଳଗିରି ଆଖପାଖ ଅଞ୍ଚଳର ଯେକୌଣସି ସ୍ଥାନରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ହେଲେ ଜଣେ ଖେଳାଳୀ ଭାବରେ ହେଉ କିମ୍ବା ଦର୍ଶକ ଭାବରେ



ହେଉ ସବୁଠି ତା'ର ଉପସ୍ଥିତି। ନୀଳଗିରି ବ୍ଲକ୍ କେ.ସି. ପୁର ପଞ୍ଚାୟତ ବେତକଟା ଅଞ୍ଚଳର ବାରାଖେଦା ଗ୍ରାମର ସୁରେନ୍ଦ୍ର ସୋରେନଙ୍କ ଏକମାତ୍ର ୩୨ବର୍ଷୀୟ ପୁଅ ଅନୀଲ। ନିଜଗ୍ରାମର ସାଥୀ ଖେଳାଳୀମାନଙ୍କ ସହିତ ଗତ ୧୨ତାରିଖ ରବିବାର ନିକଟସ୍ଥ ଛତ୍ରପୁର ଖେଳପଡ଼ିଆକୁ ଫୁଟବଲ ମ୍ୟାଚ ଖେଳିବାକୁ ଯାଇଥିଲା। ସେଦିନ ଥିଲା ତା' ଜୀବନର ଶେଷ ସୂର୍ଯ୍ୟୋଦୟ। ସେ କିପରି ବା ଜାଣିଥାନ୍ତା ! ପ୍ରତିଦ୍ୱନ୍ଦୀ ଅସ୍ତରଖି ଟିମ୍ ସହିତ ମ୍ୟାଚ୍ ଖେଳୁଥିବା ସମୟରେ ହଠାତ୍ ଅସ୍ତରଖୀ ଟିମ୍ ର ଗୋଲକିପରଙ୍କ ଆଣ୍ଠୁଦ୍ୱାରା ତଳିପେଟ ଓ ଛାତିରେ ଶକ୍ତଆଘାତ ଲାଗିବାରୁ ଘଟଣାସ୍ଥଳରେ ଅନୀଲ ଟଳି ପଡ଼ିଥିଲା। ନିଃଶ୍ୱାସ ପ୍ରଶ୍ୱାସନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଫକୀର ମୋହନ ମେଡିକାଲ କଲେଜ ନିଆଯାଇଥିଲା। ଅବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ୧୫ତାରିଖ କଟକ ବଡ଼ମେଡ଼ିକାଲ ନିଆଯାଇ ଅପରେସନ କରାଯାଇ ଆଇସିୟୁରେ ରଖାଯାଇଥିଲା। ତେବେ ଚେତାଶୂନ୍ୟ ଅବସ୍ଥାରେ ଆଇସିୟୁରେ ଥିବାବେଳେ ଗତ ୧୬/୧୦/୨୫ରେ ମୃତ୍ୟୁବରଣ କରିଥିଲେ।

## ଛେଳି ପାଇଁ ଜଙ୍ଗଲରୁ ଗଛ ଆଣିବାରୁ ମାଡ଼ ମାରିଲେ ଫରେଷ୍ଟ ଗାର୍ଡ

### ଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ

**ନୀଳଗିରି,୨୭।୧୦ (ସଂଚାର ବ୍ୟୁରୋ):** ଛେଳି ପାଇଁ ଜଙ୍ଗଲରୁ ଗଛ ଡାଳ ଆଣୁଥିବା ବେଳେ ଦୁର୍ବ୍ୟବହାର କରିବା ସହ



ମାଡ ମାରିଲେ ଫରେଷ୍ଟ ଗାର୍ଡ। ତେବେ ଏହି ମାଡ ସାମାନ୍ୟ କାଠ ପାଇଁ ହୋଇଥିବା ବେଳେ ବିଟ ହାଉସର ଫରେଷ୍ଟ ଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ। ସୂଚନା ନୀଳଗିରି ବନ ବିଭାଗ ଅଧୀନ ଗୋପାଳପୁର ବିଟ ହାଉସର ନିକଟ ବୟାରସାହି ଗ୍ରାମର କଟିମଣି ସିଂ ନାମକ ଜଣେ ବୃଦ୍ଧ ମହିଳା ଗତ ରବିବାର ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଛେଳି ଖାଇବା ନିମନ୍ତେ ଦୁଇଟି ଛୋଟ ଡାଳ ଭାଙ୍ଗି ଘରକୁ ଆଣୁଥିଲେ। ଗୋପାଳପୁର ବିଟ ହାଉସର ଫରେଷ୍ଟ ଗାର୍ଡ କବିତା ମହାକୁଡ ଜଙ୍ଗଲରୁ ଗଛ ଡାଳ ଆଣୁଥିବା ବିଷୟକୁ ନେଇ କଟିମଣି ଙ୍କୁ ଫରେଷ୍ଟ ଗାର୍ଡ କବିତା କାହିଁକି ଡାଳ ଭାଙ୍ଗିଲ କହି ଦୁର୍ବ୍ୟବହାର କରିବା ସହ ତାଙ୍କୁ ମାଡ ମାରିଥିଲେ। କଟିମଣୀଙ୍କୁ ଫରେଷ୍ଟ ଗାର୍ଡ କରିଥିବା ଦୁର୍ବ୍ୟବହାର ଓ ମାଡ ମାରିଥିବାର ଘଟଣା ବିଷୟରେ ନିଜ ପରିବାର ସହ ଘର ପାଖ ପୋଡଶିଙ୍କୁ ଜଣାଇଥିଲେ। ଯାହାକୁ ପ୍ରତିବାଦ କରି ଶତାଧିକ ଗ୍ରାମବାସୀ ମାନେ ସୋମବାର ସକାଳେ ବିଟ ହାଉସର କାର୍ଯ୍ୟାଳୟ ଘେରାଉ କରିବା ସହ ଫରେଷ୍ଟ ଗାର୍ଡ କବିତାଙ୍କ ଅନ୍ୟତ୍ର ବଦଳି ଦାବିରେ ଅଡିଧରି ବସିଥିଲେ ଗ୍ରାମବାସୀ।

## ଅସୁରେଶ୍ୱର ଚନ୍ଦନ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୨୭।୧୦ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୁଳଗାଁ ଇସାଳ (ପୂର୍ବଂଶ) ଗ୍ରାମର ତ୍ରିଲୋଚନ ପଣ୍ଡାଙ୍କ ଏକ ମାତ୍ର ପୁତ୍ର ରଘୁନାଥ ପଣ୍ଡା (୩୩)



ଙ୍କ ମୃତ ଦେହ ନିକଟସ୍ଥ ଚନ୍ଦନ ପୋଖରୀରୁ ରବିବାର ପୂର୍ବାହ୍ନରେ ଉଦ୍ଧାର ହୋଇଛି। ସୂଚନା ଯୋଗ୍ୟ ରଘୁନାଥ ଗତକାଲି ସନ୍ଧ୍ୟାରେ ଘରର ସଉଦା ପାଇଁ ନିକଟସ୍ଥ ବଜାରକୁ ଯାଇଥିଲେ। କିନ୍ତୁ ଘରକୁ ଆଉ ଫେରି ନଥିଲେ। ଘରଲୋକ ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ରଘୁନାଥର ସନ୍ଧାନ ମିଳିନଥିବା ବେଳେ ଆଜି ସକାଳ ୯ଟା ରେ ନିକଟସ୍ଥ ଚନ୍ଦନ ପୋଖରୀରେ ରଘୁନାଥର ସବ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳକୁ ଆସି ରଘୁନାଥର ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ। ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶବଦାହ ହୋଇଥିବା ବେଳେ ଭଣଜା ରତିକାନ୍ତ ପଣ୍ଡା ମୁଖାଗ୍ନି ଦେଇଥିଲେ। ଶବ ବ୍ୟବଚ୍ଛେଦର ରିପୋର୍ଟ ଆସିଲା ପରେ ରଘୁନାଥର ମୃତ୍ୟୁ କାରଣ ଜଣା ପଡ଼ିବ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିବା ବେଳେ ମୃତ ରଘୁନାଥ ଦୀର୍ଘବର୍ଷ ହେବ ଅଶୁରେଶ୍ୱରର ପ୍ରସିଦ୍ଧ ଶ୍ରୀ ରାମ ନବମୀରେ ଶ୍ରୀ ରାମଙ୍କ ଚରିତ୍ରରେ ସୁଆଙ୍ଗି ରୂପେ ଅଭିନୟ କରି ଆସୁଥିଲେ।।

## ନବ ସ୍ୱାକ୍ଷର ଭାରତ କାର୍ଯ୍ୟକ୍ରମର ପରୀକ୍ଷା



**କନ୍ଧମାଳ,୨୭।୧୦ (ସଂଚାର ବ୍ୟୁରୋ):** ସରକାର ନିରକ୍ଷର ମାନେ କିପରି ସ୍ୱାକ୍ଷରତା ହେବେ ସେଥିପାଇଁ ନବ ଭାରତ ସ୍ୱାକ୍ଷରତା ଅଭିଯାନ ମାଧ୍ୟମରେ ଅନପଢ଼ ବୟସ୍କ ଲୋକମାନଙ୍କୁ ପଢ଼ିବା, ଲେଖିବା ଓ ଗଣିବା ଶିଖାଇ ସ୍ୱାକ୍ଷରତା କରିବା ପାଇଁ ପ୍ରୟାସ ଚଳାଇ ଥିବା ବେଳେ ଆଜି ତା'ର ପ୍ରାଥମିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଆଜି ସାରା ଦେଶରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ ଙ୍କ ତତ୍ତ୍ୱବଧାନରେ ୪୮ ଗୋଟି ସେଣ୍ଟରରେ ୧୫ ବର୍ଷରୁ ୪୫ ବର୍ଷ ମଧ୍ୟରେ ଥିବା ନିରକ୍ଷର ମାନଙ୍କୁ ନେଇ ପ୍ରାଥମିକ ପରୀକ୍ଷା କରାଯାଇ ଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ଆସି ଗୁଦାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସେଣ୍ଟରରେ ପହଞ୍ଚି ଦେଖିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦିଗାଲ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ ବିଭିନ୍ନ ସେଣ୍ଟର କୁ ଯାଇ ପରୀକ୍ଷା କିପରି ସଠିକ ଭାବେ ପରିଚାଳିତ ହେବ ସେଥିପାଇଁ ବୁଲି ଦେଖିଥିଲେ। ଏଥିରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ୧୪ ଗୋଟି କ୍ଲଷ୍ଟରର ୪୮ ଗୋଟି ସେଣ୍ଟରରେ ୧୫୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

**ବଲାଙ୍ଗିର,୨୭।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯାଉଛି। ବଲାଙ୍ଗିର ସଦର ମହକୁମା ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡାଃ ବିଜୟାନନ୍ଦ ସେଠୀ, ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ତରଣୀ ସୁନା, ଉପ ଜିଲ୍ଲାପାଳ, ବଲାଙ୍ଗିର ଆଲୋକ କୁମାର ପଟେଲ, ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ଶାଖା, ବଲାଙ୍ଗିର ପୁଲସ୍ତି ଛତ୍ରୀୟା, ଜିଲ୍ଲା ଭେଷଜ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ମେହେର ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶପଥ ନେଇଥିଲେ।

## କାଳୀପୂଜା ଉତ୍ସବ ଦେଖିବାକୁ ଆସି ଦୁର୍ଘଟଣାର ଶିକାର



**ଯାଜପୁର ରୋଡ଼, ୨୭।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ୨୦ନଂ ଜାତୀୟ ରାଜପଥର ନୂଆଗଡ଼ ଗୋଲେଇ ଛକ ନିକଟରେ ଏକ କ୍ରେଟା କାର ଦୁର୍ଘଟଣାରେ ଜଣେ ମହିଳା ମୃତ ଓ ଅନ୍ୟ ୭ ଜଣ ଆହତ। ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସୂଚନା ମୁତାବକ କୋରେଇ ଥାନା ନୂଆଗଡ଼ ଗୋଲେଇ ଛକ ନିକଟରେ ଏକ କ୍ରେଟା କାର ଦୁର୍ଘଟଣାରେ ଜଣେ ମହିଳା ସମେତ ୮ ଜଣ ଆହତ ହୋଇ ଦାନଗଦି ମେଡିକାଲକୁ ଆସିଥିଲେ। ସୂଚନା ଅନୁଯାୟୀ କୋରେଇ ଥାନା ଅନ୍ତର୍ଗତ ବଳଦିଆ ଗ୍ରାମର ମମତା ସାମଲ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।। ଗୁରୁତର ଆହତ ଥିବା ଅଂଶୁ ଚୌଧୁରୀ ଓ ପିଙ୍କି ମାଝୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତ ମାନେ ଦାନଗଦି ମେଡିକାଲରେ ଭର୍ତ୍ତି ହୋଇ ଏବେ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଆକାଶ ମଲ୍ଲିକ ଓ ପୂଜା ମଲ୍ଲିକଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆହତ ବ୍ୟକ୍ତି ମାନଙ୍କ କହିବା ମୁତାବକ ଏକ କ୍ରେଟା କାର ତାର ଭାରସାମ୍ୟ ହରାଇ ସେମାନଙ୍କ ଉପରକୁ ମାଡି ଆସିଥିଲା। କାରଟି ଗୋଡେଇ ଗୋଡେଇ ସେମାନଙ୍କ ଉପରକୁ ଚଢ଼ି ଆସିବାରୁ ଏଭଳି ଦୁର୍ଘଟଣା ଘଟିଛି। ଏହି ଲୋକମାନେ ବ୍ୟାସନଗର ସହରକୁ କାଳିପୂଜା ଦେଖିବାକୁ ଆସି ଦୁର୍ଘଟଣାର ସମ୍ମୁଖିନ ହୋଇଥିବା ସୂଚନା ମିଳିଛି।

## ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ ସଭା

**ସମ୍ବଲପୁର,୨୭।୧୦(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ପାଳନ ୨୦୨୫ ଅବସରରେ ଏକ ଶପଥ ପାଠ ସଭା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟପାଳନ ନିମନ୍ତେ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଏବିଭିପି କଣ୍ଟାବାଞ୍ଜି ତରଫରୁ କ୍ୟାମ୍ପସ ସଫେଇ ଅଭିଯାନ

**ବଲାଙ୍ଗିର,୨୭।୧୦(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଣ୍ଟାବାଞ୍ଜି ତରଫରୁ କଣ୍ଟାବାଞ୍ଜି ସ୍ଥିତ କଣ୍ଟାବାଞ୍ଜି ଭୋକେସନାଲ ମହାବିଦ୍ୟାଳୟରେ ଆଜି କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଏକ ମହାବିଦ୍ୟାଳୟ ସଫେଇ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ଆଗାମୀ ଦିନରେ ସାରା ବଲାଙ୍ଗିରରେ କାମ କରିବ ବୋଲି କାର୍ଯ୍ୟକର୍ତ୍ତା ମତ ଦେଇଛନ୍ତି। କଲେଜ ପରିସର ପ୍ଲାଷ୍ଟିକ ମୁକ୍ତ ହେବା ସହିତ ଏକ ସୁନ୍ଦର ଶିକ୍ଷା ପରିବେଶ ହେଉ ସେଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହି ମାଧ୍ୟମରେ ସବୁ କଲେଜ କ୍ୟାମ୍ପସକୁ ଯିବ। ଏହି କାର୍ଯ୍ୟକ୍ରମରେ ବିଭାଗ ସଂଗଠନ ମନ୍ତ୍ରୀ ତଥା ପ୍ରାନ୍ତ ଏସଏଫଡି ପ୍ରମୁଖ ବିକାଶ ସାହୁ, ନଗର ଏସଏଫଡି ସଂଯୋଜକ ପ୍ରଭାତ ନେଉରା, ଆରକେଏମ ସଂଯୋଜକ ରବି ଝରା ଓ ପ୍ରଶାନ୍ତ ପୋଡ, ଆୟୁଷ ଅଗ୍ରଓ୍ୱାଲ ଓ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ତୁରୁଞ୍ଜା ଶୁଖୁଆ କିଲୋ ୫ରୁ ୬ ହଜାର

**ନବରଙ୍ଗପୁର,୨୭।୧୦(ସଂଚାର ବ୍ୟୁରୋ):** ଓଡ଼ିଆ ଲୋକଙ୍କ ପଖାଳ ସହ ଶୁଖୁଆର ନିବିଡ଼ ସମ୍ପର୍କ ରହିଛି, ଯେଉଁଠି ପଖାଳ ସେହିଠାରେ ଶୁଖୁଆ ନିଶ୍ଚିତ ଥିବ, ଖଣ୍ଡିଏ ଶୁଖୁଆରେ କଂସାଏ ଭାତ ଉଠିଯିବା ଏହି ଶୁଖୁଆ ର ଦାମ କିଲୋ ପିଛା ବେଶି ହେଲେ ହଜାରେ ଟଙ୍କା କିନ୍ତୁ ନବରଙ୍ଗପୁର ଜିଲ୍ଲାରେ ବର୍ତ୍ତମାନ ମୁଲୁଛି ତୁରୁଞ୍ଜା ଶୁଖୁଆ ସ୍ଥାନୀୟ ଭାଷାରେ ତୁରୁ ସୁକୁସି ବଜାରରେ ଏହାର ଦାମ କିଲୋ ପିଛା ୫ ରୁ ୬ ହଜାର



ପଡୁଛି ଦାମ ଆକାଶଛୁଆ ହେଲେ ମଧ୍ୟ୍ୟ ଚାହିଦା ରହିଛି ଏହାର ନିଆରା ସ୍ୱାଦ ପାଇଁ ଲୋକେ କିଣି ନେଉଛନ୍ତି। କିଛି ସ୍ଥାନୀୟ ଲୋକଙ୍କ ଅନୁଯାୟୀ ଔଷଧୀୟ ଗୁଣ ମଧ୍ୟ୍ୟ ଏହି ଶୁଖୁଆରେ ରହିଛି। ବର୍ଷ ର କେବଳ ବର୍ଷା ଯାଉଥିବ ଓ ଶୀତ ନବରଙ୍ଗପୁର ରେ ପ୍ରବେଶ କରୁଥିବା ସମୟରେ ଏହି ସୁକୁସି ବଜାର ରେ ମିଳେ। ବଜାର ରେ ମିଳୁଥିବା ଶୁଖୁଆ ରେ କ୍ୟାମିକାଲ ବୋଳା ହୋଇ ଆସୁଥିବା ଯୋଗୁଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ କିନ୍ତୁ ସୁକୁସି ନିଆଁ ଧାସ ଓ ଧୂଆଁ ରେ ଶୁଖାଯାଉଥିବା ଯୋଗୁଁ ସମ୍ପୂର୍ଣ୍ଣ ଦେଶୀ ଉପାୟରେ ବଜାର କୁ ଆସେ ତେଣୁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ନୁହେଁ। ବାଉଁଶ ପରଡ଼ା ରେ ବସିଛି ସୁନ୍ଦର ମାଛ, ମହିଳା ମାନେ ଚାଇଁ ବସିଛନ୍ତି କେଉଁ ଗ୍ରାହକ ଆସି ସେମାନଙ୍କ ତୁରୁ ଶୁକସି କିଣିବେ, ଇଏ ହେଉଛି ତୁରୁଞ୍ଜା ଶୁଖୁଆ ଏହାକୁ ତୁରୁ ଶୁକସି କହିଥାନ୍ତି, ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହାର ଚାହିଦା ଢେର ଅଧିକ ରହିଛି। ମୁଖ୍ୟତଃ ଗାଁ ଗହଳି ଏବଂ ସାପ୍ତାହିକ ହାଟରେ ଦେଖିବାକୁ ମିଳି ଥାଏ। ବର୍ଷା ସମୟରେ ତୁରୁଞ୍ଜା ମାଛ ନଦୀ ଓ ନାଳ ରୁ ଧାନ ଜମି କୁ ଆସନ୍ତି ଓ ସେହିଠାରେ ବଂଶ ବିସ୍ତାର କରନ୍ତି, ବର୍ଷା ଫେରିଯିବା ସମୟରେ ଯେଉଁ ବର୍ଷା ହୁଏ ଜମି ର ପାଣି ବର୍ଷା ହେଲେ ନଦୀନାଳ କୁ ଯିବା ସମୟରେ ଜମିରେ ମାଛ ଧରିବା ପାଇଁ ତିଆରି ହୋଇଥିବା ବିସର ଅବା ନଦୀ କୁ ଜାଇ ଏହି କଞ୍ଚା ମାଛ ସଂଗ୍ରହ କରି ଘରକୁ ଆଣି ଭଲ ଭାବରେ ସଫା କରି ଚୁଲି ଉପରେ ବାଉଁଶ ତାଟି ନିଆଁ ଧାସ ଓ ଧୂଆଁ ରେ ଶୁଖେଇଲା ପରେ ଏହା ଶୁକସି ର ରୂପ ନେଇଥାଏ। ଧୂଆଁ ହିଁ ଏହାକୁ ଏକ ନିଆରା ସ୍ୱାଦ ଦେଇଥାଏ ଯାହା ଥରେ ଯିଏ ଖାଇବ ଜୀବନ ସାରା ଭୁଲି ପାରିବ ନାହିଁ। ଏଣୁ ନବରଙ୍ଗପୁର ରୁ ପ୍ରତିବର୍ଷ ଜିଲ୍ଲା ତଥା ରାଜ୍ୟ ବାହାରେ ଥିବା ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟ ଙ୍କୁ ଏହିଠାରୁ ସୁକୁସି ଯାଇଥାଏ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କନ୍ଧମାଳ,୨୭।୧୦(ସଂଚାର ବ୍ୟୁରୋ):** ଆଜି ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ଜିଲ୍ଲାର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଏନ.ଜି.ଓ ଆଦି ବିଭିନ୍ନ ସ୍ଥାନରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉପ-ଜିଲ୍ଲାପାଳ, ବାଲିଗୁଡାଙ୍କ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣଙ୍କ ସଭାପତିତ୍ୱରେ ତଥା ଉପ-ଜିଲ୍ଲାପାଳ ପ୍ରଣିତା ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ପାଢ଼ୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡା କୃପାସିନ୍ଧୁ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ଉପସ୍ଥିତିରେ, ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ସାଧୁତାର ଶପଥ ପାଠ କରିଥିଲେ। ସେହିପରି ଭାବରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ସହିତ ପ୍ରତ୍ୟକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ପାଇଁ ସାଧୁତର ଶପଥ ପାଠ କରାଯାଇଥିଲା।

# ଲବଙ୍ଗ ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ



ଅଧିକାଂଶ ଲୋକମାନେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ମସଲା ବ୍ୟବହାର କରିଥାନ୍ତି। ଏହି ସବୁ ମସଲା ମଧ୍ୟରେ ଲବଙ୍ଗରେ ତିଆରି ମସଲା ଖାଦ୍ୟକୁ ସ୍ୱାଦିଷ୍ଟ କରିବା ସହ ବାସ୍ନା ମଧ୍ୟ ବଢାଇଥାଏ। ଅନେକ ସମୟରେ ମଧ୍ୟ ଭୁଲ ଖାଦ୍ୟ-ପାନୀୟ ଯୋଗୁ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଯାଇଥାଏ। କିନ୍ତୁ ଏହି ସବୁ ସମସ୍ୟାକୁ ଦୂର କରିବା ପାଇଁ ଆପଣ ରୋଷେଇ ଘରେ ଥିବା ଜିନିଷ ବ୍ୟବହାର କରି ପାରିବେ। ଆଜ୍ଞା ହଁ ରୋଷେଇରେ ବ୍ୟବହାର କରାଯାଉଥିବା ମସଲା ଖାଦ୍ୟକୁ ସୁଆଦିଆ କରିବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ଏହା ମଧ୍ୟରୁ ଗୋଟିଏ ହେଉଛି ଲବଙ୍ଗ, ଯେଉଁଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଏଥିସହ ପୂଜା-ପାଠ ଏବଂ ମସଲା ରୂପେ ମଧ୍ୟ ଲବଙ୍ଗ ବ୍ୟବହାର କରାଯାଇଥାଏ। ପୁରୁଷମାନଙ୍କ ପାଇଁ ଲବଙ୍ଗ ଅତ୍ୟଧିକ ଉପକାରୀ ହୋଇଥାଏ। ତେବେ ଆଜି ଆମେ ଆପଣଙ୍କୁ କହିବୁ ଲବଙ୍ଗ ବ୍ୟବହାର ଶରୀରର ପାଇଁ କିପରି ଲାଭକାରୀ ହୋଇଥାଏ। ଲବଙ୍ଗ ଦେଖିବାରେ ବହୁତ ଛୋଟ ହେଲେ ବି ବିଭିନ୍ନ ପୋଷକ ତତ୍ତ୍ୱରେ ଭରପୂର ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ବି ମୁକ୍ତି ମିଳେ। ଲବଙ୍ଗରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍ସ, କ୍ୟାଲସିୟମ୍ ଓ ହାଇଡ୍ରୋକ୍ଲୋରିକ ଏସିଡ୍ ରହିଛି। ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ବୋଧେ କମ୍ ଲୋକ ଜାଣିଥିବେ ଯେ ଲବଙ୍ଗ ଖାଇବା ଦ୍ୱାରା ଓଜନ ବି ନିୟନ୍ତ୍ରଣରେ ରହିଥାଏ।

**ଗ୍ୟାସ୍ ସମସ୍ୟାକୁ କରେ ଦୂର:** ବ୍ୟସ୍ତବହୁଳ ଜୀବନ ଏବଂ ଖରାପ ଖାଦ୍ୟ-ପାନୀୟ ମଧ୍ୟରେ ପ୍ରାୟତଃ ଲୋକମାନଙ୍କର ଗ୍ୟାସ ସମସ୍ୟା ଦେଖାଯାଇଥାଏ। ଏହି କାରଣରୁ ପ୍ରତ୍ୟେକ ଦିନ ଔଷଧ ମଧ୍ୟ ବ୍ୟବହାର କରିଥାନ୍ତି। କିନ୍ତୁ ଏହି ସମସ୍ୟାକୁ ଆପଣ ଘରୋଇ ଉପାୟରେ ଦୂର କରିପାରିବେ। ଗ୍ୟାସ ପାଇଁ ସବୁଠାରୁ ଲାଭକାରୀ ହେଉଛି ଲବଙ୍ଗ। ଗ୍ୟାସ ଏବଂ କବଜରୁ ମୁକ୍ତି ପାଇବା ପାଇଁ ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ଗୋଟେ ଗିଲାସ ପାଣିରେ କିଛି ବୁନ୍ଦା ଲବଙ୍ଗ ତେଲ ପକାଇ ସେବନ କରିବା ଦ୍ୱାରା ଏହି ସମସ୍ୟାରୁ ରକ୍ଷା ମିଳିଥାଏ।

**ଥଣ୍ଡା ପାଇଁ ଉପକାରୀ:** ଋତୁ ପରିବର୍ତ୍ତନ ସମୟରେ ସାଧାରଣତଃ ଲୋକମାନଙ୍କୁ ଜ୍ୱର ବା ଥଣ୍ଡା ହୋଇଥାଏ। ଏହି ସମୟରେ ଲବଙ୍ଗ ସେବନ କରିବା ଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିବା ସହ ଗଳାରେ ହେଉଥିବା ଯନ୍ତ୍ରଣା ମଧ୍ୟ ଦୂର ହୋଇଥାଏ।

**ଦୁର୍ଗନ୍ଧ ଦୂର କରେ:** ପାଇରିଆ ବା ଅଧିକ ସମୟ ଭୋକରେ ରହିବା ଦ୍ୱାରା ପାଟିରେ ଦୁର୍ଗନ୍ଧ ଆସିପାରେ। ଲବଙ୍ଗ ମୁହଁ ଦୁର୍ଗନ୍ଧ ଏବଂ ଦାନ୍ତ ଯନ୍ତ୍ରଣାରୁ ସର୍ବଦା ମୁକ୍ତି ଦେଇଥାଏ। ଏହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଦିନ ସକାଳୁ ଲବଙ୍ଗ ସେବନ କରନ୍ତୁ।

**ତ୍ୱଚାରୁ ଦାଗ ଦୂର କରେ:** ତ୍ୱଚାର ସୁନ୍ଦରତା ପାଇଁ ମଧ୍ୟ ଲବଙ୍ଗ ଲାଭକାରୀ ହୋଇଥାଏ। ଯେଉଁ ଲୋକମାନଙ୍କ ତ୍ୱଚାରେ ଦାଗ ବା ଡାର୍କ-ସର୍କଲ ହୋଇଥାଏ, ସେହି ଲୋକମାନଙ୍କ ପାଇଁ ଲବଙ୍ଗ ଅତ୍ୟନ୍ତ ଲାଭକାରୀ ହୋଇଥାଏ। ଏହି କାରଣରୁ ଆପଣ ଲବଙ୍ଗ ପାଉଡର କୌଣସି ଫେଶପ୍ୟାକ ବା ବେସନ ସହ ମିଶାଇ ତ୍ୱଚାରେ ବ୍ୟବହାର କରନ୍ତୁ।

**କେଶ ଝଡିବାରୁ ରକ୍ଷା କରେ:** ଅଧିକାଂଶ ଲୋକମାନଙ୍କର କେଶ ଝଡିବା ବା କେଶ ମୂଳ ଶୁଷ୍କ ହୋଇଯିବାର ସମସ୍ୟା ଦେଖାଯାଇଥାଏ । ଏଥିପାଇଁ ସବୁଠାରୁ ଲାଭକାରୀ ହେଉଛି ଲବଙ୍ଗ। ଏହି କାରଣରୁ ପ୍ରଥମେ ଲବଙ୍ଗକୁ ପାଣିରେ ସିଝାଇ ତାପରେ ସେହି ପାଣିରେ କେଶ ଧୁଅନ୍ତୁ। ଏପରି କରିବା ଦ୍ୱାରା କେଶରେ ଚମକ ଦେଖାଯିବା ସହ ମଜବୁତ୍ ମଧ୍ୟ ହୋଇଥାଏ ।

# ଓଜନ କମାଇବା ପାଇଁ ପ୍ରଭାବଶାଳୀ ବେସନ ରୁଟି



ଆମ ମଧ୍ୟରୁ ଅଧିକାଂଶ ଲୋକ ପ୍ରତିଦିନ ରୁଟି ଖାଆନ୍ତି। ଆମେ ସାଧାରଣତଃ ଗହମ ରୁଟି ଖାଉ କାରଣ ଆମେ ବିଶ୍ୱାସ କରୁ ଯେ ଏହା ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ। କିନ୍ତୁ ଆପଣ କ'ଣ ଜାଣନ୍ତି କି ଗହମ ରୋଟି ବ୍ୟତୀତ, ବେସନ ରୁଟି ମଧ୍ୟ ଆଶ୍ଚର୍ଯ୍ୟଜନକ ସ୍ୱାଦ ଦେଇଥାଏ। କିନ୍ତୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ରହିଛି। ବେସନ ରୁଟି ପ୍ରୋଟିନ, ଫାଇବର ଏବଂ ଆବଶ୍ୟକୀୟ ପୋଷକ ତତ୍ତ୍ୱରେ ଭରପୁର ଯାହା ଶରୀରକୁ ଭିତରୁ ଶକ୍ତିଶାଳୀ କରିଥାଏ। ବିଶେଷକରି ଡାଇବେଟିସ୍ ରୋଗୀ ଏବଂ ୱେଟ୍ ଲସ୍ କରୁଥିବା ଲୋକଙ୍କ ପାଇଁ ବେସନ ରୁଟି ଏକ ବରଦାନ ସଦୃଶ ହୋଇଥାଏ। ତେବେ ଆସନ୍ତୁ ବେସନ ରୁଟିର ଲାଭ ବିଷୟରେ ଜାଣିବା।

**ଡାଇବେଟିସ୍ ନିୟନ୍ତ୍ରଣରେ ସାହାଯ୍ୟ କରେ:** ବେସନ ରୁଟିର ସବୁଠାରୁ ବଡ଼ ଲାଭ ହେଉଛି ଏହା ବ୍ଲଡ୍ ସୁଗାର ହଠାତ୍ ବୃଦ୍ଧି ପାଇବାରୁ ରୋକିଥାଏ। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ, ଯାହା ଶରୀରରେ ସୁଗାରକୁ ଧୀରେ ଧୀରେ ଛାଡ଼ିଥାଏ। ଏହି କାରଣରୁ ଏହି ରୁଟି ଡାଇବେଟିସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। ଯଦି ଆପଣ କିମ୍ବା ଆପଣଙ୍କ ପରିବାରର କାହାକୁ ଡାଇବେଟିସ୍ ଅଛି, ତେବେ ଗହମ ରୁଟି ବଦଳରେ ବେସନ ରୁଟି ଏକ ସ୍ମାର୍ଟ ଏବଂ ହେଲଦି ଚଏସ୍ ହୋଇପାରେ।

**କୋଲେଷ୍ଟ୍ରଲ ନିୟନ୍ତ୍ରଣ କରେ:** ବେସନରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଯାହା ଶରୀରରେ ଖରାପ କୋଲେଷ୍ଟ୍ରଲକୁ କମ କରିବାରେ ସାହାଯ୍ୟ କରେ। ଏହା ହୃଦରୋଗର ଆଶଙ୍କା ମଧ୍ୟ କମାଇଥାଏ। ଯଦି ଆପଣ ନିଜ ହୃଦୟ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଚାହାଁନ୍ତି, ତେବେ ବେସନ ରୁଟି ଆପଣଙ୍କ ପାଇଁ ଏକ ସଠିକ୍ ଚଏସ୍।

**ୱେଟ୍ ଲସ୍ ପାଇଁ ପ୍ରଭାବଶାଳୀ:** ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବେସନ ରୁଟି ବହୁତ ସହାୟକ ହୋଇପାରେ। ଏଥିରେ ଥିବା ପ୍ରୋଟିନ୍ ଏବଂ ଫାଇବରର ପରିମାଣ ଅଧିକ ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରଖିଥାଏ। ଯାହା ଆପଣଙ୍କୁ ବାରମ୍ବାର ଭୋକ ଲାଗିବା ଏବଂ ଅତ୍ୟଧିକ ଖାଇବାକୁ ରୋକିବାରେ ସାହାଯ୍ୟ କରେ। ଏହି ରୁଟି ଡାଏଟିଂ କରୁଥିବା ଲୋକଙ୍କ ପାଇଁ ଏକ ବଢ଼ିଆ ଅପ୍ସନ୍।

**ପାଚନ କ୍ରିୟାକୁ ଉନ୍ନତ କରେ:** ବେସନ ରୁଟି ପେଟର ମଧ୍ୟ ବିଶେଷ ଯତ୍ନ ନିଏ। ଏଥିରେ ଥିବା ଫାଇବର ଅଂଶ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରେ। ଏହି ରୁଟି ଅନ୍ତନଳୀକୁ ସଫା ରଖିବାରେ ସାହାଯ୍ୟ କରେ ଏବଂ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥକୁ ବାହାର କରେ।

**ଆଇରନ ଏବଂ ଆବଶ୍ୟକୀୟ ପୋଷକ ତତ୍ତ୍ୱରେ ଭରପୂର:** ବେସନ କେବଳ ପ୍ରୋଟିନ୍ ଏବଂ ଫାଇବରର ଏକ ଭଲ ଉତ୍ସ ନୁହେଁ ବରଂ ଏଥିରେ ଆଇରନ୍ ଭଳି ଅତ୍ୟାବଶ୍ୟକୀୟ ମିନେରାଲ୍ସ ମଧ୍ୟ ରହିଛି। ଏହା ରକ୍ତହୀନତାକୁ ରୋକେ ଏବଂ ହିମୋଗ୍ଲୋବିନ୍ ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଏହି ରୁଟି ବିଶେଷ କରି ମହିଳା ଏବଂ ପିଲାମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ବେସନ ରୁଟି ତିଆରି କରିବା ବହୁତ ସହଜ। ଆପଣ ଅଳ୍ପ ଜୁଆଣି, ଲୁଣ, କଞ୍ଚା ଲଙ୍କା, ପିଆଜ ଏବଂ ଧନିଆ ମିଶାଇ ବେସନ ରୁଟି ତିଆରି କରିପାରିବେ। ଯଦି ଇଚ୍ଛା ହୁଏ, ତେବେ ଆପଣ କିଛି ଗହମ ଅଟା ମଧ୍ୟ ମିଶାଇ ପାରିବେ। ରୁଟି ତିଆରି ପରେ ଘିଅ କିମ୍ବା ବଟର ସହିତ ଗରମ ଗରମ ପରିବେଷଣ କରନ୍ତୁ।

# ଡାଇବେଟିସ୍ ଜନିତ ପାଦ ଘା'

ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଉଛି ସୁଗାର ଏବଂ ଖାଦ୍ୟକୁ ନିୟନ୍ତ୍ରଣ କରିବା ଓ ନିୟମିତ ଔଷଧ ସେବନ କରିବା। ମାତ୍ର ଡାଇବେଟିସ୍‌ର ଏକ ଜଟିଳ ସମସ୍ୟା ହେଉଛି ଏହା ଜନିତ ପାଦ ଘା' ଯାହାର ପରିଣାମ ପ୍ରାଣଘାତୀ ହୋଇପାରେ। ଡାଇବେଟିସ୍ ପାଦ ଘା' ସାଧାରଣତଃ ଗୋଟିଏ ଛୋଟ ଖଣ୍ଡିଆ ବା ଫୋଟକାରୁ ଆରମ୍ଭ ହୋଇଥାଏ। ଯେହେତୁ ଅଧିକାଂଶ ଡାଇବେଟିସ୍ ରୋଗୀ ସ୍ନାୟୁ ବା ନର୍ଭ ଯନ୍ତ୍ରଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବେ ଅନୁଭବ କରିପାରନ୍ତି ନାହିଁ ଏବଂ ସେମାନଙ୍କ କ୍ଷେତ୍ରରେ ପ୍ରାୟତଃ ଗୋଡକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରି ନ ଥାଏ ବା କମ୍ ହୋଇଥାଏ, ତେଣୁ ଏହି ଛୋଟ ଖଣ୍ଡିଆ ବା ଫୋଟକା ମଧ୍ୟ ସହଜରେ ନ ଶୁଖି ଘା'ରେ ପରିଣତ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ଧୀରେ ଧୀରେ ସଂକ୍ରମିତ ହୋଇ ହାଡକୁ ପହଞ୍ଚିବା ସହ ବେଳେ ବେଳେ ଜଟିଳ ହୋଇ ପାଦ କାଟିବା ଭଳି ସ୍ଥିତି ମଧ୍ୟ ଉପୁଜିଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଆମ ଦେଶ ଭାରତକୁ ପୃଥିବୀର ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି। ଏଠାରେ ଥିବା ସମସ୍ତ ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପ୍ରତି ଚାରିଜଣରେ ଜଣଙ୍କଠାରେ ପାଦ ଘା' ଜନିତ ସମସ୍ୟା ଦେଖାଦେଇଥାଏ। ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍ ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ବରଂ ଏହାର ଚିକିତ୍ସା ଜନିତ ଖର୍ଚ୍ଚ ମଧ୍ୟ ବ୍ୟୟବହୁଳ। ଏମିତିକି ଏଥିପାଇଁ ବର୍ଷ ବର୍ଷର ସଞ୍ଚିତ ଆୟ ବି ଶେଷ ହୋଇଯାଇଥାଏ।



ଭାରତୀୟମାନଙ୍କଠାରେ ଡାଇବେଟିସ୍ ଜନିତ ପାଦ ଘା' ସମସ୍ୟା ଅଧିକ ଦେଖାଦେବାର ମୁଖ୍ୟ କାରଣଗୁଡ଼ିକ ହେଉଛି-

- କେତେକ ସମୁଦାୟରେ ଏବେବି ପ୍ରଚଳିତ ଥିବା ଖାଲି ପାଦରେ ଚାଲିବା ପ୍ରଥା।
- ପାଦକୁ ଠିକ୍ ଭାବରେ ଫିଟ୍ ହେଉ ନ ଥିବା ବା ଟାଇଟ୍ ଜୋତା ପିନ୍ଧିବା।
- ଯଥା ସମୟରେ ଏହାର ଚିକିତ୍ସା ନ କରାଇବା, ବିଶେଷ ଭାବରେ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସାରେ ଅବହେଳା କରିବା।
- ଅନିୟନ୍ତ୍ରିତ ବ୍ଲଡ୍ ସୁଗାର।

**ନିୟନ୍ତ୍ରଣର ଉପାୟ**

- ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିଦିନ ନିଜେ ପାଦକୁ ଯାଞ୍ଚ କରିବା ଦରକାର।
- ଖାଲି ପାଦରେ ଚାଲିବା ଅନୁଚିତ।
- ଠିକ୍ ଫିଟ୍ ହେଉଥିବା ଏବଂ କମ୍ଫର୍ଟେବଲ୍ ଜୋତା ପିନ୍ଧିବା।
- ପ୍ରତିଦିନ ଗୋଡ଼କୁ ଭଲ ଭାବେ ଧୁଅନ୍ତୁ, ବିଶେଷ କରି ଆଙ୍ଗୁଠି ସନ୍ଧିଗୁଡ଼ିକୁ ଭଲ ଭାବେ ଧୋଇ ସଫା କରନ୍ତୁ ଏବଂ ଭଲ ଭାବେ ପୋଛନ୍ତୁ।
- ଶୁଖିଲା ପାଦରେ ପ୍ରତିଦିନ ନଡ଼ିଆ ତେଲ କିମ୍ବା ମଶ୍ଚରାଇଜର୍ ଲଗାନ୍ତୁ।
- ନଖ କାଟନ୍ତୁ ଏବଂ ଏହାକୁ ପରିଷ୍କାର ରଖନ୍ତୁ।
- ପାଦରେ ଘା' ନ ଥିଲେ ବି ଡାଇବେଟିସ୍ ରୋଗୀ ବର୍ଷରେ ଥରେ ଡାକ୍ତରଙ୍କ ନିକଟରେ ପାଦ ପରୀକ୍ଷା କରାଇନେବା ଭଲ।
- ଯଦି ପାଦରେ ଘା' ହୁଏ ଏବଂ ଏହା ଶୁଖିବାରେ ବିଳମ୍ବ ହୁଏ, ସେଥିରୁ ଦୁର୍ଗନ୍ଧ କିମ୍ବା ପୂଜ ବାହାରେ ତେବେ ମନଇଚ୍ଛା ଔଷଧ ନ ଲଗାଇ ଅବା ଆଦୌ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଏହା ଶୀଘ୍ର ଠିକ୍ ହୋଇପାରେ।

ଡାଇବେଟିସ୍‌ଜନିତ ପାଦ ଘା' ପ୍ରତିରୋଧ କେବଳ ରୋଗୀଙ୍କ ଦାୟିତ୍ୱ ନୁହେଁ। ତେଣୁ ଏଥିପାଇଁ ଡାକ୍ତର, ନର୍ସ, କମ୍ୟୁନିଟି ହେଲ୍‌ଥ କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଆବଶ୍ୟକ। ଯଦିଓ ଭାରତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ଏ ଦିଗରେ ସତର୍କ କରାଯାଇ ହଜାର ହଜାର ଲୋକଙ୍କ ପାଦ କାଟିବାରୁ ରକ୍ଷା କରାଯାଇପାରୁଛି। ତଥାପି ପରିତାପର ବିଷୟ ଯେ, ଏବେ ବି ପ୍ରତି ୩୦ ସେକେଣ୍ଡରେ ଗୋଟିଏ ପାଦ ଡାଇବେଟିସ୍ ଯୋଗୁ କଟାଯାଉଛି। ତେଣୁ ଏହି ସମସ୍ୟାକୁ ଏକ ଜରୁରିକାଳୀନ ସ୍ଥିତି ଭାବେ ଧରାଯିବା ଆବଶ୍ୟକ। ଡାଇବେଟିସ୍ ରୋଗୀ ନିଜ ପାଦର ଯତ୍ନ ନେବା ସହ ଘା'ର ଲକ୍ଷଣ ଦେଖିବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଏହି ସମସ୍ୟାରୁ ଦୂରେଇ ରହିବା ସହିତ ଏକ ସୁସ୍ଥ ଜୀବନ ଜିଇପାରିବେ।

# ଗାଜରର ଔଷଧୀୟ ଗୁଣ



ପ୍ରତ୍ୟେକ ପରିବାରେ କିଛି ନା କିଛି ଭିଟାମିନ୍ ଥାଏ, ଏକଥା ଆମେ ସମସ୍ତେ ଜାଣିଥାନ୍ତି। କିଛି କିଛି ଲୋକ ଏମିତି ଅଛନ୍ତି ଯେଉଁମାନେ ପରିବା ଖାଇବାକୁ ପସନ୍ଦ କରିନଥାନ୍ତି। ଯେମିତିକି ଗାଜର। ଅନେକ ଲୋକ ଗାଜର ନାଁ ଶୁଣିଲେ ନାକ ଟେକିଥାନ୍ତି। ତେବେ ଯେଉଁମାନେ ଗାଜର ଖାଇବାକୁ ପସନ୍ଦ କରନ୍ତି ନାହିଁ ସେମାନେ ଏକଥା ଜାଣିବା ନିହାତି ଜରୁରୀ। ଏଥିସହ ଜାଣନ୍ତୁ ଯେ, ଗାଜରରେ କେଉଁ ଗୁଣ ରହିଥାଏ ? ଆପଣ ଜାଣିଛନ୍ତି କି ? ଗୋଟିଏ ଗ୍ଲାସ୍ ଗାଜର ରସ ପୂର୍ଣ୍ଣ ଭୋଜନ ସହ ସମାନ। ଏହାକୁ ପିଇବା ଦ୍ୱାରା ଶରୀରରେ ରକ୍ତର ପରିମାଣ ଅଧିକ ହୋଇଥାଏ। ଗାଜର ରସରେ ଭିଟାମିନ୍ ଏ, ବି, ସି,ଡି ଇ, ଜି ଏବଂ କେ ଥାଏ। ଗାଜର ରସ ପିଇବା କିମ୍ବା କଂଚା ଗାଜର ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହେବା ସହ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦୂର ହେବାକୁ ଲାଗିଥାଏ।

- ବୟସ ବଢିବା ସହ ଶରୀର ଦୁର୍ବଳ ହୋଇଯାଏ। ଏହି ଦୁର୍ବଳତାରୁ ରକ୍ଷା କରିଥାଏ ଗାଜର। ଗାଜର ରସ ବା ଜୁସ ନିୟମିତ ପିଇଲେ ଶରୀରରେ ରକ୍ତର ପରିମାଣ ବଢିଥାଏ।
- ଗାଜର ରସ ପିଇବା ଦ୍ୱାରା ପାଚନ ତନ୍ତ୍ର ମଜଭୂତ ହୋଇଥାଏ। କ୍ୟାନ୍ସରକୁ ମଧ୍ୟ ନିୟନ୍ତ୍ରଣ କରିଥାଏ।
- କଂଚା ଗାଜର ଖାଇବା ଶରୀର ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ଗାଜର ପତ୍ରରେ ଗାଜର ଠାରୁ ଅଧିକ ଆଇରନ୍ ଥାଏ।
- ଏଥିସହ ଆପଣମାନେ ଜାଣିରଖନ୍ତୁ ଯେ, ବଡ଼ ବଡ଼ ରୋଗରୁ ମଧ୍ୟ ରକ୍ଷା କରିବାରେ ପ୍ରଭାବଶାଳୀ ହୋଇଥାଏ ଗାଜର। ତେଣୁ କରି ଆପଣ ସବୁବେଳେ ଗାଜର ଖାଇବା ନିହାତି ଆବଶ୍ୟକ।
- ଗାଜରର ବିଭିନ୍ନ ପ୍ରକାରର ଔଷଧୀୟ ଗୁଣ ଥାଏ। ଗାଜରରେ ଆଇରନର ମାତ୍ରା ଅଧିକ ଥାଏ। ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ପତଳା ଏବଂ ଛୋଟ ଗାଜର ସ୍ୱାଦିଷ୍ଟ, ଏବଂ ଭିଟାମିନରେ ଭରପୁର।
- ଗାଜର, ପିଆଜ ଏବଂ ଧନିଆ ପତ୍ରର ସାଲାଡ ପ୍ରତିଦିନ ଖାଇଲେ କେଶ ଝଡିବା ବନ୍ଦ ହୋଇଥାଏ। ଏହି ସାଲାଡରେ ଫସଫରସ୍ ଅଧିକ ଥାଏ। ଯାହା କେଶ ମୂଳକୁ ମଜଭୂତ କରିଥାଏ। ଏଥିସହ ସାଲାଡ୍ ପ୍ରତିଦିନ ଖାଇଲେ ଖାଲି କେଶ ନୁହେଁ ବରଂ ତ୍ୱଚା ମଧ୍ୟ ଗ୍ଲୋ କରିବାକୁ ଲାଗେ। ତେବେ ବର୍ତ୍ତମାନ ଜାଣନ୍ତୁ ଗାଜର ରସକୁ କିପରି ପ୍ରସ୍ତୁତ କରି ପିଇବେ।
- ଗୋଟିଏ ଗ୍ଲାସ୍ କ୍ଷୀର ଏବଂ ଗୋଟିଏ ଗ୍ଲାସ୍ ଗାଜର ରସକୁ ଫୁଟାନ୍ତୁ। ଏହି ରସ ଫୁଟି ଅଧା ହୋଇଗଲା ପରେ ଥଣ୍ଡା କରି ପିଅନ୍ତୁ। ପ୍ରତିଦିନ ଏହାକୁ ପିଇଲେ ଅନେକ ସମସ୍ୟା ଦୂର ହେବାକୁ ଲାଗିଥାଏ। ଏଥିସହ ଯେଉଁମାନଙ୍କୁ ବେଳେ ବେଳେ ଦୁର୍ବଳ ଲାଗୁଛି ସେମାନେ ମଧ୍ୟ ପ୍ରତିଦିନ ଏହି ଜୁସ୍ ପିଇବା ଉଚିତ୍। କାରଣ ଏହାକୁ ପିଇଲେ ବହୁତ୍ ରିଲାକ୍ସ ଲାଗିଥାଏ।
- ଲଗାତାର ୧୫ - ୨୦ ଦିନ ଯାଏଁ ଗାଜର ଖାଇଲେ ଚର୍ମରୋଗ ହୋଇନଥାଏ। କୁଣ୍ଡିଆ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ ଗାଜର ରସ। ତେଣୁକରି ଆପଣ ଯଦି ଏହି ସମସ୍ତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଚାହୁଁଛନ୍ତି, ତେବେ ପ୍ରତ୍ୟେକ ଦିନ ଗାଜର ଖାଆନ୍ତୁ। ଦେଖିବେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

## ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

● ବାତ୍ୟା ପଣ୍ଟା ପାଇଁ ଜରୁରୀ କାଳୀନ ନମ୍ବର ଜାରିକଲା ଜିଲ୍ଲା ପ୍ରଶାସନ

**କୋରାପୁଟ,୨୭।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର, ବିଡିଓ ଯୋଗ ଦେଇ ବାତ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଉପାନ୍ତ ଅଞ୍ଚଳରେ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ଔଷଧ, ଶୁଖୁଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ଏବଂ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଶୁଖୁଲା ଖାଦ୍ୟ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଓଡ୍ରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୃତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେହିପରି ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ମନରୋମା ମହାନ୍ତି ମଧ୍ୟ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଜିରୋ କାଜୁଆଲଟି ଆମର ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରତିକ୍ରିୟା ରଖୁବା ସହ ସୋମବାର ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ବାତ୍ୟା ପଣ୍ଟା ପାଇଁ ଜରୁରୀ କାଳୀନ ନିଃଶୁଳ୍କ ନଂ. ୧୦୭୭ ଓ ଟେଲିଫୋନ ନଂ. ୦୬୮୫୨-୨୫୧୧୦୧ ଜାରିକଲା କୋରାପୁଟ ଜିଲ୍ଲା ପ୍ରଶାସନ। ଏଥିସହ ବାତ୍ୟା 'ମନ୍ଥା'ର ସାମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାରେ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି।

ବିଡିଓଙ୍କ ଦବଙ୍ଗଗିରି: ଗ୍ରାମବାସୀଙ୍କ ଅଭିଯୋଗକୁ ବେଖାତିର

## ସମାଧାନ ପରିବର୍ତ୍ତେ ଜୋର ଜବରଦସ୍ତ ହେଉଛି ନିର୍ମାଣ କାର୍ଯ୍ୟ

**ବୈଶିଙ୍ଗା,୨୭।୧୦ (ସଂଚାର ବ୍ୟୁରୋ):** ଦବଙ୍ଗ ବିଡିଓ ଙ୍କ ଦବଙ୍ଗଗିରି ବ୍ଲକର ଅଞ୍ଚଳବାସୀ ଙ୍କୁ ହତଚକିତ କରିଦେଇଛି। ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣିବା ପରିବର୍ତ୍ତେ ପ୍ରଶାସନ ଏବଂ ଠିକାଦାର ପକ୍ଷରୁ ଜୋର ଜବରଦସ୍ତ ଚାଲୁଛି ନିର୍ମାଣ କାର୍ଯ୍ୟ ଓ ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ ଓ ସୂଚନା ମୁତାବକ ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ଅଧୀନ ରଘୁପୁର ଗ୍ରାମରେ ଦଶ ଲକ୍ଷ ଟଙ୍କା ବିନିମୟରେ ଏକ ଫେସିଲିଟି ସେଣ୍ଟର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଥିଲା ଓ ରଘୁପୁର ଗ୍ରାମରେ ମେଳା ମହୋତ୍ସବ




କିମ୍ବା ସଭାସମିତି ପାଇଁ ପର୍ଯ୍ୟାପ୍ତ ଯାଗା ନଥିବା ଏବଂ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଉକ୍ତ ଗ୍ରାମର ଗ୍ରାମବାସୀମାନେ ବେତନଟୀ ବିଡ଼ିଓ ସୁଶାନ୍ତ ସୁତାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ଖାତିର ନକରି ସମ୍ପୃକ୍ତ ଠିକାଦାର ଜଣକ ଜୋର ଜବରଦସ୍ତ ସେଠାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମ୍ପୃକ୍ତ ଠିକାଦାର ମନୋଜ ଜଣକ ସରକାରୀ ଦଳର ପଦ ପଦବୀରେ ଥିବାରୁ ଦଳୀୟ ଚାପରେ ଚେପା ହୋଇ ପ୍ରଶାସନ ନିରବ ରହୁଥିବା ଅଭିଯୋଗ ହେଉଛି । ତେବେ ଗ୍ରାମବାସୀଙ୍କ ଅଭିଯୋଗକୁ ବେତନଟୀ ବିଡ଼ିଓ ଭ୍ରୁକ୍ଷେପ ନକରି ସମ୍ପୃକ୍ତ ଯୁବକଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ଏବଂ କାହା ଚାପ ରେ ଚେପା ପ୍ରଶାସନ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ୯ରେ ରାଜ୍ୟସ୍ତରୀୟ ବିବେକାନନ୍ଦ ମେଧା ଅନ୍ୱେଷଣ ପରୀକ୍ଷା



**ବାଲିପାଟଣା,୨୭।୧୦ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଆସନ୍ତା ନଭେମ୍ବର ୯ ତାରିଖରେ ରାଜ୍ୟ ସ୍ତରୀୟ ବିବେକାନନ୍ଦ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ସୂଚନା ଅନୁଯାୟୀ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ତଥା କଳା କ୍ଷେତ୍ରରେ ଉତ୍ସାହିତ କରିବା ପାଇଁ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ନୂଆଦିଲ୍ଲୀ ପକ୍ଷରୁ ପ୍ରତିବର୍ଷ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ରାଜ୍ୟ ରେ ଥିବା ପ୍ରତ୍ୟେକ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ପ୍ରଥମ ଶ୍ରେଣୀ ରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଚୟନ କରାଯାଇଥିବା ମେଧାବୀ ପିଲାମାନଙ୍କ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ଏହି ମଧାବୃତ୍ତି ପରୀକ୍ଷାରେ ପ୍ରତ୍ୟେକ ଶ୍ରେଣୀର ବିଷୟବସ୍ତୁ ଗୁଡ଼ିକ ସହିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ ଓ ଗୀତ ଆଦି ବିଷୟ ଗୁଡିକରେ ପ୍ରତିଦ୍ୱନ୍ଦିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ଜଗନ୍ନାଥ ନଗର ଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପୁରସ୍କୃତ କରାଯାଇଥାଏ।

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୧୦ ଅଭିଯୋଗର ତୁରନ୍ତ ସମାଧାନ

**ବାଲିପାଟଣା,୨୭।୧୦ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପଲ୍ଲୀ ରେ ପ୍ରଶାସନ କାର୍ଯ୍ୟକ୍ରମ ନିମନ୍ତେ, ଏହି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ କୁରୁଞ୍ଜିପୁର୍ ଗ୍ରାମ ପଞ୍ଚାୟତ ଠାରେ ମିଳିତ ଜନଶୁଣାଣୀ ଶିବିରରେ ଯୋଗଦେଇ ଅଭିଯୋଗ ଗୁଡ଼ିକ ର ବିଚାର କରିଥିଲେ। ଆଜି ଆସିଥିବା ୨୦୫ ଗୋଟି ଅଭିଯୋଗ ମଧ୍ୟରୁ ୧୭୧ ଗୋଟି ବ୍ୟକ୍ତିଗତ ଓ ୩୪ ଗୋଟି ସମୂହ ସମସ୍ୟା ରହିଥିଲା।ଏଥିରୁ ୧୦ ଗୋଟି ଅଭିଯୋଗ ର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ଜଣକୁ ୧୫୦୦୦ ଓ ରେଡକ୍ରସ ପାଣ୍ଠି ରୁ ଦୁଇ ଜଣ ଙ୍କୁ ୧୦ ହଜାର ଲେଖାଏଁ ଅର୍ଥ ସହାୟତା ଜିଲ୍ଲାପାଳ ଶ୍ରୀ ଋତୁରାଜ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ପି ଡି ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଡି ପି ଓ ଶ୍ୟାମଳେନ୍ଦୁ ନାୟକ, ସି ଇ ଓ ଜ୍ଞାନେନ୍ଦ୍ର ମିଶ୍ର, ବ୍ୟାଙ୍କ୍ ନୋଡାଲ ଅଫିସର ଅଜୟ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଡି ଏସ ଦବ୍ଲୁ ଦିଲ୍ଲୀପ ହିଆଲ, ଚେୟାରମେନ ହରପ୍ରିୟା ଦାସ, ବିଇଓଡ୍ ପ୍ରଭାତ କୁମାର ରଥ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଅତାମଳାରେ ମା' ଶ୍ୟାମାକାଳୀଙ୍କ ଭସାଣି



**ଜଗତସିଂହପୁର,୨୭।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଅଧିନସ୍ଥ ଅତାମଳା ଗ୍ରାମରେ ୫ଦିନ ଧରି ପୂଜା ପାଉଥିବା ମା ଶ୍ୟାମା କାଳୀଙ୍କ ଗୁରୁବାର ରାତିରେ ବିସର୍ଜନ କରାଯିବାପରେ ଆଜି ସନ୍ଧ୍ୟାରେ ସମୟରେ ଅତାମଳା ଗ୍ରାମ ବାସିଙ୍କ ଦ୍ୱାରା ମେଢ଼କୁ ଏକ ଶୋଭାଯାତ୍ରାରେ ଢୋଲ ବାଦ୍ୟ ମାଦଳ ବଜେଇ ଅତାମଳାରୁ ବାହାରି ଅଳକା ନଦୀ ଘାଟରେ ମା ଶ୍ୟାମା କାଳୀଙ୍କୁ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଗତ ୫ଦିନ ଧରି ଅତାମଳା ଓ ଯଶୋବନ୍ତପୁର ଗ୍ରାମ ଉଚ୍ଛବ ମୁଖର ହୋଇ ଉଠିଥିଲା। ସମସ୍ତ କାର୍ଯ୍ୟକ୍ରମଙ୍କୁ କମିଟିର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅତାମଳା ଯଶୋବନ୍ତପୁର ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ।

## ଦାନଗଦୀ ବ୍ଲକରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ



**କଳିଙ୍ଗନଗର,୨୭।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ସଭାଗୃହ ରେ ଆଜି ଯାଜପୁର ଜିଲ୍ଲା ପାଳ ଓ ଏସ. ପି. ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ ଟାରୁ ମଧ୍ୟାହ୍ନ ୨ ପର୍ଯ୍ୟନ୍ତ ହୋଇଥିବା ଏହି ଜନ ଅଭିଯୋଗ ଶୁଣାଣୀ ରେ ମୋଟ ୭୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୪୮ ଟି, ସାମୂହିକ ୩ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ଫଣ୍ଡ ସମ୍ବନ୍ଧିୟ ୨୦ ଟି ଅଭିଯୋଗ ଆସିଥିଲା। ତତ୍କାଳ ୨୦ ଗୋଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ବାକି ୫୧ଟି ଅଭିଯୋଗର ସମାଧାନ ବିଭାଗୀୟ ଅଧିକାରୀ ମାନଙ୍କୁ ସଠିକ ତଦନ୍ତ କରି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିଲେ। ଦାନଗଦୀ ବ୍ଲକରେ ପୂର୍ବରୁ ଜିଲ୍ଲାପାଳ ଥିବା ପି. ଅନେଶ୍ୱା ରେଡ୍ଡୀଙ୍କ ସମୟରେ ହୋଇଥିବା ଜନ ଶୁଣାଣୀ ରେ ଅଭିଯୋଗ ହୋଇଥିବା ସମସ୍ୟା ଗୁଡିକର ସମାଧାନ ଏପ୍ରଯ୍ୟନ୍ତ ହୋଇପାରିନଥିବା ରୁ ଜନ ଅସନ୍ତୋଷ ଦେଖା ଯାଇଥିଲା। ଆଜିର ଜନ ଅଭିଯୋଗ ଶୁଣାଣୀରେ ମୁଖ୍ୟତଃ ମାତ୍ରାଧିକ ବାୟୁ, ଜଳ ପ୍ରଦୂଷଣ, ଟ୍ରାଫିକ ସମସ୍ୟା, ଚୋରାମାଦକ ଦ୍ରବ୍ୟ ବୃଦ୍ଧି, ରାସ୍ତାଘାଟ ବିପ୍ରଯ୍ୟସ୍ତ, ସ୍ୱାସ୍ଥ୍ୟ ସମସ୍ୟା, ଚୋରୀ ବୃଦ୍ଧି ସମ୍ବନ୍ଧରେ ଅଭିଯୋଗ ହୋଇଥିଲା।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ



**ସୁବର୍ଣ୍ଣପୁର,୨୭।୧୦ (ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ୨୦୨୫ ଉପଲକ୍ଷେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଧନୁର୍ଦ୍ଧର ସେନାପତି ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ଜିଲ୍ଲା ନ୍ୟାୟାଳୟ ପରିସରରେ "ଦୁର୍ନୀତି ନିବାରଣ ସଚେତନତା ଶପଥ ଗ୍ରହଣ ଉତ୍ସବ" ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତି, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦିଲୀପ କୁମାର ବିଶ୍ୱାଳ, ପରିବାର ଅଦାଲତ ଜଜ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ବିଶ୍ରୁତ କର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ଶ୍ରୀମତୀ ବବିତା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ସ୍ୱଦେଶନା ପଟ୍ଟନାୟକ, ପ୍ରୋବେସନ ଅଫିସର ରାହୁଲ ବିକ୍ରମ ପାଠୀ ପ୍ରମୁଖ ଯୋଗ ଦେଇଥିଲେ ଓ ଏହି ଶପଥ ଗ୍ରହଣ ଉତ୍ସବ ରେ ଜିଲ୍ଲା ନ୍ୟାୟାଳୟ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସମସ୍ତ କର୍ମଚାରି ମାନେ ଉପସ୍ଥିତ ରହି ସାମୁହିକ ଶପଥ ପାଠ କରିଥିଲେ ।

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ

**ନୀଳଗିରି,୨୭।୧୦(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବରହମପୁର ମିନି ଷ୍ଟାଡିୟମ ପଡ଼ିଆରେ ବରହମପୁର ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂତନ ବ୍ଲକ ଗଠନ ନିମନ୍ତେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ନୀଳଗିରି ବ୍ଲକର ବଣସୀମା ଅଞ୍ଚଳ କୁହାଯାଉଥିବା ତେନ୍ତୁଳିଆ, ଆରବନ୍ଧ, ଛତ୍ରପୁର ବରହମପୁର, ଧରମପୁର ପିଠାହଟା, କେସିପୁର, ତେଲିପାଳ, ଗରଡିହୀ, ନରଣପୁର, ମାଟିଆଳୀ, ମୋଟ ୧୧ ଗୋଟି ପଞ୍ଚାୟତର ପ୍ରତିନିଧି ମାନେ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଏହି ବୈଠକକୁ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଲୋକମାନେ ୨୫ କିମି ଦୂର ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଦୁଇଟି ଜଙ୍ଗଲ ପାର କରି ଯାଉଛନ୍ତି ଯାହା ଫଳରେ ଖର୍ଚ୍ଚାନ୍ତ ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବରହମପୁର ବ୍ଲକ ଗଠନ ନିମନ୍ତେ ଆବଶ୍ୟକ ଥିବା ସମସ୍ତ ଆବଶ୍ୟକତା ମଧ୍ୟ ପୂରଣ କରୁଛି ଏଠାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସଂଖ୍ୟା ରହିଛି, ବ୍ୟାଙ୍କ, କଲେଜ, ଥାନା, ଏକଲବ୍ୟ, କଳିଙ୍ଗ ରେସିଡେନସିଆଲ ଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ରହିଛି ବୋଲି ମୁଖ୍ୟ ଅତିଥି ଆଶିଷ ପଟ୍ଟନାୟକ ମତ ପ୍ରକାଶ କରିଥିଲେ।

## ଛୁଟି ବାତିଲ୍ ପରେ ଜରୁରୀକାଳୀନ ବୈଠକ



**କେସିଙ୍ଗା,୨୭।୧୦(ସଂଚାର ବ୍ୟୁରୋ):** ଆସନ୍ତା ୨୮ ରୁ ୩୦ ତାରିଖ ଯାଏ ହେବାକୁ ଥିବା ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ହୋଇଛି। ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ବ୍ଲକର ସମସ୍ତ ବିଭାଗ ଯଥା ରାଜସ୍ୱ ବିଭାଗ, ବନ ବିଭାଗ, ଅଗ୍ନିଶମ ବିଭାଗ, ହର୍ଟିକଲ୍ଚର ବିଭାଗ, କୃଷି ବିଭାଗର ସମସ୍ତ ଅଧିକାରୀଙ୍କୁ ନେଇ ଏହି ବୈଠକ ହୋଇଥିଲା। ଏଥିରେ ସମସ୍ତ ବିଭାଗର ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ତେବେ କେସିଙ୍ଗା ବ୍ଲକରେ ସ୍ୱଳ୍ପ ବର୍ଷାରେ ଜଳମଗ୍ନ ହୋଇଛି। ବେଲଖଣ୍ଡି, ତୁର୍ଲାଖମନ, ହାତିଖୋଜ, ସିରଜାପାଲି,କୁମ୍ଭାରପଡା, ବାହାଦୂରପିଟା, ପଥରଲା ଆଦି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷା ସ୍ଥାନକୁ ନେବା ନେଇ ଆଲେଚନା ହୋଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲେ ସ୍କୁଲ କଲେଜରେ ଲୋକମାନେ କିପରି ସୁରକ୍ଷାରେ ରହିବେ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଖାଦ୍ୟପେୟ,ପାନୀୟଜଳ, ମାଚିସ, କିରୋସିନୀ, ଯୋଗା ଯିବା ନେଇ କଥା ହୋଇଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାରିପଦା,୨୭।୧୦(ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ ହୋଇଛି। ମୃତକ ବୃଦ୍ଧ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବନ ରେଞ୍ଜ ଅନ୍ତର୍ଗତ ଖଇରବଣି ଗାଁ ର ଯୋଗେଶ୍ୱର ନାଏକ। ସୋମବାର ସକାଳୁ ଯୋଗେଶ୍ୱର ଗ୍ରାମର ଅନ୍ୟ ୪ ଜଣଙ୍କ ସହ ମିଶି ଗାଈ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଅଚାନକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ସେଠାରେ ହାତୀ ଯୋଗେଶ୍ୱରକୁ ଗୋଇଠା ମାରିବା ସହ ପାଦରେ ଦଳି ଚକଟି ଦେଇଥିଲା। ତୁରନ୍ତ ସ୍ଥାନୀୟ ଲୋକମାନେ ତାଙ୍କୁ ସେଠାରୁ ଉଦ୍ଧାର କରି କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେପଟେ ପାଞ୍ଚ ଜଣ ଗାଈ ଚରାଇବାକୁ ଯାଇଥିବା ବେଳେ ଅନ୍ୟ ଚାରି ଜଣ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି। ଗତ ତିନି ମାସ ଧରି ବାଙ୍ଗିରିପୋଷି ରେଞ୍ଜ ଅଧୀନରେ ୩୦ ଟିକିଆ ହାତୀ ପଲ ବିଚରଣ କରୁଥିବାର ଦେଖିବାକୁ ମିଳୁଛି।

## କୁମ୍ଭାରିପଦରରେ ସ୍ଥିତି ପରଖିଲା ଜିଲ୍ଲା ପ୍ରଶାସନ



**ଦାରିଙ୍ଗବାଡି,୨୭।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା "ମାନ୍ଥା"କୁ ନେଇ ତତ୍ପରତା ହୋଇଛି ଜିଲ୍ଲା ପ୍ରଶାସନ। ଅତି ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରିପଦର ଗ୍ରାମରେ ଅପରାହ୍ନରେ କନ୍ଧମାଳ ଜିଲାପାଳ ବେଦ ଭୂଷଣ, ବାଲିଗୁଡା ଉପଜିଲାପାଳ ପ୍ରଣୀତା ଦାସ ପହଞ୍ଚି ସ୍ଥିତି ପରଖିଛନ୍ତି। ଦୁର୍ଗମ ଗ୍ରାମରେ ହଠାତ ୨ ଜଣ ଆଇଏଏସ ଅଧିକାରୀଙ୍କୁ ପାଖରେ ପାଇ ଅଞ୍ଚଳବାସୀ ଖୁସି ଅନୁଭବ କରିବା ସହ ତାଙ୍କ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ୨ ଆଇଏଏସ ଅଧିକାରୀଙ୍କ ସହ ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର ଓ ଅନ୍ୟ ଅଧିକାରୀ ମଧ୍ୟ କୁମ୍ଭାରିପଦର ଗ୍ରାମରେ ପହଞ୍ଚି ଏକାଧିକ ଥର ଭୂସ୍ଖଳନ ହୋଇଥିବା ସ୍ଥାନକୁ ବୁଲି ଦେଖିଛନ୍ତି। ତେବେ ସେହି ଅଞ୍ଚଳରେ ଏବେ କୌଣସି ଅସୁବିଧା ନ ଥିବାରୁ କୁମ୍ଭାରିପଦର ଗ୍ରାମବାସୀଙ୍କୁ ପୂର୍ବ ବାତ୍ୟା ଭଳି ଆଶ୍ରୟସ୍ଥଳକୁ ଅଣାଯାଇନାହିଁ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ ନିକଟସ୍ଥ ତାମାଙ୍ଗି ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇପାରେ ବୋଲି କୁହାଯାଇଛି । ଜିଲାପାଳ ଏବଂ ଉପଜିଲାପାଳ ଦାରିଙ୍ଗବାଡି ବ୍ଲକର ବିଭିନ୍ନ ସମ୍ଭାବିତ ଭୂସ୍ଖଳନ ସ୍ଥାନ ବୁଲିଦେଖିବା ସହ ବିଡ଼ିଓ ଏବଂ ତହସିଲଦାର ପଞ୍ଚାୟତ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ବାତ୍ୟା ସମ୍ପର୍କିତ ମୁକାବିଲା ପାଇଁ ସମୀକ୍ଷା କରିଛନ୍ତି।

ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ଜରିମାନା

**କନ୍ଧମାଳ,୨୭।୧୦(ସଂଚାର ବ୍ୟୁରୋ):** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୫ ବର୍ଷୀୟ ନାବାଳିକାଙ୍କ ଦୁଷ୍କର୍ମ ମାମଲାର ବିଚାରଣା କରି ପୀଡିତାଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ମାମଲାର ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ରିତୀକ ଦିଗାଲ (୧୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ, ତାକୁ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ମାମଲାକୁ ପିଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶ୍ରୀ ବନମାଳୀ ବେହେରା ପରିଚାଳନା କରିଥିଲେ। ସୂଚନା ଅନୁଯାୟୀ, ପୀଡ଼ିତା ଏ.ଜେ.ଓ. ହାଇସ୍କୁଲ, ଫୁଲବାଣୀରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ତା' ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲା। ୨୧ ନଭେମ୍ବର ୨୦୨୪ରେ ଅଭିଯୁକ୍ତ ପୀଡ଼ିତାଙ୍କୁ ବାଇକରେ ନେଇ ନିଜ ମାମୁଁ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତା ଘରକୁ ନ ଫେରିବାରୁ ତାଙ୍କ ପିତା ଖୋଜାଖୋଜି କରି ଫୁଲବାଣୀ ଟାଉନ ଥାନାରେ ଅପହରଣ ମାମଲା ରୁଜୁ କରିଥିଲେ। ଅଭିଯୋଗ ପ୍ରକାରେ ଫୁଲବାଣୀ ଟାଉନ ଥାନା ପୁଲିସ ଏକ ମାମଲା ୨୫୯/୨୧.୧୧.୨୦୨୪ ରୁଜୁ କରିଥିଲେ।

● ବିମାନ ସେବା ଚାଲୁ କରିବା ଦାବିରେ ଅଭିନବ ଆନ୍ଦୋଳନ

## ପରିବା ଧରି ବସିଥିଲେ ଆନ୍ଦୋଳନକାରୀ



**ରାଉରକେଲା,୨୭।୧୦(ସଂଚାର ବ୍ୟୁରୋ):** ରାଉରକେଲାରେ ଗତ ୩ ମାସ ହେଲା ବନ୍ଦ ରହିଛି ବିମାନ ସେବା। ବିମାନ ଉଡ଼ାଣ ଚାଲୁ କରିବା ଦାବିରେ ସୋମବାର ୧୦ଟା ସମୟରେ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ବିମାନ ବନ୍ଦର ସମ୍ମୁଖରେ ଆନ୍ଦୋଳନ କରିଥିଲେ । ପରିବା ଧରି ଅଭିନବ ଉପାୟରେ ପ୍ରତିବାଦ ଚଳାଇଥିଲେ। ଆନ୍ଦୋଳନକାରୀ ଦାବି କରିଥିଲେ ଯେ, ଯଦି ସରକାର ବିମାନ ଚଳାଇ ପାରୁନାହାନ୍ତି, ତାହେଲେ ବିମାନ ବନ୍ଦରକୁ ପରିବା ହାଟ କରିଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ରାଉରକେଲାରେ ବିମାନ ସେବା ପ୍ରତି ଅବହେଳା କରାଯିବ ନାହିଁ। ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ହେଁ ସରକାର, ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏଥିପ୍ରତି କିଛି ପଦକ୍ଷେପ ନେଉ ନାହାନ୍ତି। ତେଣୁ ଆମେ ଆନ୍ଦୋଳନ କରିବାକୁ ବାଧ୍ୟ ହେଲୁ ବୋଲି ମୁକ୍ତିକାନ୍ତ କହିଛନ୍ତି। ଅନ୍ୟପଟେ ଆନ୍ଦୋଳନ ଚାଲିଥିବା ବେଳେ ଛେଣ୍ଡ ଥାନା ପୁଲିସ ସେଠାରେ ପହଞ୍ଚି ଆନ୍ଦୋଳନକାରୀ ଉଠାଇ ନେଇ ଥାନାରେ ଅଟକ ରଖିଛି।

## ସପ୍ତ ଶକ୍ତି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହେଲେ ଆଦର୍ଶ ମହିଳା

**ପାଟଣା,୨୭।୧୦(ସଂଚାର ବ୍ୟୁରୋ):** ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ତରଫରୁ ସୋମବାର ଅପରାହ୍ନରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସ୍ୱୀମ ପାଟଣାରେ ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟା ବବିତା ରାମ, ମୁଖ୍ୟ ବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ଶୁଭସ୍ମିତା ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା କୁନି ବାରିକ , ମାମିନା ବେହେରା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର, ପରିଚାଳନା ସମିତି ସଭାପତି ବ୍ରଜେନ୍ଦ୍ର କୁମାର ପତି ସମ୍ପାଦକ ଦୟାନିଧି ମହାନ୍ତ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରର ବିକାଶରେ ମହିଳାମାନଙ୍କ ଭୂମିକା ଓ ମହିଳା ସଶକ୍ତି କରଣ ଉପରେ ବ୍ଲକର ବିଭିନ୍ନ ପ୍ରାନ୍ତ ଓ ବିଭିନ୍ନ ବର୍ଗରରୁ ଯୋଗ ଦେଇଥିବା ୨୬୮ ଜଣ ମହିଳାଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ରାଜରାସ୍ତାରେ ବସିଲେ ଗ୍ରାମବାସୀ



**ଧର୍ମଶାଳା,୨୭।୧୦ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ଠାରୁ ପାରାଦୀପକୁ ସଂଯୋଗ କରୁଥିବା ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ଠାରୁ କିଛି ଦୂରରେ ଗାନ୍ଧୀଛକ ନିକଟ ରାଜପଥ ଉପରେ ସ୍ଥାନୀୟ ୧୩ ପଞ୍ଚାୟତର ଲୋକେ ପ୍ରତିବାଦ ସଭା ଓ ଗଣଧାରଣା ଦେଇଛନ୍ତି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ସେଠାରେ ନିର୍ମାଣ ହେଉଥିବା ଗଳିପୋଲର ଉଚ୍ଚତା କମ ଥିବାରୁ ପ୍ରଶସ୍ତ ଗଳିପୋଲ ନିର୍ମାଣ ଦାବିରେ ଲୋକେ ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିଲେ। ଘଟଣାସ୍ଥଳରେ ପ୍ରଶାସନ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଲୋକେ ରାସ୍ତା ଉପରୁ ଉଠିଥିଲେ। ଏହି ରାସ୍ତାଟି ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ରାଜପଥ ମଧ୍ୟରେ ଏକ ଗଳିପୋଲ ନିର୍ମାଣ କରାଯାଉଛି। କିନ୍ତୁ ଏହାର ଉଚ୍ଚତା କମ ଥିବା ବେଳେ ବହୁତ ଛୋଟ ରହିଛି। ଛୋଟ ଗାଡ଼ି ଏବଂ ବାଇକ ଯାତାୟାତ ସମ୍ଭବ କିନ୍ତୁ ବଡ଼ ଗାଡ଼ି ଯାତାୟାତ କରିପାରିବ ନାହିଁ। ଯାହା ଫଳରେ ପାଖାପାଖି ୧୩ ପଞ୍ଚାୟତର ହଜାର ହଜାର ଲୋକ ରାସ୍ତାର ଅପର ପାର୍ଶ୍ୱକୁ ଯିବା ପାଇଁ ବହୁତ ଦୂର ଯିବାକୁ ହେବ। ଯାହାଦ୍ୱାରା ଜରୁରୀ କାଳୀନ ସେବା ଭଳି ଗାଡ଼ି ଗୁଡ଼ିକ ଆସିବା ଯିବାରେ ମଧ୍ୟ ଅନେକ ସମୟ ବିଳମ୍ବ ହେବ। ସେହିପରି ଚାଷୀମାନେ ମଧ୍ୟ ଗାଡ଼ିରେ ଚାଷରେ ବ୍ୟବହୃତ ଗାଡ଼ି ଗୁଡ଼ିକ ବ୍ୟବହାର ପାଇଁ ମଧ୍ୟ ସମସ୍ୟା ଉପୁଜିବ। ଏ ବିଷୟରେ ବାରମ୍ବାର ପ୍ରଶାସନ ପାଖେ ଏହାର ସମାଧାନ ନିମନ୍ତେ ଜଣାଇଥିଲେ ବି ପ୍ରଶାସନ ପକ୍ଷରୁ ଏହାକୁ ଦୃଷ୍ଟି ଦିଆ ଯାଇନଥିଲା। ଯାହା ଫଳରେ ଆଜି ସକାଳୁ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ବସି ରହିଥିଲେ। ରାଜପଥର ଦୁଇ ପାର୍ଶ୍ୱରେ ଅନେକ ଗାଡ଼ି ଲମ୍ବା ଲାଇନ କରି ଛିଡା ହୋଇ ରହିଥିଲେ। ଘଟଣାସ୍ଥଳରେ ପି କେ ବର୍ମା (ଜାତୀୟ ରାଜପଥ ପି ଡି) ପହଞ୍ଚି ବୁଝାସୁଝା କରିବା ସହ ୩୦ଦିନର ସମୟ ନେଇଥିଲେ। ପରେ ଆନ୍ଦୋଳନ ହଟିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଅଚାନକ ମାଡ଼ି ବସିଲା ଅବକାରୀ ବିଭାଗ

## ୯୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ



**ଦିଗପହଣ୍ଡି,୨୭।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଧରପକଡକୁ ଜୋରଦାର କରାଯାଇଛି। ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ସଦଳବଳେ ସୋମବାର ସକାଳେ ଦିଗପହଣ୍ଡି ଥାନା ଅନ୍ତର୍ଗତ କେରାଣ୍ଡିମାଳ ପାହାଡ଼ର ନୂଆଗାଁ, ଢେପାଗୁଡା ଗ୍ରାମ ନିକଟ ପାହାଡିଆ ଦୁର୍ଗମ ଜଙ୍ଗଲ ଓ ଝରଣା ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରି ଚୋରା ମଦ ଭାଟି ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଜଣାପଡିଛି। ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ ମଦ ଭାଟିରେ ଦେଶୀମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୧୨ଶହ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୯୦ ଲିଟର ଅପମିଶ୍ରିତ ଦେଶୀମଦ ସହ ୬ ଟି ପ୍ଲାଷ୍ଟିକ ଡ୍ରମକୁ ଜବତ କରାଯାଇଛି। ଏହି ମଦ ପ୍ରସ୍ତୁତି ଓ ଚୋରାଚାଲାଣରେ ସମ୍ପୃକ୍ତ ବଡ଼ଡୁମୁଲା ପଞ୍ଚାୟତ ନୂଆଗାଁର ମୁନା ମଲ୍ଲିକ ଏବଂ ଡେଙ୍ଗାପଦର ପଞ୍ଚାୟତ ଢେପାଗୁଡ଼ା ଗ୍ରାମର ବୁଦ୍ଧିଆ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ଦିଗପହଣ୍ଡି ଅବକାରୀ ଥାନା ଓଆଇସି ଅନିତା ପ୍ରଧାନ, ଏଏସଆଇ ଏନ. ତ୍ରିପତି, କନେଷ୍ଟବଳ ରାଜେଶ କୁମାର ଜେନା,ବଳରାମ ପାତ୍ର,ପୃଥ୍ୱୀରାଜ ସ୍ୱାଇଁ ପ୍ରମୁଖ ରବିବାର ସନ୍ଧ୍ୟାରେ ଆଦିବାସୀ ବହୁଳ ତେଲିଆପଲ୍ଲି, ନୂଆଗାଁ ପ୍ରଭୃତି ଗ୍ରାମରେ ଚଢ଼ାଉ କରି ୭୯ ଲିଟର ଦେଶୀମଦ ଜବତ କରିଥିଲେ। ମଦ ବିକ୍ରି ଓ ଚୋରାଚାଲାଣରେ ସମ୍ପୃକ୍ତ ଥିବା ଢେପାଗୁଡ଼ା ଗ୍ରାମର ରାକେଶ ମଲ୍ଲିକ,ବିରିବାଡ଼ିଆ ଗ୍ରାମର କୈଳାସ ମଲ୍ଲିକ ଏବଂ ନୂଆଗାଁର ବିଷ୍ଣୁ ମଲ୍ଲିକଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଥିବା ଅବକାରୀ ଓଆଇସି କହିଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ

**ଜୟପୁର,୨୭।୧୦(ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବାପ୍ରାଧିକରଣ, ଜୟପୁରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ବିଚାରାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିଶିଥ୍ ନିଶଙ୍କ ପରିବାର ଅଦାଲତ ବିଚାରତି, ଡ.ସଂଘମିତ୍ରା ଦାଶ ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ବିଚାରରତି ପୋକ୍ସ କୋର୍ଟ, ସୁଶ୍ରୀ ପ୍ରଜ୍ଞାନଳିନୀ ମିଶ୍ର ଅତିରିକ୍ତ ଜିଲ୍ଲାଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ, ଏସ.ଶୁଭଲକ୍ଷ୍ମୀ ସି.ଜେ.ଏମ, ଶ୍ରୀ ସୂର୍ଯ୍ୟ ପ୍ରକାଶ ଦାସ ବରିଷ୍ଠ ଦେୱାନୀ ବିଚାରପତି, ଶ୍ରୀମତୀ ଅଳକାନନ୍ଦା ମହାନ୍ତି ବରିଷ୍ଠ ଦେୱାନୀ ତଥା ମହିଳା ଅଦାଲତ ବିଚାରପତି, ବିଷ୍ଣୁପ୍ରସାଦ ଦେବତା ରେଜିଷ୍ଟ୍ରାର୍ ସିଭିଲ କୋର୍ଟ, ଶ୍ରୀ ସନ୍ତୋଷ କୁମାର ବାରିକ ଏସ.ଡି.ଜେ.ଏମ, ଶ୍ରୀ ହରମୋହନ ଦଶ. ଜେ.ଏମ.ଏଫ.ସି, ଜୟପୁର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ଜିଲ୍ଲା ବିଚାରାଳୟର ସମସ୍ତ ବିଚାରବିଭାଗୀୟ ମାନେ ଉପସ୍ଥିତ ଥିଲେ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମକର୍ତ୍ତା, ଜିଲ୍ଲା ବିଚାରାଳୟର ସମସ୍ତ ବିଭାଗର କର୍ମକର୍ତ୍ତା, ଜିଲ୍ଲା ବାର ଆସୋସେସନ ର ସମସ୍ତ ଆଇନଜୀବି ବୃନ୍ଦ ଲିଗାଲ ଡିଫେନ୍ସ କାଉନସେଲ କର୍ମକର୍ତ୍ତା ଏହି ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଧୁତାର ଶପଥ ପାଠ କରିଥିଲେ। ଏବଂ ଆଗାମି ଭବିଷ୍ୟତରେ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବାକୁ ସଂକଳ୍ପବଦ୍ଧ।